ମହାପାର୍ବଣ ବିଶେଷାଙ୍କ

ଓଡ଼ିଶାର ପ୍ରଥମ ସଂପୂର୍ଣ୍ଣ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ ୪



ଷଷ୍ଠ ବର୍ଷ, ପଞ୍ଚମ ସଂଖ୍ୟା

ଅକ୍ଟୋବର, ୨୦୧୧

ଓଡ଼ିଶାର ପ୍ରଥମ ସଂପୂର୍ଣ୍ଣ ଓଡ଼ିଆ ଇ-ପତ୍ରିକା

# ଆହ୍ୱାନ

ଆସ ଓଡ଼ିଆରେ ଲେଖିବା, ପଢ଼ିବା, ପଢ଼ାଇବା


ପ୍ରତିଷ୍ଠାତା ଓ ସଂପାଦକ

## ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍, ପି.ଜି.ଡ଼ି.ଏମ୍.ସି.ଏଚ୍, ପି.ଜି.ଡ଼ି.ଏଚ୍.ଏମ୍

ଯୋଗାଯୋଗ : ବୀମା ନଗର, ଆମ୍ବପୁଆ ମୁଖ୍ୟ ରାସ୍ତା, ବ୍ରହ୍ମପୁର, ପିନ୍: ୭୬୦୦୧୦, ଓଡ଼ିଶା, ଫୋନ୍: ୯୮୬୧୯୬୨୧୬୦

ଚଳିତ ବର୍ଷ ଓଡ଼ିଶାରେ ବନ୍ୟା ବିଭିଷୀକା ଦେଖା
ଦେଇଛି । ରାଜ୍ୟର ଉତ୍ତର ପଶ୍ଚିମାଞ୍ଚଳ ଓ
କେନ୍ଦ୍ରାଞ୍ଚଳର ଅନ୍ୟୁନ ଦଶଟି ଜିଲ୍ଲାର ପ୍ରାୟ ତିନି
ହଜାରରୁ ଅଧିକ ଗ୍ରାମ ଏହା ଦ୍ୱାରା ପ୍ରଭାବିତ ହେବା
ସହିତ, ଏକ ହଜାରରୁ ଅଧିକ ଗ୍ରାମ ସଂପୂର୍ଣ୍ଣ ଭାବରେ
ବିଚ୍ଛିନ୍ନ ହୋଇ ରହିଛି । ଏହି ପରି ଏକ ସମୟରେ
ସମଗ୍ର ରାଜ୍ୟବାସୀଙ୍କ ସହ ସହାନୁଭୂତି ରଖୁଥିବା
ଅଗଣିତ ସ୍ୱେଚ୍ଛାସେବୀ ମାନଙ୍କ ଉଦ୍ଦେଶ୍ୟରେ ଏହି
ସଂସ୍କରଣ ଉତ୍ସର୍ଗୀକୃତ ।



## ପ୍ରଚ୍ଛଦ

ପବିତ୍ର ଦଶହରା ପର୍ବ ଉପଲକ୍ଷେ ପ୍ରକାଶିତ ଆହ୍ୱାନର ଏହି ବିଶେଷ ସଂସ୍କରଣର ପ୍ରଚ୍ଛଦରେ ମା' ଦୁର୍ଗାଙ୍କର ସିଂହବାହିନୀ ଓ ମହିଷମର୍ଦ୍ଦିନୀ ବେଶର ଉପସ୍ଥାପନ କରିବା ଜରୂରୀ ଥିଲା । ଇଣ୍ଟରନେଟ୍‌ରୁ ମା' ଦୁର୍ଗାଙ୍କର ବିଭିନ୍ନ ପ୍ରକାରର ଅନ୍ୟୂନ ପଚାଶଟି ଫଟୋଚିତ୍ର ଡ଼ାଉନଲୋଡ୍ କରିବାପରେ ଏହି ଚିତ୍ରକୁ ନେଇ ପ୍ରଚ୍ଛଦ ପ୍ରସ୍ତୁତ କରାଯାଇଛି ।

## ଆହ୍ୱାନ ପ୍ରକାଶନ ବିଷୟରେ ସମ୍ୟକ୍ ବିବରଣୀ

- ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା ।
- ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ ।
- ବେଳେ ବେଳେ ପୂଜାପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣ ମାନ ମଧ୍ୟ ପ୍ରକାଶିତ ହୁଏ ।
- ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ
- ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ ।
- ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ ଲେଖିକା ମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ ।
- ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକା ମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।
- ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ ।
- ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।
- ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।
- ଲେଖକ ଲେଖିକା ମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇପାରିବେ ।
- ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ ।
- ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବ ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।
- ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ ।

ଆମକୁ ଲେଖା ପଠାଇବା ଠିକଣା : -


# ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍, ପିଜିଡ଼ିଏମ୍‌ସିଏଚ୍, ପିଜିଡ଼ିଏଚ୍‌ଏମ୍

ବୀମା ନଗର, ବ୍ରହ୍ମପୁର, ୭୬୦୦୦୧, ଓଡ଼ିଶା, ଫୋନ୍:- ୯୬୧୯୬୨୧୬୦ / ୯୦୪୦୯୮୫୪୭୩

ଇ-ମେଲ୍ : aahwaan@gmail.com

# ସୂଚୀପତ୍ର


ପ୍ରଚ୍ଛଦ ୪

ଆହ୍ୱାନ ବିଷୟରେ ୫

ସଂପାଦକୀୟ ୮

ମନୋଜ ଦାସ

କୁତୁରୀ ନାନୀ ୧୧

ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଓଡ଼ିଶାରେ ଦୁର୍ଗାପୂଜା ୧୭

ଆଶିଷ କୁମାର ପଣ୍ଡା

ଭୁଲ୍ ଏଠି କାହାର୍ ୧୯

ପ୍ରଶାନ୍ତ କୁମାର ଭୂୟାଁ

ମୋ ଭ୍ରମଣ କାହାଣୀ ୨୨

ରଶ୍ମୀ ରଞ୍ଜନ ଦାଶ

ସଂସାର ଛାଡ଼ିବି ଭାବିଲି ୩୧

ଅକ୍ଷୟ କୁମାର ରାଉତ

ମନର ବିକୃତ ଭାବନା କ'ଣ ପ୍ରେମ ? ୩୩

ବିଷ୍ଣୁ ପ୍ରସାଦ ଚୌଧୁରୀ

ନିଦ ହଜିବାର ବେଳ ୩୫

ଶକୁନ୍ତଳା ବଳିଆରସିଂ

ଆମେରିକା ସ୍ମୃତି ୩୯

ଚନ୍ଦ୍ର ଶେଖର ବିଶ୍ୱାଳ

ପ୍ରେମାୟନ ୪୭

ପ୍ରଶାନ୍ତ କୁମାର ଭୂୟାଁ

ଭୂୟାଁ ବାବୁଙ୍କ ରୋଷେଇ ଘରୁ ୫୨

ରଶ୍ମୀ ରଞ୍ଜନ ଦାଶ

ତୁ ପରା ମା'... ମୋ ଦୁର୍ଗା ମା ୫୬

ବିଦ୍ୟାଧର ପଣ୍ଡା

ପ୍ରହସନ ୬୦

ଉଦୟନ ସୂପକାର

ମରଣର ଲାଭ ୬୧

ଶ୍ରାବଣୀ ପଟ୍ଟନାୟକ

ପ୍ରତିଜ୍ଞା ୬୩

ଡ଼ଃ କୁଳାଙ୍ଗାର

ବାତେରାର ଦୁର୍ଗାସ୍ତବ ୬୪

ସୁନିତା ଦାସ

ଭଲ ପାଇବାର ପ୍ରତିଶୃତି ୬୬

ଡ଼ଃ ଦେବେନ୍ଦ୍ର କୁମାର ପାଣିଗ୍ରାହୀ

ନିସ୍ତବ୍ଧ ୬୮


## କଥା ଓ କବିତା ବିଶେଷ


କୁମାର ଅଜିତଙ୍କ ୩ଟି କବିତା ୭୦

ଶ୍ରେୟା ଦାସ ୭୫

ହେମଲତା ସାହୁ ୭୭

ରୀତା ରଥ ୭୯

| | |
|---|---|
| ନୃସିଂହ ମହାରଣା | ୮୭ |
| ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୮୯ |
| ସ୍ୱାଇଁ ରମେଶ ଚନ୍ଦ୍ର | ୯୦ |
| ଆଦିତ୍ୟ ସାହୁ | ୯୪ |
| ରଶ୍ମୀ ରଞ୍ଜନ ଦାଶ | ୯୬ |
| ହାସ୍ୟକବି ଗୁଣରଞ୍ଜନ ସାଲିମା | ୯୮ |
| ମଳୟ ମହାନ୍ତି | ୯୯ |
| ନିତ୍ୟଦର୍ଶନ ମିଶ୍ର | ୧୦୦ |
| ଚନ୍ଦ୍ର ଶେଖର ବିଶ୍ୱାଳ | ୧୦୧ |
| ଉର୍ମିଳା ମିଶ୍ର | ୧୦୨ |
| କମଳ କୁମାର ଦାଶ | ୧୦୫ |
| ସରୋଜ ମିଶ୍ର | ୧୦୮ |
| ଅକ୍ଷୟ ରାଉତ | ୧୧୦ |
| ନିବେଦିତା ମିଶ୍ରଗୁରୁ | ୧୧୧ |
| ବିଷ୍ଣୁ ପ୍ରସାଦ ଚୌଧୁରୀ | ୧୧୩ |
| ରଶ୍ମୀ ରଞ୍ଜନ | ୧୧୬ |
| ସୁବାଶିନୀ ତ୍ରିପାଠୀ | ୧୧୭ |
| ପ୍ରଶାନ୍ତ ଭୂୟାଁ | ୧୧୮ |
| କବିତା ପ୍ରତିଯୋଗିତା | ୧୨୦ |
| ମହିଳାମାନେ କଣ ଚାହାନ୍ତି | ୧୨୮ |
| ପୋଡ଼ା ବାଇଗଣ କବିତା | ୧୩୩ |
| ପାଠକୀୟ ପ୍ରଶ୍ନ ଓ ଉତ୍ତର | ୧୩୭ |
| ଚଳିତ ମାସର ପ୍ରଶ୍ନ | ୧୪୧ |
| ଧନ୍ୟବାଦ | ୧୪୨ |




# ସଂପାଦକୀୟ

ମା ଜଗତ୍‌ଜନନୀ ଦେବୀ ଦଶଭୂଜା ମା’ ଦୁର୍ଗାଙ୍କର ନବଦିନ ବ୍ୟାପୀ ମୃଣ୍ମୟୀ ପ୍ରତିମାର ପୂଜୋତ୍ସବ ଅବସରରେ ଆହ୍ୱାନର ବିଶେଷ ପୂଜା ସଂସ୍କରଣ ଉନ୍ମୋଚନ କରୁଛି । ବର୍ଷର ଏହି ସମୟ, ଯେତେବେଳେ ଗଗନ ପବନରେ ମାତୃଶକ୍ତିର ଅପୂର୍ବ ଶିହରଣ ଖେଳିଯାଏ, ଗ୍ରାମ, ପୁରପଲ୍ଲୀ, ସହର ବଜାର ମୁଖରିତ ହୋଇପଡ଼େ ଜନ ସମାଗମରେ, ଏକ ଶାରଦୀୟ ପର୍ବର ଅୟମାରମ୍ଭ, ଏବଂ କର୍ମମୁଖରିତ ଜନ ସାଧାରଣଙ୍କୁ ପୂଜା ପର୍ବପର୍ବାଣୀରେ ବିଭୋର କରିବା ସମୟ ।

ସାହିତ୍ୟ କଳା ଓ ସଂସ୍କୃତିର ଶାରଦୀୟ ପର୍ବ ଦଶହରା ସମୟରେ ମା ଦୁର୍ଗାଙ୍କ ମୂର୍ତ୍ତିପୂଜା ପାଉଛି । କୋଟି କୋଟି ଟଙ୍କା ବ୍ୟୟରେ ସୁଦୃଶ ତୋରଣ ମାନ ସହର ବଜାରର ଶୋଭା ବଢ଼ାଉଛି, ଲୋକଙ୍କ ମନରେ ଅଫୁରନ୍ତ ଆଶା ଓ ସତେଜତା । ଏହି ସମୟରେ ଭାରତରେ ବିଭିନ୍ନ ଭାଷାରେ ଅସଂଖ୍ୟ ପତ୍ର ପତ୍ରିକାର ବିଶେଷାଙ୍କ ପ୍ରକାଶିତ ହେଉଥିବା ଅବସରରେ ଆମେ ଆପଣଙ୍କୁ ଭେଟି ଦେଉଛୁ, ଓଡ଼ିଆ ଭାଷାରେ ପ୍ରକାଶିତ ପ୍ରଥମ ସଂପୂର୍ଣ୍ଣ ଓଡ଼ିଆ ଇ-ପତ୍ରିକା "ଆହ୍ୱାନ".

ଓଡ଼ିଶାର ବିଭିନ୍ନ ସହର ଯଥା, କଟକ, ବ୍ରହ୍ମପୁର, ରାଉରକେଲା, ଭୁବନେଶ୍ୱର, ବାଲେଶ୍ୱର ଆଦି ସ୍ଥାନରେ ଦୁର୍ଗାପୂଜା ମହା ଜାକଜମକରେ ପାଳନ କରାଯାଏ । ଚଳିତ ବର୍ଷ ଓଡ଼ିଶାରେ ବନ୍ୟାର ବିଭୀଷିକା ଯୋଗୁଁ ପୂଜାର ମହକ୍ କିଛି ମାତ୍ରାରେ ମାନ୍ଦା ପଡ଼ିଛି । ଅସମୟରେ ବର୍ଷା, ମହାନଦୀ ସମେତ ରାଜ୍ୟର ସମସ୍ତ ସାନ ବଡ଼ ନଦନଦୀରେ ବନ୍ୟାଜଳ ଆସିବା ଫଳରେ ରାଜ୍ୟର ଏକ ତୃତୀୟାଂଶ ବନ୍ୟାପ୍ଲାବିତ ହୋଇଯାଇଛି । ଦଶଟି ଜିଲ୍ଲାର ଅନ୍ୟୁନ ତିନି ହଜାର ଗ୍ରାମ ଏହି ବନ୍ୟା ଦ୍ୱାରା ପ୍ରଭାବିତ ହେବା ସହ ଅତି କମରେ ଏକ ହଜାର ଗ୍ରାମ ସଂପୂର୍ଣ୍ଣ ଭାବେ ବିଚ୍ଛିନ୍ନ

ହୋଇ ଯାଇଥିଲା । ସରକାରୀ ଓ ବେସରକାରୀ ସ୍ତରରେ ଉଲ୍ଲେଖନୀୟ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ କରାଯାଉଥିବା ସତ୍ତ୍ୱେ ବନ୍ୟାର ବିଭୀଷିକାକୁ ଦେଖିଲେ ତାହା ସମୁଦ୍ରକୁ ଶଙ୍ଖେ ଭଳି ମନେ ହଉଥିଲା ।

ଆମ ରାଜ୍ୟରେ ଏଭଳି ବନ୍ୟା ବିଗତ ଦୁଇ ଦଶନ୍ଧିରେ ଦେଖା ଯାଇନଥିଲା । ବନ୍ୟାର ଅବସ୍ଥା ବର୍ତ୍ତମାନ ସୁଦ୍ଧା ସୁଧୁରି ନଥିବା ବେଳେ, ଦୁର୍ଗାପୂଜା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ତୋରଣ ମାନ ନିର୍ମାଣ କରିବା ଆମ ବନ୍ୟା ପ୍ରପୀଡ଼ିତ ଭାଇଭଉଣୀ ମାନଙ୍କପ୍ରତି ବିଦୃପ ଅଟ୍ଟହାସ୍ୟ ଭଳି ମନେ ହୁଏ । ରାଜ୍ୟ ସରକାର ବନ୍ୟାଜନିତ କ୍ଷୟକ୍ଷତି ୨୧୨୧ କୋଟି ବୋଲି ଘୋଷଣା କରିବା ସମୟରେ ଆମେ ପୂଜାକୁ ଜାକଜମକରେ ପାଳନ କରିବା କେତେ ଦୂର ଯୁକ୍ତିଯୁକ୍ତ ?

ବିଗତ ମାସରେ ଆପଣ ମାନଙ୍କ ସହାୟତା ଓ ସହୃଦୟତା ଯୋଗୁଁ ପତ୍ରିକା ପୂର୍ବାପେକ୍ଷା ଅଧିକ ସଂଖ୍ୟାରେ ଡ଼ାଉନଲୋଡ୍ ହୋଇଥିଲା । ଆଉ ଚଳିତ ମାସରେ ଏହାର ପାଠକ ସଂଖ୍ୟା ଆହୁରି ଅଧିକ ହେବ ବୋଲି ଆମେ ଆଶା କରୁଛୁ ।

ଆହ୍ୱାନ ଓଡ଼ିଆ ପରିବାର ଆନୁକୂଲ୍ୟରେ ପ୍ରକାଶିତ ଫେସ୍‌ବୁକ୍ ଗ୍ରୁପ୍ କଥା ଓ କବିତାରେ ସଦସ୍ୟ ସଦସ୍ୟା ମାନଙ୍କ କବିତା ପ୍ରତି ଅନୁରକ୍ତି ଦେଖି ଚଳିତ ମାସର ପତ୍ରିକାରେ ସମସ୍ତ କବିତା ସେହି ଗ୍ରୁପରୁ  ସଂଗ୍ରହ କରାଯାଇଛି । ଯଦିଓ ସମସ୍ତ ସଦସ୍ୟ ଅନ୍ୟୁନ ୪-୫ଟି କବିତା ଲେଖିଛନ୍ତି, ଆମେ ପ୍ରତ୍ୟେକଙ୍କ ପାଇଁ କେବଳ ୨/୩ଟି କବିତା ହିଁ ପତ୍ରିକାରେ ସ୍ଥାନ ଦେଉଛୁ । ଆପଣ ଯଦି ଚାହୁଁଥାନ୍ତି ଆମ କଥା ଓ କବିତା ଗ୍ରୁପ ରେ ସାମିଲ୍ ହୋଇ କବିତା ରେ କଥାବାର୍ତ୍ତା କରିବା, ତା'ହେଲେ ଆପଣ ଆମ ଗ୍ରୁପ ବିଜ୍ଞାପନ ରେ ଦିଆଯାଇଥିବା ଲିଂକ୍ ଉପରେ କ୍ଲିକ୍ କରନ୍ତୁ ।

ବିଗତ ମାସରେ ଆମେ ଆହ୍ୱାନ ଅନୁକୂଲ୍ୟରେ ଅନେକ ପ୍ରତିଯୋଗୀତାର ଆୟୋଜନ କରିଥିଲୁ, ଯେପରି କିଛି ଚିତ୍ର ଦିଆଯାଇ ତାହା ଉପରେ କବିତା ଲେଖିବା ପାଇଁ ଦିଆଯାଇଥିଲା । ସେହି ସବୁ ପ୍ରତିଯୋଗୀତାର ଫଳାଫଳ ଚଳିତ ସଂସ୍କରଣରେ ଦେଖିବାକୁ ପାଇବେ । ସେହିପରି ବିଗତ ସଂସ୍କରଣରେ ଆମେ ପାଠକ ମାନଙ୍କ ପାଇଁ ଦେଇଥିଲୁ ଏକ ପ୍ରଶ୍ନ 'ଭାରତ ଭୂମିରେ ଆସି ଆତଙ୍କଲୀଳା କରୁଥିବା ଆତଙ୍କବାଦୀ ମାନଙ୍କୁ ରାଷ୍ଟ୍ରୀୟ ସୁରକ୍ଷା ଦେଇ ବଞ୍ଚାଇ ରଖିବା କେତେଦୂର ଯୁକ୍ତିଯୁକ୍ତ ?' ଉପରେ ଆମ ପାଠକ ମାନଙ୍କ ମତାମତ ଦିଆଯାଇଛି ।

ପୁଣିଥରେ ଆମର ସୁଧୀ ପାଠକ ପାଠିକା ମାନଙ୍କୁ ଜଣାଇ ଦେଉଛୁ ଯେ ଆହ୍ୱାନ କେବଳ ଏକ ପ୍ରତିଷ୍ଠିତ ଲେଖକ ମାନଙ୍କ ପ୍ରକାଶନ ନୁହେଁ, ଏହା ସର୍ବଦା ପ୍ରେରଣା ଯୋଗାଇ ଆସୁଛି ଏବଂ ଦେଉଥିବ ମଧ୍ୟ ନୂତନ ଲେଖକ ଲେଖିକା ମାନଙ୍କୁ, ଓଡ଼ିଆ ଭାଷାରେ ଲେଖା ଲେଖି କରିବା ପାଇଁ ପ୍ରୋତ୍ସାହନ ଦେଇ ଆସିଛି ଏବଂ ଦେଇ ଆସୁଥିବ ମଧ୍ୟ । ଓଡ଼ିଆ ଭାଷାର ପ୍ରୋତ୍ସାହନ ପାଇଁ ଆମେ ସଦା ତତ୍ପର ରହି ଆସିଛୁ, ଏବଂ ରହି ଆସୁଥିବୁ ମଧ୍ୟ । ଫେସ୍‌ବୁକ୍‌ରେ ଆହ୍ୱାନ ଗ୍ରୁପରେ ସଦସ୍ୟ ହୁଅନ୍ତୁ ଏବଂ ଓଡ଼ିଶାର ଉନ୍ନତି ରେ ଭୂମିକା ଗ୍ରହଣ କରନ୍ତୁ ।

ପରିଶେଷରେ ଆପଣ ମାନଙ୍କ ମନୋରଞ୍ଜନ ପାଇଁ ଉପସ୍ଥାପନ କରୁଛି, ଅକ୍ଟୋବର ମାସର ବିଶେଷ ସଂସ୍କରଣ । ଆଶା କରୁଛି ଏହା ଆପଣ ମାନଙ୍କ ମନକୁ ପାଇବ, ଏବଂ ଆପଣଙ୍କ ଓଡ଼ିଆରେ କିଛି ପଢ଼ିବାର ଆଶାକୁ ପୁରଣ କରିବ ।

ଧନ୍ୟବାଦ

Katha o Kabita Group on Facebook

https://www.facebook.com/groups/146695028745928/

Aahwaan Group on Facebook

https://www.facebook.com/groups/aahwaan/

Aahwaan Fans Page on Facebook

https://www.facebook.com/pages/Aahwaan/198087516882495



# କୁତୁରୀ ନାନୀ

ମନୋଜ ଦାସ

ଇମିତି ସବୁ ଉଦୁଉଦିଆ ନୀରବ ଦୁଇ ପହରେ ମନେପଡେ କୁତୁରୀ ନାନୀ କଥା ।

ହାବୁକା ହାବୁକା ଝାଇଁମରା ବାଆ ଆଉ ସେପଟର ନିଃସଙ୍ଗ ଅଶ୍ୱତଥ୍ ଡାଳରୁ କାଆ କାଆ ଶବ୍ଦରେ ଖରାବେଳିଆ ତନ୍ଦ୍ରା ଅପସରି ଗଲେ, ଆଜି ବି ଗୋଟାଏ ତୃଷାରେ ମନଟା କେଇ ସେକେଣ୍ଡ୍ ଆକୁଳି ବିକୁଳି ହୁଏ । ଅବଶ୍ୟ ଇମିତି କିଛି ଅମୂଲ୍ୟ ତୃଷା ନୁହେଁ । ହୁଏତ ଇମିତି ବେଳେ ଗୋଟାଏ ଗ୍ଲାସ ସର୍ବତ ଏ ତୃଷାକୁ ଲିଭାଇ ଦେଇ ପାରନ୍ତା । କିନ୍ତୁ -

ଏ 'କିନ୍ତୁ' ଭିତରେ କିଛି ରୋମାଞ୍ଚ ନାହିଁ । କାରଣ କୁତୁରୀ ନାନୀ ଥିଲା ନିହାତି ଢଙ୍ଗହୀନ ରକମର ଧୁନ୍ଦୁଲି ମୋଟୀ ଏବଂ ମୁଁ ଥିଲି ବୟସରେ ଏକାନ୍ତ ନଗଣ୍ୟ, 'ବର୍ଣ୍ଣବୋଧ'ର ପ୍ରଖ୍ୟାତ ବେଙ୍ଗ ଛବି ପର୍ଯ୍ୟନ୍ତ ।

ବଂଶଧାରାର ମାଇଲ୍ ମାଇଲ୍ ଧୂସର ବାଲୁଚରର ଏକ ଅସାଡ ପ୍ରାନ୍ତ, ଗୁଣୁପୁର ଗାଁର ଆରମ୍ଭ ଯେଉଁଠୁ, ଅପର୍ଯ୍ୟାପ୍ତ ଅଙ୍କରାନ୍ତି ଓ ଧୁତୁରା ବୁଦା ପରିବେଷ୍ଟିତ ସେଠି କେତେଗୁଡିଏ ଛୋଟ ଛୋଟ ବାଙ୍ଗ୍ଲୋ । ତହିଁରୁ ଗୋଟିଏ ଆମର ବସା । ପଛପଟେ ଯେତେବେଳେ ବ୍ୟାପକ ବାଲୁଚର ଉତ୍ତପ୍ତ ହୋଇ ଉଠୁଥିଲା, ଅନତି ଦୂରର ସଂଘବଦ୍ଧ ନିର୍ବାକ ଶାଳବଣ ଅସମ୍ଭବ ଯନ୍ତ୍ରଣାରେ ଭାଜିଯାଉଥିଲା, ସେତେବେଳେ ଘରର ନିର୍ଜନ ବାତାବରଣ ମୋତେ ବିରକ୍ତ କରୁଥିଲା । ମୁଁ ଘରଛାଡି ଚୁପ୍‌ଚୁପ୍ ବାହାରକୁ ପଳାଇ ଆସୁଥିଲି ।

ଇମିତି ପଳେଇ ଆସି ବଂଶଧାରାର ଶୁଷ୍କ ବାଲୁଚର ଉପରେ ଦିନକର ମଧ୍ୟାହ୍ନରେ 'ନ ଯଯୌ ନ ତସ୍ଥୌ' ଅବସ୍ଥାରେ ଖୁବ୍ ଜୋରରେ ଲେଫ୍‌ଟ୍ ରାଇଟ୍ କରୁଥିଲି ଏବଂ ବୋଧହୁଏ ବଡ କରୁଣ ଭାବରେ ହାଉଳିମାଉଳି ଖାଉଥିଲି; କିନ୍ତୁ ଏତିକି ବେଳେ ମୋତେ କୋଳ କରିନେବାପାଇଁ, କାହିଁ ଥିଲା କେଜାଣି, କୁତୁରୀ ନାନୀ ଯିମିତି ଭାବରେ ତା'ର ପ୍ରଚଣ୍ଡ ଓଜନର ଦେହଟାକୁ ନେଇ ଧାଇଁ ଧାଇଁ ଆସୁଥିଲା, ତାହା ମୋ ଜୀବନରେ ଚିରସ୍ମରଣୀୟ ଏକ କରୁଣ ଦୃଶ୍ୟ । କୁତୁରୀ ନାନୀର ଝାଳ-ଝରଝର ଛାତି ଓ ବାହୁ ଭିତରେ ମୁଁ ନିସ୍ତେଜ ହୋଇ କାନ୍ଦଣା ବନ୍ଦ କରିଥିଲି ।

କୁତୁରୀ ନାନୀ ସମସ୍ତଙ୍କ ଘରେ ଦୁଧ ଯୋଗାଏ । କ୍ରମଶଃ ଯେତେବେଳେ ତା’ ସହ ମୁଁ ଘନିଷ୍ଠ ହେଲି, ସେତେବେଳେ ଜାଣିଲି, ପ୍ରଚଳିତ ନାମଟି ତା’ର ପରିବାରଦତ୍ତ ନୁହେଁ, ନିଜ ଗୁଣରେ ଉପାର୍ଜିତ । ଏତେ ସ୍ପର୍ଶପ୍ରବଣା ସିଏ ଯେ, ଦିହରେ ଟିପ ଲଗାଇବା ତ ଦୂରର କଥା, ଅର୍ଗଳ ବନ୍ଦ କୋଠରି ଭିତରେ ରହି ସିଏ ଯଦି ଝରକା ଦେଇ ଦେଖେ ଯେ କେହି ତାକୁ କୁତୁକୁତୁ ଦେବାର ଅଭିନୟ କରୁଛି, ତ୍ୱାହେଲେ ସେ ଇମିତି କାତର ଭାବରେ, ବାପ ଲୋ, ବୋଉ ଲୋ, ଚୁଲି ଲୋ, ଇତ୍ୟାଦି ଲୋ ବୋଲି ଆର୍ତ୍ତନାଦ କରିବ ଯେ, ସେଥିରେ ମାଙ୍କଡା ପଥର ବିଅ ତରଳ ହେବା ଉଚିତ । ଅତଏବ ତା ନାଁ କୁତୁରୀ ନାନୀ । ସେ ନାନୀ; କାରଣ ଆଉ କିଛି ରୂପେ ତାକୁ ଗ୍ରହଣ କରିବା ନିରାପଦ ନୁହେଁ ।

ଦୈନିକ ଦୁଇ ପହରେ, ଯେତେବେଳେ ମୋର ମନ ଜଣେ କେହି ଖେଳସାଥୀ ପାଇବା ଆଶାରେ ଖୁବ୍ ଜୋରରେ ଆଉଟିପାଉଟି ହୁଏ ଅଥଚ ଅପରିଚିତ ସ୍ଥାନର ପିଲାପିଲିଙ୍କ ଭାଷା, ଆଚାର, ସବୁ କିଛି ମୋତେ ସେମାନଙ୍କଠାରୁ ଦୂରେଇ ରଖେ, ସେତିକିବେଳେ ବଜାର ଫେରି ଶେଷ କରି କୁତୁରୀ ନାନୀ ଆମ ବସାକୁ ଆସେ ଏବଂ ମୋତେ ବାହାରକୁ ନ ଛାଡି ଶୁଆଇ ପକାଇବାର ପ୍ରତିଶୃତି ଦେଇ ମଜୁରି ବାବଦରେ ସେଠାରେ ଖିଆପିଆ କରେ । ପ୍ରଥମ ପ୍ରଥମ ମୋ ଅଝଟପଣିଆ ଯୋଗୁଁ ସେ ବଡ ଅଡୁଆରେ ପଡୁଥିଲା । ଦିନେ ଆଉ କିଛି ଉପାୟ ନ ଦେଖି ମୋ ଆଖିରେ ନିଦ ଦେବା ପାଇଁ କହିଲା - "ଗୀତ ବୋଲିବି ?"

ମୁଁ କହିଲି - "ବୋଲ୍ ।"

ସେ ବହୁତ ସ୍ୱର ଧୀର କରି କ’ଣ ଗୋଟାଏ ଧାଡିଏ ବୋଲିଲା ବେଳକୁ ମୁଁ ତା’ ଗାଲରେ ଗୋଟାଏ ଚଟକଣି ବସାଇ ହୁକୁମ୍ ଦେଇଥିଲି - "ଚୁପ୍‌କର !"

ବଡ ଜୋରରେ ଚମକି ପଡିଥିଲା ସିଏ; କିନ୍ତୁ ହଠାତ୍ ଦିନକର ବିଭ୍ରାଟ ପରେ ମୁଁ ତା’ର ବଡ ପୋଷା ମାନିଗଲି । ଆମ ପଡୋଶୀ ଡିପୋଟି ପୟୋଧର ବାବୁଙ୍କ ଟିକି ଝିଅ କୁମାରୀ ଟେମିର ଗୋଟାଏ ଏକ ସେଲିଆ ଟିପାବତୀ ଥାଏ । ସେ ଯେତେବେଳେ ନିର୍ଧୂମ ଦିନଟାରେ ତାଙ୍କ ଘରପଟୁ ମୋର ଦୃଷ୍ଟି ଆକର୍ଷଣ କରାଇ ବତୀଟି ଲିଭାଏ, ଜଳାଏ ସେତେବେଳେ ମୋର ପୁରୁଷତ୍ୱ ଭାରି ଧକ୍‌କା ଖାଏ । ଦିନେ କୌଣସି ମେଳା ଉପଲକ୍ଷେ ବଜାରକୁ ଯାଇ ମୁଁ ଅନୁରୂପ ଟିପାବତୀଟିଏ ଜିଦ୍ କରି କିଣାଇଲି, କିନ୍ତୁ ରାତି ଅଧରେ ଯେତେବେଳେ ଟିପାବତୀ କଥା ସ୍ୱପ୍ନ ଦେଖି ଉଠିବସିଲି, ସେତେବେଳେ ଜଣାଗଲା ଯେ,

ବଜାରଫେରନ୍ତା ମୁଁ ଚପରାସୀ କାଖରେ ଢୁଳେଇ ପଡିଥିଲି ଓ ଟର୍ଚ୍ଚଟି ସେତିକିବେଳେ ହାତରୁ ଖସିଯାଇଛି । ତା'ପରେ ମୋର ଦ୍ୱିତୀୟ ଥରର ମର୍ମନ୍ତୁଦ ଆବ୍‌ଦାର୍‌କୁ କେହି କାନେଇଲେ ନାହିଁ । ମୁଁ ବି ରାଗିଯାଇ ଖାଇଲି ନାହିଁ, ହାଣ୍ଡି ଭାଙ୍ଗିଲି, ଏବଂ ଅନ୍ୟ କିଛି ଯେତେବେଳେ ନ ଖାଇଲି, ମାଡ ଖାଇଲି । ଦୁଇ ପହରେ ମୁହଁ ମାଡି ବିଛଣାରେ ଧକେଇ ହେଉଥିବା ବେଳେ କୁତୁରୀ ନାନୀ ଚୁପ୍‌କିନା କହିଲା, "କାନ୍ଦନି । ମୁଁ ତୋତେ ଗୋଟାଏ ବଡ ଧରଣର ଟିପାଆଲୁଅ ଆଣିଦେବି ।"

ମୁଁ ଉଠି ବସିଲି - "କାହିଁ, ଦେ !"

ସେ କହିଲା, "ଆଜି ନୁହେଁ, ଆଉ ଦିନେ ।" ତା'ପରେ ମୋର ପ୍ରଶ୍ନ ସବୁର ଉତ୍ତରରେ ସେ ଯାହା ସବୁ କହିଲା, ସେଥିରେ କେବଳ ନୀରବ ସପ୍ରଶଂସ ଆଖିରେ ତାକୁ ଅନାଇ ରହିବା ଛଡା ମୋର ଆଉ କିଛି ଗତି ନଥିଲା । ବଂଶଧାରା ନଈଅର ଆର ପାରିରେ ଯେଉଁ ବିକ୍ରମପୁର ଗାଁ ଦେଖାଯାଏ, ସେଇ ଗାଁରେ ପରା ତା'ର ସୁନ୍ଦର, ନିରୋଳା ଗଜଦନ୍ତରେ ତିଆରି ପ୍ରକାଣ୍ଡ ହର୍ମ୍ୟ । ସେଠି ଆଉ ଡିବି ବା ସେ ଧରଣର କିଛି ଜଳେ ନାହିଁ, ଖାଲି ଟିପାବତୀ ସବୁ ସଦାବେଳେ ଫିଟ୍ ହୋଇଥାଏ । ସେ ସେଇଥିରୁ ଗୋଟାଏ ଆଣି ମୋତେ ଦେବ । ସେ ହର୍ମ୍ୟରେ ପରା ସୁନା ରୂପାର ପଲଙ୍କ ଅଛି । ସେ ବଡ ଗମ୍ଭୀର ହୋଇ ଏ ସବୁ କଥା କହିଲା ।

ମୁଁ ଉଦ୍‌ଗ୍ରୀବ ହେଲି - "ତୁ ସେଠି କରୁ କ'ଣ ?"

"ମନ ଇଚ୍ଛା ଖାଏଁ, ଶୁଏଁ, ଗୀତଗାଏଁ ।"

ମୁଁ ପଚାରିଲି - "ତୁ ଗୀତ ଗାଉ ? ଶୁଣେ କିଏ ?"

ସେ କହିଲା - "ସିଏ ।"

"ସିଏ କିଏ ?"

କୁତୁରୀ ନାନୀ ମୁହଁରେ ଲୁଗା ଦେଇ ହସିଲା ।

ମୁଁ ପଚାରିଲି - "କିଏ ଶୁଣେ, ତୋ ପୁଅ ?"

"ଦୂର୍ !"

"ଆଉ ତେବେ, ତୋ ବୋଉ ?"

"ଦୂଃ !"

ମୁଁ ତା ମୁହଁକୁ ଚାହିଁ ରହିଲି । ସେ ତା କପାଳରେ ଅତି ବୃହତ୍ ସିନ୍ଦୂର ଟିପାଟିକୁ ଅଙ୍ଗୁଳି ଛୁଆଇଁ ଦେଖାଇଦେଲା । ମୁଁ କଷ୍ଟେ ସୃଷ୍ଟେ ଅନ୍ଦାଜ କରି ପଚାରିଲି "ତୁ ଯାହାକୁ ବାହା ହୋଇଚୁ, ସିଏ ?" ଏଥର କୁତୁରୀ ନାନୀ ତୃପ୍ତିର ହସ ହସିଲା । ମୁଁ ପଚାରିଲି, "ତୋ ଗୀତ ଶୁଣି ସିଏ ତୋତେ ପିଟେ ନାହିଁ?" କୁତୁରୀ ନାନୀ ମୁଣ୍ଡ ହଲାଇ ମନା କଲା ଏବଂ ପରେ ପରେ ମୋ କପାଳରେ ଚୁମା ଖାଇ ଇଙ୍ଗିତରେ ବୁଝାଇଦେଲା, ଗୀତ ଶୁଣି ତା' ସ୍ୱାମୀ ତାକୁ ଚୁମା ଦିଏ । ମୁଁ କହିଲି, "ଓଃ ଗେହ୍ଲା କରେ !" ୟା'ପରେ ସେ ଯେତେଥର ଗୀତ ବୋଲିଛି, ମୁଁ ମନା କରିନାହିଁ; ବରଂ ନିଜର କର୍ତ୍ତବ୍ୟ ମନେ କରି ଗୀତ ବୋଲିଲେ ମୁଁ ତାକୁ ଚୁମା ଦିଏ; ସେ ବଡ ଖୁସି ହୋଇ ଆହୁରି ଜୋରେ ଜୋରେ ମୋ ମୁଣ୍ଡରେ ବିଞ୍ଚଣା ବିଞ୍ଚେ ।

ଦିନ ପରେ ଦିନ ମୁଁ ବଡ ଆଗ୍ରହରେ ତା' ସହ ଗପସପ କରେଁ । ଗପସପ ଭିତରେ ଆହୁରି ଏକ ରହସ୍ୟମୟ ଖବର ଶୁଣି ଚକିତ ହେଲି । ତା' ସ୍ୱାମୀକୁ ସେ ମନ୍ତ୍ରବଳରେ ଦିନରେ ଗୋଟିଏ ଭାଲୁ କରିଦିଏ । ସନ୍ଧ୍ୟାପରେ ମନ୍ତ୍ରପାଣି ଢାଳିଦେଲେ ସିଏ ଅତି ଦିବ୍ୟସୁନ୍ଦର ଯୁବାଟିଏ ହୋଇଯାଏ । ମୁଁ ଡରିବି ଭାବି, ସିଏ ଅଭୟ ଦେଇଥିଲା, ସ୍ୱାମୀ ଛଡା ଆଉ କାହା ଉପରେ ସେ ମନ୍ତ୍ର ଖଟିବ ନାହିଁ । ଏସବୁ ଗୋପନ କଥା । ଅତଏବ କାହା ଆଗରେ ପ୍ରକାଶ କରିବିନି ବୋଲି ମୁଁ ତା ଦିନ ଛୁଇଁ ଶପଥ କରିଥିଲି ।

ଟିପାବତୀ କଥା କୁଆଡେ ଗଲା । କୁତୁରୀ ନାନୀ ନଥିବା ବେଳେ ମୁଁ ଏଣିକି ବସା ପଛପଟ ନିର୍ଜନ ସ୍ଥାନରେ ବସି ଏକଧ୍ୟାନରେ ଚାହିଁରହେଁ । ଧୂ ଧୂ ଅପନ୍ତରା ବାଲୁଚର ଶେଷ ସୀମାରେ ଏକ ଅସ୍ପଷ୍ଟ ଜଳଧାର – ବଂଶଧାରା ନଈ । ନଈ ସେପାରିରେ ସଦାବେଳେ ଧୂମାଚ୍ଛନ୍ନ ଏକ ପଲ୍ଲୀ; ବିକ୍ରମପୁର । ତାହାରି ଭିତରେ କେଉଁଠି କୁତୁରୀ ନାନୀର ଇନ୍ଦ୍ରଜାଲ ଘର । ଗଜଦନ୍ତର କାନ୍ଥ, ସୁନାର ପଲଙ୍କ ଭାଲୁପୁଣି ବର ହୁଏ । କୁତୁରୀ ନାନୀଠୁ ଏକଥା ବି ଜାଣିଥିଲି, ସେ ଯେ ଏତେ ମିହନତ କରି ଆମ ଘରକୁ ଦୁଧ ବିକି ଆଣୁଛି, ଝାଳସରସର କପାଳରେ ସୁନ୍ଦୂର ଫାଟିଯାଉଛି, ଏସବୁ ଏକ ଦୈବ ଅଭିଶାପ ପାଇଁ । ତେବେ ଅଭିଶାପର କାଳତକ ଅତିବାହିତ ହୋଇଯିବାକୁ ଆଉ ବେଶି ବିଳମ୍ବ ନାହିଁ । ତା'ର ଏକଥା ଶୁଣି ମୁଁ ଖୁବ୍ ଆଶ୍ୱସ୍ତ ହୁଏଁ । କାରଣ ଅଭିସମ୍ପାତର

ସମୟତକ ବିତିଗଲେ ଭାଲୁ ଆଉ ମୋର କୁତୁରୀ ନାନୀକୁ ଆମ୍ପୁଡି ପକାଇବାର ଆଶଙ୍କା ରହିବ ନାହିଁ ।

ଅନେକ ସମୟରେ ମୁଁ ନାନୀକୁ ଅସ୍ତବ୍ୟସ୍ତ କରିପକାଏଁ – ଥରୁଟେ ହେଲେ ତା' ଘର ଏ ଆଖିଯୋଡାକରେ ଦେଖି ଆସିବା ପାଇଁ । ସେ କିନ୍ତୁ ସବୁଦିନେ ବାଆଁରେଇ ଦିଏ ।

ଆଜି ନୁହେଁ, କାଲି । କାଲି ନୁହେଁ । ଅଭିଶାପର ସମୟଟା କଟିଯାଉ । ଏମିତି କାଳ ଗଡି ଚାଲୁଥିବା ବେଳେ ହଠାତ୍ ମଝିରେ ଦିନେ ନାନୀ ଆସିଲା ନାହିଁ । ଦୁଇ ଦିନ, ତିନି ଦିନ । ଦୁଧ ବିନା ମୋର ଏବଂ ମୋର ରୋଗୀ ଭଉଣୀଟିର ନିହାତି ଅସୁବିଧା ହେବାକୁ ଲାଗିଲା । ଚତୁର୍ଥ ଦିନ ଚପରାସୀ ନାଗେଶ୍ୱର ଯେତେବେଳେ କୁତୁରୀ ନାନୀ ସନ୍ଧାନରେ ବାହାରିଲା, ମୁଁ ଜିଗର ଲଗାଇ ତା' ହାତ ଧରି ବିକ୍ରମପୁର ଚାଲିଲି । ବଂଶଧାରାର ବାଲୁଚର ଉପରୁ କାକର ମରିନି । ସେଦିନ ଯେଉଁ କୌତୁହଳ ଏବଂ ଆବିଷ୍କାରର ଆକାଙ୍କ୍ଷା ନେଇ ଡେଇଁ ଡେଇଁ ବାଟ ଚାଲୁଥିଲି, ସେ ଅନୁଭୂତିର ପୁନରାବୃତ୍ତି ଆଉ ଜୀବନରେ ହୋଇ ନାହିଁ । ବେଳାଭୂଇଁ ଓ ଶାଳବଣ ଶେଷ ହେଲା । ବଂଶଧାରାର ଆଣ୍ଠୁଏ ପାଣି ଉପରେ ଖପ୍ ଖପ୍ ନାଚି ନାଚି ନାଗେଶ୍ୱରର ହାତ ଧରି ମୁଁ ବିକ୍ରମପୁର ଉପାନ୍ତରେ ପହଞ୍ଚି ଆଉ ସମ୍ଭାଳି ପାରିଲି ନାହିଁ –

"ନାଗେଶ୍ୱର, ତୁମେ ନାନୀ ଘର ଦେଖିବ ?"

ତାଚ୍ଛଲ୍ୟସୂଚକ ହାତ ହଲାଇ ସେ ନିର୍ଦ୍ଦେଶ କଲା, "ହେଇ ପରା !" ନଈ ଅତଡାକୁ ଲାଗି ଏକ ମ୍ରିୟମାଣ ଚାଳକୁଡିଆ । କୁଡିଆ ଉପରକୁ ଶୋଇ ଆସିଛି ବଜ୍ରାହତ ଗଛଟିଏ । ଖଜୁରୀ ଗଛଟିଏ । ବିସ୍ମୟ ଓ ହତାଶାର ଧକ୍କା ବାଜିବା ପୂର୍ବରୁ ମୁଁ ଦେଖିଲି, ପାଣି ଗରାଟିଏ କାଖରେ ଧରି କୁତୁରୀ ବନ୍ଧ ଉପରୁ ଓହ୍ଲାଇ ଆସୁଛି । କିଛି କ୍ଷଣ ପରେ ଅବଶ୍ୟ ଲକ୍ଷ୍ୟ କରିଥିଲି, ଦିହ ହାତ ତା'ର ଫୁଲା ଫୁଲା । ଆଖି ଦୁଇଟି ଅନ୍ଦରକୁ ଚାଲିଯାଇଛି । ମୋତେ ଦେଖି ସେ କ୍ଷଣେ ରହିଗଲା । ତାପରେ ଗରା ଓହ୍ଲାଇ ହାତ ଦେଇ ମୋ ଚିବୁକ ଛୁଇଁବା ବେଳକୁ ମୁଁ ତା ହାତ ଛିଞ୍ଚାଡି ଦେଇ ଘୃଣା ଭରେ କହିଥିଲି, "ତୁ ତ ମୋରେ ଟିପାବତୀ ଦେଇପାରିବୁନି !"

ରାସ୍ତାରେ ଆସିବା ବେଳେ ନାଗେଶ୍ୱରଠୁଁ ଶୁଣିଲି, କୁତୁରୀ ନାନୀର ସ୍ୱାମୀ ଗୋଟିଏ

ବର୍ବର । ସବୁଦିନ ମଦ ପିଏ, ଆଉ ନାନୀକୁ କଥା ଅକଥାରେ ଗାଳି ମାଡ ଦିଏ ।

ତା'ସହ ସେଇ ମୋର ଶେଷ ଦେଖା । କୁମାରୀ ଟେମିଙ୍କ ବାପା ବଦଳି ହୋଇଗଲେ, ସୁତରାଂ ମୋର ଆଉ ଟିପାବତୀରେ ଆଗ୍ରହ ନଥିଲା ।

ପରିଶେଷରେ ଆମର ବଦଳି ନିର୍ଦ୍ଦେଶ ଆସିଲା । ଗୁଣୁପୁରର ଯେଉଁ ଆତ୍ମୀୟ ସ୍ୱଜନମାନେ ଆମକୁ ବିଦାୟ ଦେବାକୁ ଷ୍ଟେସନ ଗଲେ ସେମାନଙ୍କ ଭିତରୁ କିଏ ବିସ୍କୁଟ୍, କିଏ ଲଜେନ୍ସ ଦେଇ ମୋତେ ଶେଷ ସ୍ନେହ ଜଣାଇଲେ । ତା'ପରେ ଚୁପ୍‌କିନା ନାଗେଶ୍ୱର ମୋତେ ଗୋଟିଏ କୋଣକୁ ଡାକିଲା । ତା'ଚଦର ତଳେ ଗୋଟାଏ ଟିପାବତୀ ବାହାର କଲା । ନିହାତି ପୁରୁଣା । ଇମିତି ଚେପା ହେଇଯାଇଛି ଯେ, ମନେ ହୁଏ ଲଢେଇରେ ଏହା ହତିଆର ରୂପେ କାମ ଦେଇଚି ।

"କୁତୁରୀ ନାନୀ ଦେଇଚି ।"

ସେଇ ମୁହୂର୍ତ୍ତରେ ଏକ ଦୁର୍ଜୟ ଆକାଙ୍କ୍ଷା ମୋତେ ଆକୁଳ କରିଥିଲା - କୁତୁରୀ ନାନୀକୁ ଥରେ ଦେଖିବାପାଇଁ । ମୁଁ କହିଲି, "ନାଗେଶ୍ୱର ! କୁତୁରୀ ନାନୀ ଆସିବ ନାହିଁ ?" ନାଗେଶ୍ୱର ମୁଣ୍ଡ ହଲେଇ ମନାକଲା । "ଦୁଇ ତିନିଦିନ ହେଲା ଏ ଟିପାବତୀ ହଜିଚି ବୋଲି ସେ ଗେରସ୍ତ ତାକୁ ବାଡେଇ ବାଡେଇ ବେଦମ୍ କରିଦେଇଛି ।" ସେ ଜଣାଇଲା ।

"କୁତୁରୀ ନାନୀ ଏଟା ଚୋରୀ କରି ଦେଇଚି ?"

ନାଗେଶ୍ୱର ତାଚ୍ଛଲ୍ୟସୂଚକ ଭଙ୍ଗୀ କଲା, "ହଃ, ଚୋରୀ ଆଉ କ'ଣ ! ତା ଗେରସ୍ତ ବଦମାସ; ଏଇଥିରେ ନାନୀକୁ ବହୁତ ମାଡ ଦିଏ ।"

ଟିପାବତୀଟି ମୋର ଖେଳନା ବାକ୍ସରେ ବହୁଦିନ ଯାଏଁ ରହିଥିଲା ।

ଓଡ଼ିଶାର ପ୍ରସିଦ୍ଧ କଥାକାର ଶ୍ରୀ ମନୋଜ ଦାସଙ୍କ ସୌଜନ୍ୟରୁ ତାଙ୍କର ଅନୁମତି କ୍ରମେ ପ୍ରକାଶିତ



# ଓଡ଼ିଶାରେ ଦୁର୍ଗାପୂଜା

ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ

'ଯା' ଦେବୀ ସର୍ବ ଭୂତେଷୁ,

ଶକ୍ତି ରୂପେଣ ସଂସ୍ଥିତା ।

ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋନମଃ ।'

ଭାରତୀୟ ଧାର୍ମିକ ଭାବନାରେ ଶାକ୍ତ ପରମ୍ପରା ଅନ୍ୟ ସମସ୍ତ ଭକ୍ତି ସ୍ରୋତ ପରି ବ୍ୟାପ୍ତ । ବିଭିନ୍ନ ରୁପରେ ଶକ୍ତିଙ୍କୁ ମା ରୂପେ ପୂଜା କରାଯାଉଥିଲେ ସୁଦ୍ଧା ଦେବୀ ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ପୂଜା ବର୍ତ୍ତମାନ ଦେଶର ପ୍ରତ୍ୟେକ ସହର ଓ ଗ୍ରାମାଞ୍ଚଳରେ ଦେଖିବାକୁ ମିଳେ । ଦେବୀ ଦୁର୍ଗାଙ୍କର ମହିଷାମର୍ଦ୍ଦିନୀ ବେଶର ପ୍ରତିମାକୁ ପୂଜା କରିବାର ପରମ୍ପରା ଅତି ପ୍ରାଚୀନ, ଏହାର ପ୍ରାଥମିକ ସ୍ୱରୂପ ଓ ବର୍ତ୍ତମାନର ସ୍ୱରୂପ ଭିତରେ ଫରକ୍ ବେଶ ଦେଖିବାକୁ ମିଳିପାରିବ ।

ଯୁଗେ ଯୁଗେ ଶକ୍ତିଙ୍କୁ ନାରୀ ରୂପରେ ହିଁ ପୂଜା କରାଯାଇ ଆସୁଛି । ଦୁର୍ଗା, କାଳୀ, ମହାକାଳୀ, ଭଗବତୀ, ନାରାୟଣୀ ଆଦି ବିଭିନ୍ନ ରୂପରେ ଶକ୍ତି ପୂଜା ସଂପର୍କ୍ତ ହୋଇଛି । ପ୍ରତ୍ୟେକ ସ୍ୱରୂପରେ ମା' ଅତ୍ୟନ୍ତ ସୌନ୍ଦର୍ଯ୍ୟମୟୀ ହୋଇଥିବା ସତ୍ତ୍ୱେ ଶକ୍ତିର ପ୍ରକାଶନ ନିମିତ୍ତ ରୁଦ୍ରରୂପ ଦେଖାଇ ଦିଅନ୍ତି ।

ଖ୍ରୀଷ୍ଟପୂର୍ବ ତୃତୀୟ ଶତକରେ ରଚିତ 'ମାର୍କଣ୍ଡେୟ ପୁରାଣ' ଅନୁଯାୟୀ ରାଜା ସୁରଥ ପ୍ରଥମେ ଉତ୍କଳରେ ଦୁର୍ଗାପୂଜାର ଆରମ୍ଭ କରିଥିଲେ । ଉତ୍କଳର ମହାନ ଶାସକ ମହାମେଘବାହନ ଐର ଖାରବେଳଙ୍କ ପିତୃପୁରୁଷରେ ପରିଗଣ୍ୟ ରାଜା ସୁରଥ ଥିଲେ ଚେଡି । ଚେତ୍ । ଚୈତ୍ରବଂଶର ଜନୈକ ରାଜାଙ୍କ ସହ ଯୁଦ୍ଧରେ ପରାଜିତ ହୋଇ ସେ ନିଜ ସ୍ତ୍ରୀ ଓ ପୁତ୍ରଙ୍କୁ ନେଇ ଜଙ୍ଗଲରେ ଆତ୍ମଗୋପନ କରିଥିବା ସମୟରେ ମେଧସ୍ ଋଷିଙ୍କ ପରାମର୍ଶ କ୍ରମେ ଦେବୀ ଦୁର୍ଗାଙ୍କର ମୃଣ୍ମୟୀ ପ୍ରତିମା ନିର୍ମାଣ କରାଇ ପୂଜାର୍ଚ୍ଚନା କରିଥିଲେ ବୋଲି ଉଲ୍ଲେଖ ରହିଛି । ଶରତ ଋତୁରେ ନଦୀତଟରେ ପୁଷ୍ପଧୂପ ଓ ନୈବେଦ୍ୟ ଅର୍ପଣ ପୂର୍ବକ ଶ୍ରୀ ଦେବୀସୂକ୍ତରେ ମା'ଙ୍କ ପୂଜାର୍ଚ୍ଚନା କରାଇଥିବା କଥା ମାର୍କଣ୍ଡେୟ ପୁରାଣରେ ଉଲ୍ଲେଖ ରହିଛି । ପରେ ପରେ ଏହା ସବୁଠାରେ ଆୟୋଜିତ କରାଯାଇଥିବା କଥା ଜଣା

ଯାଇଛି ।

ପ୍ରତିବର୍ଷ ଶାରଦୀୟ ଦୁର୍ଗାପୂଜା ଆଶ୍ୱିନ କୃଷ୍ଣ ମୂଳାଷ୍ଟମୀଠାରୁ ଆଶ୍ୱିନ ଶୁକ୍ଳ ମହାଷ୍ଟମୀ ପର୍ଯ୍ୟନ୍ତ ଷୋହଳ ଦିନ ଯାଏଁ ଆୟୋଜିତ ହୁଏ । ଏହାକୁ ମହାପାର୍ବଣ ପର୍ବ ବୋଲି ମଧ୍ୟ କୁହାଯାଏ । ଏହି ସମୟରେ ମା'ଙ୍କର ସିଂହାବାହିନୀ ବା ମହିଷମର୍ଦ୍ଦିନୀ ବେଶକୁ ପୂଜା କରାଯାଏ । ଭୁବନେଶ୍ୱର ବ୍ରହ୍ମେଶ୍ୱର ଗ୍ରାମରେ ଅବସ୍ଥିତ ଅଷ୍ଟମ ଶତାବ୍ଦୀର ନୌବାହିନୀରେ ଅବତୀର୍ଣ୍ଣ ମହିଷାମର୍ଦ୍ଦନୀ, ସର୍ବପ୍ରାଚୀନ ମହିଷାମର୍ଦ୍ଦନୀ ମା' ବିରଜା (ଯାଜପୁର), ମାର୍କଣ୍ଡେଶ୍ୱର ମନ୍ଦିରର ଚତୁର୍ଭୂଜା ଓ ଦ୍ୱିଭୁଜା ମହିଷାମର୍ଦ୍ଦନୀ, ଗାରେଡ଼ି ପାଞ୍ଚ ଶିବ ମନ୍ଦିର ଗାତ୍ରରେ ଦ୍ୱିଭୁଜା ମହିଷାମର୍ଦ୍ଦନୀ, ସାଲେପୁର ଶୁକ୍ଳେଶ୍ୱର ଗ୍ରାମର ମାଣିକେଶ୍ୱର ମନ୍ଦିରର ଦ୍ୱିଭୁଜା ମହିଷାମର୍ଦ୍ଦନୀ କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତ ବର୍ଷରେ ବିଭିନ୍ନ ସ୍ଥାନରେ ଦ୍ୱିଭୁଜଠାରୁ ଆରମ୍ଭ କରି ବିଂଶହସ୍ତ ବିଶିଷ୍ଟ ମହିଷାମର୍ଦ୍ଦନୀ ଦୁର୍ଗା ପରିଲକ୍ଷିତ ହୋଇଥାନ୍ତି ।

ଇତିହାସ ଓ କିମ୍ବଦନ୍ତୀରୁ ଉଦ୍ଧୃତ ତଥ୍ୟ ଅନୁଯାୟୀ ମା' ଦୁର୍ଗାଙ୍କର ପ୍ରଥମ ମୃଣ୍ମୟୀ ପ୍ରତିମା ପୂଜା ଉତ୍କଳରେ ହୋଇଥିବା କଥା ମାର୍କଣ୍ଡେୟ ପୁରାଣରେ ଉଲ୍ଲେଖ ରହିଛି । ଦେବୀ ଦୁର୍ଗା ଏକାଧାରରେ ପରମ ବୈଷ୍ଣବୀ ଓ ବିଷ୍ଣୁଙ୍କ ବଲ୍ଲଭୀ ବୋଲି ସାରଳା ଦାସ ଦେବୀ ଭାଗବତ ବା ଚଣ୍ଡିପୁରାଣରେ ଉଲ୍ଲେଖ କରିଛନ୍ତି । ସେ ଯାହା ହେଉ ମହିଷାମର୍ଦ୍ଦନୀ ଦୁର୍ଗା ମୂର୍ତ୍ତିତତ୍ତ୍ୱ ଦୃଷ୍ଟିରୁ ଚାରିଶ୍ରେଣୀରେ ବିଭକ୍ତ କରାଯାଇପାରେ । ଯଥା - ୧. ମହିଷ ଶରୀରଯୁକ୍ତ ମହିଷାସୁର ବଧ କରୁଥିବାର ଦେବୀ ଦୁର୍ଗା । ୨. ମନୁଷ୍ୟ ଶରୀର ଓ ମହିଷ ଶିରଯୁକ୍ତ ମହିଷାସୁର ବଧ କରୁଥିବା ଦୁର୍ଗା । ୩. ମସ୍ତକବିହୀନ ମହିଷ ଗଣ୍ଡିରୁ ନିଷ୍କ୍ରାନ୍ତ ମନୁଷ୍ୟରୂପୀ ମହିଷାସୁର ବଧ କରୁଥିବା ଦୁର୍ଗା । ୪. ସଂପୂର୍ଣ୍ଣ ମାନବ ଶରୀରଧାରୀ ମହିଷାସୁର ବଧ କରୁଥିବା ଦୁର୍ଗା ।

ଦେବୀ ଦୁର୍ଗାଙ୍କ ଆଗମନ ଶରତ ଋତୁର ପାର୍ବଣ ସମୟରେ ସମାଜରୁ ଅସତ୍ୟ, ଅନ୍ୟାୟ ଓ ଦୁର୍ଗତୀକୁ ବିନାଶ କରିବା ପାଇଁ ହୋଇଥାଏ । ମା' କୃପାମୟୀଙ୍କ ଦୟାରେ ଜନମାନସରେ ଆଶାର ସଞ୍ଚାର କରିବା, ସମସ୍ତଙ୍କୁ ଅଭୟ ବର ପ୍ରଦାନ କରିବା ଏହି ଉତ୍ସବର ଏକ ଅନନ୍ୟ ଦୃଷ୍ଟିକୋଣ ହୋଇପାରେ ।

ଉଦ୍ଧୃତାଂଶ - ମହିଷ ମର୍ଦ୍ଦିନୀ ଦୁର୍ଗା ଉପାସନାର ଉନ୍ମେଷ ଓ ବିକାଶ, ସୁଶାନ୍ତ କୁମାର ସ୍ୱାଇଁ, ଉତ୍କଳ ପ୍ରସଙ୍ଗ, ସେପ୍ଟେମ୍ବର-ଅକ୍ଟୋବର, ୨୦୦୫



# ଭୁଲ୍ ଏଠି କାହାର ?

ଆଶିଷ କୁମାର ପଣ୍ଡା

ପୋଖରୀର ସ୍ଥିର ଜଳରାଶିରେ ନିଜ ପ୍ରତିଛବିକୁ ଏକ ଲୟରେ ଅନାଇ କ'ଣ ଗୋଟେ ଭାବୁଥିଲା ମନୁ । ଦୁନିଆକୁ ଚିହ୍ନି ନ ଥିବା ଆଉ ଜାଣି ନ ଥିବା ମନୁ, ନିଜକୁ ନିଜେ ଚିହ୍ନିବାର ଛୋଟିଆ ପ୍ରୟାସ କରୁଥିଲା ଯେମିତି । ଆଠ ବର୍ଷର ଛୋଟିଆ ବାଳକ ସେ । ପିଲାଦିନୁ ହରାଇଛି ବାପାଙ୍କୁ । ଏବେ ମା ତାକୁ ଛାଡ଼ି ଚାଲିଗଲା । କେମିତି ବଞ୍ଚିବ, କଣ ଖାଇବ ଆଉ କୋଉଠି ରହିବ ,ଏଇ କଥା ଘାରି ହେଉଥିଲା ସେ । ମା'ର ସେ ସ୍ନେହ ବୋଳା କଥାପଦକ ,

"ମୋ ଧନଟା ପରା ଆ ଭାତ ଯୋଡ଼େ ଖାଇ ଦେ."

ମନେପଡ଼ିଯାଉଥିଲା ତାର । ତାକୁ ଭାରି ଭୋକ ହେଉଥିଲା । କଣ କରିବ ସେ । ପାଖରେ ଟଙ୍କାଟିଏ ନାହିଁ । ଗାଁ ତାର ମଦନପୁର । ଗାଁ ସ୍କୁଲରେ ତୃତୀୟ ଶ୍ରେଣୀରେ ପଢୁଥିଲା । ମନେପଡିଗଲା ସ୍କୁଲପାଖ ସନିଆ ଭାଇର ଜଳଖିଆ ଦୋକାନ । ଆଉ କାଳବିଳମ୍ବ ନ କରି ସିଧା ଚାଲିଲା । ଦେଖିଲା ଦୋକାନ ବନ୍ଦ । ଓଃ ଆଜି ପରା ରବିବାର । କଣ କରିବ ଏବେ କିଛି ଭାବିପାରିଲାନି । ସେତେବେଳକୁ ସ୍କୁଲରେ ତାର ପ୍ରିୟ ଗୋବିନ୍ଦ ସାର ଯାଉଥିଲେ ସେଇ ବାଟେ । ମନୁ ସ୍କୁଲର ଜଣେ ମେଧାବୀ ଛାତ୍ର ଥିଲା । ଦେଖି ଡାକ ପକେଇଲେ,

"ଆରେ ମନୁ ଆଜି ରବିବାର ପରା ସ୍କୁଲ ଛୁଟି, ତୁ ଏଠି କଣ କରୁଛୁ ?"

କଥା ବାହାରୁ ନ ଥିଲା ତା' ପାଟିରୁ । କଣ୍ଠ ବାଷ୍ପରୁଦ୍ଧ ହୋଇ ଯାଇଥିଲା ତା'ର । ସାର୍ ତା ପାଖକୁ ଗଲେ । ପାଖରେ ଥିବା ବିସ୍କୁଟ ଖାଇବାକୁ ଦେଲେ । ମନୁ ପ୍ରକୃତିସ୍ଥ ହେବା ପରେ ସବୁ କହିଲା । ସାର ସବୁ ଶୁଣିଲେ, ଆଉ ତାକୁ କହିଲେ,

"ତୁ ଆଜିଠୁ ମୋ ପାଖରେ ରହିବୁ । ମନଦୁଃଖ କରେନା ।"

ମନୁ ଏଇ କଥାପଦକ ଶୁଣି ଟିକେ ଖୁସି ଜଣା ପଡୁଥିଲା । ସେହିଦିନଠାରୁ ସେ ମନଦେଇ ପାଠ ପଢିଲା । ଆଉ ଗୋବିନ୍ଦ ସାରଙ୍କ ପାଖରେ ରହିଲା । ଦଶମ ଶ୍ରେଣୀରେ ଭଲ ନମ୍ବର ରଖି ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହେଲା । ବ୍ଲକରେ ପ୍ରଥମ ହେଲା । ତେଣୁ

ଜିଲ୍ଲା ମହୋତ୍ସବରେ ଜିଲ୍ଲାପାଳଙ୍କ ହାତରୁ ଦୁଇ ହଜାର ଟଙ୍କା ଓ ସିଲ୍ଡ୍ ପାଇଲା । ଗୋବିନ୍ଦ ସାରଙ୍କ ଗୋଡ଼ ତଳେ ଲାଗୁ ନ ଥିଲା । ଖୁସିରେ ଗାଁରେ ମିଠା ବାଣ୍ଟିଥିଲେ । ମନୁ ତା'ର ସବୁ ଦୁଃଖ ଭୁଲି ଯାଇଥିଲା । କାରଣ ଗୋବିନ୍ଦ ସାରଙ୍କ ଭିତରେ ସେ ବାପା ଓ ମା ଉଭୟଙ୍କୁ ପାଇଥିଲା । ସ୍ୱପ୍ନ ଦେଖୁଥିଲା ସେ ବଡ଼ ହେଲେ ଡାକ୍ତର ହେବ । ଦେଶର ନାଁ ରଖିବ ଆଉ ତା' ମା ପରି ରୋଗରେ  ମୃତ୍ୟୁବରଣ କରୁଥିବା ଲୋକମାନଙ୍କର ପୂର୍ଣ୍ଣ ହୃଦୟରେ ସେବା କରିବ । ସେଥିପାଇଁ ବିଜ୍ଞାନ ପାଠ୍ୟକ୍ରମ ନେଇ ନାମ ଲେଖାଇଲା ଗାଁ ନିକଟବର୍ତ୍ତୀ ମୋହନ ସୁବୁଦ୍ଧି ମହାବିଦ୍ୟାଳୟରେ । ମନଦେଇ ପାଠ ପଢିଲା ସେ । ସବୁ ଶିକ୍ଷକ ଶିକ୍ଷୟତ୍ରୀ ତା'ର ପ୍ରଖର ଇଚ୍ଛାଶକ୍ତି ଓ ପାଠପଢା ଦେଖି ବହୁତ ଖୁସି ହେଉଥିଲେ ।

ଦିନ ବିତିଗଲା ।

ପ୍ରଥମ ବର୍ଷ ଭଲ ନମ୍ବର ରଖି ଦ୍ୱିତୀୟ ବର୍ଷକୁ ଉତୀର୍ଣ୍ଣ  ହେଲା । ନୂଆ ଛାତ୍ରଛାତ୍ରୀ ମାନେ ଯୋଗଦେଲେ କଲେଜରେ । ସେମାନଙ୍କ ମଧ୍ୟରେ ମିନତୀବୋଲି ଝିଅଟିଏ ଥିଲା , ଯିଏ କି ପ୍ରଥମ ଦେଖାରେ ମନୁର ହୃଦୟ କିଣିନେଇଥିଲା । ମିନତୀ ସହ ଅନେକଥର ଦେଖା ହୋଇଥିଲା କିନ୍ତୁ ସେ ମନର କଥା କହି ପାରିନଥିଲା । କାହିଁକି କେଜାଣି ପଛରୁ କିଏ ଯେମିତି କିଏ ତାକୁ ଟାଣି ଧରୁଥିଲା । ବସିଲେ ,ଉଠିଲେ ,ଶୋଇଲେ ସବୁବେଳେ ଖାଲି ମିନତୀ କଥା ଭାବୁଥିଲା ।

ଦିନେ କଲେଜର ପିକନିକ ସ୍ଥିର ହୋଇଥିଲା ବାଲେଶ୍ୱରର ସୁପ୍ରସିଦ୍ଧ ଶୈବପୀଠ ପଞ୍ଚଲିଙ୍ଗେଶ୍ୱର ଯିବାପାଇଁ । ମନୁ ଓ ମିନତୀ ଦୁଇଜଣଯାକ ଯାଇଥିଲେ ସେଠାକୁ । ମନୁ ସ୍ଥିର କରିଥିଲା ନିଜ ମନକଥା ଜଣାଇଦେବା ପାଇଁ । ଏକୁଟିଆ ଦେଖି କହିଦେଇଥିଲା ମଧ୍ୟ । ମିନତୀ ତା'କୁ କହିଥିଲା ଯେ ସମୟ ଅସିଲେ ସେ ଏହାର ଉତ୍ତର ଦେବ । ମନୁ କଥାଦେଇଥିଲା ସେ ଅପେକ୍ଷା କରିବ ତା'କୁ ମରିବା ଯାଏ ।

ଏମିତି ବର୍ଷେ ବିତିଗଲା । ହେଲେ ମିନତୀଠୁ କିଛି ଉତ୍ତର ପାଇ ନ ଥିଲା ସେ । ସବୁବେଳେ ମିନତୀ କଥା ଭାବି ବସୁଥିଲା । ସତେ ଯେମିତି ତାର ଦୁଃଖଦ ଅତୀତ ଭୁଲି ଯାଇଥିଲା । ପାଠପଢାରେ ପୁରା ଅବହେଳା କରିଥିଲା । ପରୀକ୍ଷା ଆସିଗଲା । ପଢାରେ ଅବହେଳା କରିଥିବାରୁ ସେ ପୁରା ବ୍ୟସ୍ତ ହୋଇପଡ଼ିଲା । ଯାହା ସେ ସ୍ୱପ୍ନ ଦେଖିଥିଲା ,ସତ ହୋଇପାରିବ ନାହିଁ ଭାବି ତା'ର ମୁଣ୍ଡ ଘୁରେଇଗଲା । କ'ଣ ସେ କରିବ ଆଉ ବୁଦ୍ଧିବାଟ ଦିଶିଲାନି । ପୁଣିଥରେ ସେଇ ପିଲାଦିନ କଥା ଏକୁଟିଆପଣ କୁ

ହୃଦୟଙ୍ଗମ କରିଥିଲା । ମନୁ ଉପରେ କଲେଜର ସବୁ ସାରମାନଙ୍କର ପୁରା ବିଶ୍ୱାସ ଥିଲା ଯେ ସେ କଲେଜର ନାଁ ରଖିବ । ଗାଁରେ ସମସ୍ତେ ଚାହିଁ ବସିଥିଲେ ସେ କେବେ ଡ଼ାକ୍ତର ହେବ ଆଉ ଆମମାନଙ୍କର ସେବା କରିବ । ଗୋବିନ୍ଦ ସାର ବି ଇଛା କରିଥିଲେ ସେ ଦିନେ ନା ଦିନେ ଖୁବ୍ ବଡ଼ ମଣିଷ ହେବ । ଏ ସବୁ କଥା ମୁଣ୍ଡ ଭିତରେ ତା'ର ସତେ ଯେମିତି ବାରମ୍ବାର ପ୍ରତିଧ୍ୱନି ସୃଷ୍ଟି କରୁଥିଲା ।

ଦିନେ ହଠାତ ମନୁର ମୃତ ଶରୀର ଉଦ୍ଧାର କରାଗଲା , ତା' ହଷ୍ଟେଲ ରୁମ୍ ରୁ । ଘଟଣା ବିଦ୍ୟୁତବେଗରେ ଖେଳିଗଲା । ସମସ୍ତେ ସ୍ତବ୍ଧ ହୋଇଯାଇଥିଲେ । କଲେଜ ଶୁନଶାନ୍ ହୋଇଯାଇଥିଲା । ସତେ ଯେମିତି ନିରବଦ୍ରଷ୍ଟା ସାଜିଥିଲା ସେ । କାହାରି ପାଟିରେ ଭାଷା ନ ଥିଲା । ଗୋବିନ୍ଦ ସାର ଏ ଖବର ପାଇ ଦୁଃଖରେ ଭାଙ୍ଗିପଡ଼ିଲେ । ପୋଲିସ ଅସିଥିଲା ତଦନ୍ତ କରିବାକୁ । ମନୁର ପକେଟରୁ ଗୋଟେ ଚିଠି ବାହାରିଥିଲା । ସେଥିରେ ଲେଖାଥିଲା ,

ଜୀବନର ପ୍ରତିଟି ପହାଚରେ ମୁଁ କେବଳ ଏକୁଟିଆ ହୋଇ ରହିଆସିଛି । କାହାରି ଇଛା ମୁଁ ପୁରଣ କରି ପାରିଲି ନାହିଁ । ଆଉ ଏ ଜୀବନ ରଖି ଲାଭ କଣ । ସେଥିପାଇଁ ମୁଁ ଏହାକୁ ଶେଷରାସ୍ତା ଭାବେ ବାଛିନେଲି । ଗୋବିନ୍ଦ ସାର ତୁମେ ମୋ ପାଇଁ ଯାହା କରିଛ , ସେଥିପାଇଁ ମୁଁ ଚିର ଋଣୀ । ତୁମପରି ବାପାଟିଏ ମୋତେ ସବୁ ଜନ୍ମରେ ମିଳୁ କିନ୍ତୁ ମୋ ପରି ପୁଅ ତୁମକୁ କେବେ ନ ମିଳୁ । ମୋତେ କ୍ଷମା କରିଦେବେ ।

ଏହା ଥିଲା ମନୁର ଶେଷ ଚିଠି ।

ମୁଁ ଏହି କାହାଣୀ ଲେଖିବାର କାରଣ ଆମମାନଙ୍କ ଭିତରେ ଏମିତି ଅନେକ ମନୁ ଅଛନ୍ତି । ପ୍ରତିଦିନ ଖବର କାଗଜରେ ଏମିତି ଜଣେ ମନୁର କାହାଣୀ ବାହାରୁଛି । ତେବେ ମୋର ପ୍ରଶ୍ନ ଏ ସମାଜକୁ ଆଉ କେତେଦିନ ଏହିଭଳି ମନୁମାନେ ନିଜକୁ ନିଜେ ହତ୍ୟା କରୁଥିବେ ?

ଏହାର ଅନ୍ତ କେବେ ?

ଭୁଲ ଏଠି କାହାର ? ? ?



# ମୋ ଭ୍ରମଣ କାହାଣୀ

ପ୍ରଶାନ୍ତ କୁମାର ଭୂୟାଁ

## ୧. ରେଳଯାତ୍ରା

ହଜିଲା ଅତୀତକୁ ଖୋଜିଲା ବେଳକୁ ମନ, ହୃଦୟ ଓ ଆତ୍ମା ଏକାକାର ହୋଇଥାନ୍ତି । ସେଥିରେ ରୋମାଂଚ ଥାଏ ଏବଂ ଯନ୍ତ୍ରଣା ମଧ୍ୟ ଭରି ରହିଥାଏ । ମୁଁ କିନ୍ତୁ ଏହି ପରିଣତ ବୟସରେ ଅତୀତକୁ ଆଉଡ଼େଇ ଥାଏ । ମୋ ଅତୀତକୁ, ମୁଁ ବୁଢ଼ୀ ଅସୁରୁଣୀ ଭଳି ସାଇତି ରଖେ । ନ ରଖିବି କିଆଁ ? ଏଇତ ହେଉଛି ମୋ ସାରା ଜୀବନର ସଞ୍ଚୟ । ମୋର ଅତି ନିଜର । ଏହାକୁ କେବଳ ମୁଁ ହିଁ ଅନୁଭବ କରିଛି ଏବଂ ମୁଁ ହିଁ ଉପଭୋଗ କରିପାରେ । ବେଳେ ବେଳେ ଏକାନ୍ତରେ ବସି, ଦିଗ୍‌ବଳୟ ଭିତରେ ଅତୀତକୁ ନେଇ ହଜିଯାଏ । ସେ ସବୁରେ ମୁଁ ମୋ ଗାଁ, ମୋ ପାଖଲୋକ ଓ ମୋ ଚାରିପାଖରେ ଘଟିଯାଇଥିବା କଥାକୁ ଝୁରେ ଓ ବେଳେ ବେଳେ ପାଗଳଙ୍କ ଭଳି ହସି ହସି ଗଡ଼ିଥାଏ ।

ସବୁକଥା ଖୋଲି ବସିଲେ ଆପଣଙ୍କ ବେଳ ଗଡ଼ିଯିବ । ଚାଲନ୍ତୁ ମୋର ଏହି କଥା ମାଧ୍ୟମରେ, ମୋ ଜୀବନରେ ବହିଯାଇଥିବା ଗ୍ରୀଷ୍ମ, ବର୍ଷା, ଶୀତ ଓ ବସନ୍ତର ହିସାବ ଦେବି । ଜୀବନରେ ଅନେକ ଜାଗା ବୁଲିଛି, ଲୋକମାନଙ୍କ ସାଙ୍ଗରେ ମିଶିଛି, ବହୁତ୍ କଥା ଶୁଣିଛି, ଦେଖିଛି, ଶିଖିଛି ଓ ବୁଝିଛି ।

ଆଜି ବୁଢ଼ୀ ଅସୁରୁଣୀର ସେଇ ଅବୁଝା ପେଡ଼ିକୁ ଖୋଲିଲା ବେଳକୁ ଜ୍ୟୋତି ବାବୁଙ୍କୁ ଧନ୍ୟବାଦ ନ ଦେବାଟା ଅସୁନ୍ଦର ହେବ 'ଆହ୍ୱାନ'ର ଏହି ଜନ୍ମଦାତା ହିଁ ପ୍ରଥମ ବ୍ୟକ୍ତି ଯିଏକି ମୋତେ ଏହି କାହାଣୀ ଲେଖିବାକୁ ପ୍ରତ୍ୟକ୍ଷ୍ୟରେ ଉସୁକାଇଥିଲେ ।

ପାଠକେ ସତ କହି ରଖୁଛି, ସିଧା ସଳଖ କଥା କହିବାଟା ପିଲାଦିନୁ ହିଁ ମୋ ବୋଉଠାରୁ ଶିଖିଥିଲି । ମୋ ସ୍ତ୍ରୀର କଳାମୁକୁଳା ବାଳ ଭିତରେ କଳାବଉଦକୁ ଖୋଜିନାହିଁ କିମ୍ବା ବୁଲ୍‌ବୁଲ୍‌ର୍ ସ୍ୱରରେ ମଧୁରତା ଖୋଜିନାହିଁ । ଯୌବନର ସିଢ଼ିରେ କେତେବେଳେ ଚଢ଼ି ଆରପଟେ ଓହ୍ଲାଇ ଆସିଲି ତାହା ଆଜିଯାଏଁ ଜାଣିପାରିଲି ନାହିଁ ।

ଜ୍ଞାନ ଆସିଲା ବେଳକୁ, ଏତିକି ବୁଝିପାରିଥିଲି ଯେ ସମାଜର ଏକ ଉଚ୍ଚ ମଧ୍ୟବିତ୍ତ ପରିବାରର ମୁଁ ସର୍ବକନିଷ୍ଠ ସନ୍ତାନ । ମୋ ବାପା ଏକ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ

ଶିକ୍ଷକ । ଜନ୍ମମୋର ଓଡ଼ିଶାର ଏକ ଛୋଟ ଗାଁରେ । ସରକାରୀ କାଗଜରେ ଏହା ଏକ ଗ୍ରାମ ପଂଚାୟତ । ଗୁଗୁଲ୍‌ର ମାନଚିତ୍ରରେ ମୋ ଗାଁ ଏକ କୁଆଁତାରା ସହ ସମାନ ।

ବାପାଙ୍କ ସହ ପିଲା ଦିନରୁ ରସବାଲତି ନେଇ ନିତିଦିନ ବୋଡ଼ା ନଦୀକୁ ଯାଏ ଗାଧୋଇବାକୁ । ସେ ମୋତେ ନିତି ରାଲେ (ସେତେବେଳେ ସାଇକେଲ କେବଳ Raley Company ହିଁ ପ୍ରସ୍ତୁତ କରୁଥିଲେ ) ସାଇକେଲ୍‌ରେ ବସାଇ ସ୍କୁଲକୁ ନେଇଯାଉଥିଲେ । ତାଙ୍କ ସାଙ୍ଗରେ ଯିବାକୁ ମୋର ନିଜ ଆଗ୍ରହ ପ୍ରବଳ ଥିଲା । ସାଙ୍ଗରେ ଗଲାବେଳେ ସେ ମୋତେ ଦେଶ ବିଦେଶ କଥା, ଜ୍ଞାନ ବିଜ୍ଞାନ କଥା, ଦେଶ ସରକାରଙ୍କ କଥା ବହୁତ କହୁଥିଲେ ଆଉ ମୁଁ ଯାହା ବି ସମ୍ୟକ ଜ୍ଞାନ ପିଲାଦିନେ ରଖୁଥିଲି ଏ ସବୁ ବିଷୟରେ ସେ ସବୁ ମୋ ପିତାଙ୍କ ସୌଜନ୍ୟରୁ ସମ୍ଭବ ହୋଇ ପାରିଥିଲା । ପ୍ରଧାନ ଶିକ୍ଷକଙ୍କ ପୁଅ ଏବଂ ଜ୍ଞାନରେ ପାରଙ୍ଗମ କଥା ଭାବି ମୁଁ ନିଜକୁ ବହୁତ ଅକଲବାଲା ବୋଲି ମନ କରୁଥିଲି । ଯେଉଁମାନେ ମୋ ଭାବନାରେ ସାମାନ୍ୟ ମୁର୍ଖ ଥିଲେ ସେମାନଙ୍କ ସହ ମିଳାମିଶା କରିବାକୁ କାହିଁକି କେଜାଣି କେବେ ଇଚ୍ଛା କରୁନଥିଲି । ଏଣୁ ପିଲାଦିନେ ଧୂଳିଖେଳ ସାଥୀ ବହୁତ୍ କମ ଥିଲେ ।

ମୋ ଜୀବନର ଚଲାପଥରେ ମିଶିଥିବା ବହୁତ ଲୋକଙ୍କ କଥା ମୁଁ ଆପଣଙ୍କୁ କହିବି । ବହୁତ୍ ଲୋକଙ୍କ ଅନନ୍ୟ ଜୀବନ ଶୈଳୀ ବିଷୟରେ ମଧ୍ୟ ଜାଣିବା । ବହୁତ ପ୍ରଭାବିତ ହୋଇଛି ମୁଁ ଅନେକଙ୍କ ଦ୍ୱାରା ।

ତୃତୀୟ ଶ୍ରେଣୀରେ ପଢ଼ିବା ସମୟରେ 'ଜହ୍ନମାମୁଁ' ସାଙ୍ଗରେ 'ଦୁର୍ମୁଖ' ଓ 'ନିଆଁଖୁଣ୍ଟା' ପଢୁଥିଲି, ବାପାଙ୍କ ଯୋଗୁଁ । ଚତୁର୍ଥ ଶ୍ରେଣୀରେ 'ବାଲ୍ମିକୀ ରାମାୟଣ', ଷଷ୍ଠ ଶ୍ରେଣୀରେ ସାରଳା ଦାସଙ୍କ 'ମହାଭାରତ', ସପ୍ତମ ପଢ଼ିଲା ବେଳକୁ 'ବୈଦେହୀଶ ବିଳାସ', ଅଷ୍ଟମ ଶ୍ରେଣୀରେ 'ରସ କଲ୍ଲୋଳ', ନବମ ବେଳକୁ 'ରାଧାନାଥ ଗ୍ରନ୍ଥାବଳୀ' ପଢ଼ିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ଏହି ସବୁ ପଛରେ ଥିଲା ମୋ ଶିକ୍ଷକ ପିତାଙ୍କ ପ୍ରଚ୍ଛନ୍ନ ଉଦ୍ୟମ ଓ ପ୍ରଚେଷ୍ଟା ।

କଲେଜରେ ପାଦ ଦେଲାବେଳକୁ ନିଜସ୍ୱ ଆଗ୍ରହରେ ମାର୍କ୍ସ ଏଞ୍ଜେଲସ୍ ଓ ଲେନିନଙ୍କ ବହି ପଢ଼ିଥିଲି । ବଡ଼ଭାଇ ସେତେବେଳେ ଶରତଚନ୍ଦ୍ର ଓ ବଙ୍କିମଚନ୍ଦ୍ରଙ୍କ ବହି ଆଣି ମୋର ପଢ଼ିବାର ନିଶାକୁ ଖୋରାକ୍ ଯୋଗାଉଥିଲେ । ଏଭିତରେ ମୁଁ ଜାପାନ୍ , ରୁଷିଆନ୍, ଚାଇନିଜ୍ ଭାଷାର ପତ୍ରପତ୍ରିକା ସମେତ, ପ୍ରତିଭା ରାୟ, ରବି ସିଂ, ଅଖିଳ

ମୋହନ ପଟ୍ଟନାୟକଙ୍କ ବହି ସବୁ ପଢ଼ି ସାରିଥିଲି । ଆଉ ଏକ ନିଶାଥିଲା ରାତିରେ ପ୍ରମୋଦ କିଶୋର ପଣ୍ଡା, ବିଜୟ କୁମାର ରଣା, କସ୍ତୁରୀ ଚରଣ ଦାଶ ଓ ଭାଗିରଥୀ ଦାଶଙ୍କ ଉପନ୍ୟାସ ପଢ଼ିବା । ସ୍ନାତକ ପଢ଼ିଲା ବେଳକୁ ବେଦ ବେଦାନ୍ତ, ଉପନିଷଦ ଓ ବିବେକାନନ୍ଦଙ୍କ ରଚନା ଆଦି ପ୍ରତି ଆଗ୍ରହ ହୋଇଥିଲା ।

ବହିର ଦୁନିଆରେ ବାଟ ଭୁଲିଯାଇଥିଲା ଏହି ଛାତ୍ର ବହୁତ ଉତ୍‌ଥାନ ଓ ପତନ ଦେଇ ଆଗକୁ ବଢୁଥିଲା । ବହି, ମ୍ୟାଗାଜିନ୍ ଓ ଟିଭି ର ଦୁନିଆ ମୋତେ ବାହାର ଦୁନିଆ ବୁଲିବାକୁ ଓ ସମସ୍ତ ପ୍ରଦେଶର ଲୋକମାନଙ୍କର ଜୀବନଶୈଳୀ ବୁଝିବାକୁ ପ୍ରେରିତ କରିଥିଲା । ପିଲାଦିନେ ବହୁତ ଜାଗା ବୁଲିଥିଲି ହେଲେ ଏଠାରେ ଓଡ଼ିଶା ବାହାରର କଥା ଓ ମୋର ଭ୍ରମଣ କାହାଣୀର ଅୟମାରମ୍ଭ କରିବା ।

---------XXX---------------

ବ୍ରହ୍ମପୁରର ଖଲ୍ଲିକୋଟ୍ କଲେଜରେ ପାଠ ପଢୁଥିବା ସମୟରେ ମୁଁ ଅନୁଭବ କରିଥିଲି ଯେ ବ୍ରହ୍ମପୁର ସହରର ବଡ଼ ବଜାର ଅଞ୍ଚଳରେ ରହୁଥିବା ତେଲୁଗୁ ଭାଷାଭାସୀ ଲୋକମାନଙ୍କ ଉପରେ ଆନ୍ଧ୍ର ପ୍ରଦେଶର ପ୍ରଭାବ ବହୁତ ଥିଲା । ଓଡ଼ିଶା ଆନ୍ଧ୍ର ପ୍ରଦେଶ ସୀମାବର୍ତ୍ତୀ ଏହି ପ୍ରାଚୀନତମ ସହର ଉପରେ ତେଲୁଗୁ ଭାଷା ସହ ସଂସ୍କୃତିର ପ୍ରଚୁର ପ୍ରଭାବ ଦେଖିବାକୁ ମିଳିଥାଏ ।

ଆନ୍ଧ୍ର ପ୍ରଦେଶର ବିଭିନ୍ନ ଦର୍ଶନୀୟ ସ୍ଥାନ ଯଥା ବିଶାଖାପାଟଣା, ବିଜୟନଗରମ୍, ହାଇଦ୍ରାବାଦ୍ ଓ ବିଜୟୱାଡ଼ା ବିଷୟରେ ଅନେକ କଥା ସେହି ଅଞ୍ଚଳରୁ ଆସୁଥିବା ମୋର ସହପାଠୀ ମାନଙ୍କ ଠାରୁ ଶୁଣିଥିଲି । ଆଶ୍ଚର୍ଯ୍ୟର କଥା ବ୍ରହ୍ମପୁରରେ ବଡ଼ ମେଡ଼ିକାଲ ଥିବା ସତ୍ତ୍ୱେ ସାମାନ୍ୟତମ ଦେହ ଖରାପହେଲେ ଅନେକ ଲୋକ ବିଶାଖାପାଟଣା ଯିବାକୁ ଉଚିତ ମନେ କରୁଥିଲେ । ଓଡ଼ିଶାର ଦେବତା ଶ୍ରୀ ଜଗନ୍ନାଥ ହୋଇଥିବା ସତ୍ତ୍ୱେ ଅନେକେ ପ୍ରତ୍ୟେକ ବର୍ଷ ତିରୁପତି ବାଲାଜୀଙ୍କ ଦର୍ଶନ ନିମନ୍ତେ ଯାଉଥିଲେ । ଓଡ଼ିଆ ଚଳଚ୍ଚିତ୍ରର ନାୟକ ମାନଙ୍କ ଅପେକ୍ଷା ଚିରଞ୍ଜିବୀ, ଏନ୍ ଟି ଆର୍ ଆଦିଙ୍କ ବିଷୟରେ ସେମାନଙ୍କ ଧାରଣା ଭଲ ଥିଲା । ଏଣୁ ସେହି ବନ୍ଧୁମାନଙ୍କ ସହ ମିଶି ଆନ୍ଧ୍ର ପ୍ରଦେଶ ବିଷୟରେ ଅଧିକ ଜାଣିବାପାଇଁ କୌତୁହଳ ଜାତ ହୋଇଥିଲା ।

୨୫ ବର୍ଷ ବୟସରେ ରେଳ ଗାଡ଼ି ଚଢ଼ିଥିଲି, ବିଶାଖାପାଟଣା ଯିବାପାଇଁ । ପ୍ରସ୍ତୁତ

ହୋଇଥିଲି ଅନ୍ୟୁନ ୨୫ଟି ତେଲୁଗୁ ଚଳଚ୍ଚିତ୍ର ଦେଖି ଆନ୍ଧ୍ରପ୍ରଦେଶ ବିଷୟରେ ଅଧିକ ଜାଣିବା ପାଇଁ। ପିଲାଦିନୁ ଓଆର୍‌ଟି ବସରେ ବୁଲିଥିବା ଏହି ଶିଶୁ, ଯୌବନର ମଧ୍ୟାହ୍ନରେ ଭାରତୀୟ ରେଳର ଦୁଆରକୁ ମୁହାଇଁଥିଲା। ରେଳ ପ୍ଲାଟଫର୍ମ ମୋ ପାଇଁ ଏକ ପ୍ରହେଳିକା ଭଳି ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ସେଠାକାର ପରିବେଶ ମୋ ଭଳି ଯାତ୍ରୀଙ୍କ ପାଇଁ ବେଶ୍ ଖାପଛଡ଼ା ଥିଲା। ସେଠାରେ ଟିକେଟ୍ ଦ୍ୱାର ପୂର୍ବଦିଗରେ ତ ଅନୁସନ୍ଧାନ ଘର ପଶ୍ଚିମରେ ଥିଲା। ରେଳଗାଡ଼ି ରହିବା ପାଇଁ ସାପ ଦେହ ଭଳି ଲମ୍ବି ଯାଇଥିବା ୩/୪ଟା ରେଳ ଲାଇନ୍ ଥିଲା। ଗାଡ଼ି ବିଷୟରେ ବୁଝିବାପାଇଁ ଅନୁସନ୍ଧାନ ଘରକୁ ଗଲି। ଗାଡ଼ି ବିଷୟରେ ପଚାରିବାକୁ ଆରମ୍ଭ କରିଛି କି ନାହିଁ ଭିତରେ ବସିଥିବା ମହିଳା କର୍ମଚାରୀ ଜଣଙ୍କ ବିରକ୍ତି ଭରା ସ୍ୱରରେ କହିଲେ, '୨ ନଂ ପ୍ଲାଟଫର୍ମରେ ପରା ଗାଡ଼ି ଲାଗିବ, ସମସ୍ତେ ଆସି କଣ ସେଇ ଗୋଟିଏ କଥା ପଚାରୁଛ ?' ଛାନିଆ ହୋଇ ପଡୁଥିଲି। ଇଂରାଜୀରେ ଲେଖା ହୋଇଥିବା ଫଳକଟିକୁ ଯେଉଁଠିରେ ଲେଖା ହୋଇଥିଲା 'ENQUIRY' ତା'ର ଅର୍ଥକୁ ପୁଣିଥରେ ମନେ ପକାଉଥିଲି ଏବଂ ତା'ର ଉପଯୋଗୀତା ବିଷୟରେ ଭାବୁଥିଲି।

ନୂଆ ଅନୁଭବର ଏହି ନୂଆ ଦୁନିଆକୁ ଚିହ୍ନିବାକୁ ଚେଷ୍ଟା କରୁଥିଲି। ରେଳ ଲାଇନ୍ ପାର କରିବାକୁ ମନାଥିବା ସତ୍ତ୍ୱେ ରେଳ କ୍ୟାଣ୍ଟିନର ଲୋକେ, ରେଳବାଇ ପୋଲିସ କର୍ମଚାରୀ ବଡ଼ ଆରାମରେ ସେଇ ରେଳପଥକୁ ପଛରେ ପକାଇ ଚାଲି ଯାଉଥିଲେ। ମୋ ଭିତରେ ଏକ ଦାୟିତ୍ୱବାନ ନାଗରିକ ମୋତେ ଏକ ଉଚ୍ଚ ପୋଲ ଦେଇ ଆରପଟକୁ ଯିବାକୁ ବାଧ୍ୟ କଲା। ଭାରତୀୟ ରେଳର ସମୟାନୁବର୍ତ୍ତିତା ବିଷୟରେ ଯାହା ଶୁଣିଥିଲି ତାହା ନିଶ୍ଚିତ ରୂପେ ସତ ଥିଲା। ସକାଳ ଆଠଟାରେ ଆସିବା ଗାଡ଼ି ଦିପହର ସାଢେ ଏଗାରଟା ବେଳକୁ ଧିରେ ଧିରେ ପ୍ଲାଟଫର୍ମ ମଧ୍ୟକୁ ପ୍ରବେଶ କଲା, ମୌସୁମୀର ଆଗମନ ଭଳି। ରେଳ ଇଂଜିନର କର୍କଶ ଶବ୍ଦରେ ସଂପୂର୍ଣ୍ଣ ପ୍ଲାଟଫର୍ମ ଫାଟି ପଡୁଥିଲା। ସେ ଶବ୍ଦକୁ ସାଥୀ ଦେଇ ଚା' ବାଲା, ଅଣ୍ଡା, ମାଗାଜିନ ବିକ୍ରେତା ଇତ୍ୟାଦିଙ୍କ ଚିତ୍କାର ପରିବେଶକୁ ଆହୁରି କୋଳାହଳମୟ କରି ଦେଉଥିଲା।

ସଦାବେଳେ ବସରେ ଯାତ୍ରା କରୁଥିବା ଏ ବ୍ୟକ୍ତି ଆଜି ପ୍ରଥମ ଥରେ ପାଇଁ ରେଳ ଡ଼ବା ଭିତରକୁ ପାଦ ବଢ଼ାଉଥିଲା। ଭିତରକୁ ଯାଉ ଯାଉ ପ୍ରଥମେ ଖାଲିଥିବା ସିଟରେ ଆସ୍ଥାନ ଜମାଇ ବସିଗଲି। ମୋ ଛଡ଼ା ଆଉ ଜଣେ ଓଡ଼ିଆଭାଇ ବସି ମୋବାଇଲ୍

ଫୋନରେ କାହା ସାଙ୍ଗରେ ଗିରିଧାରୀ ଗମାଙ୍ଗୋଙ୍କ ଠାରୁ ଆରମ୍ଭ କରି ଜାନକୀ ବଲ୍ଲଭ ପଟ୍ଟନାୟକ ପର୍ଯ୍ୟନ୍ତ ଓଡ଼ିଶା ରାଜନୀତିର ଆଲୋଚନାରେ ବ୍ୟସ୍ତ ଥିଲେ । ପାନଛେପ ମଧ୍ୟ ପୋଛି ପକାଉଥିଲେ ହାତରେ । ବାହାରକୁ ଯିବାଟା ସେ ସମୟରେ ଅପଚୟ ବୋଧ କରୁଥିଲେ ।

ରେଳଗାଡ଼ିଟା ହର୍ଣ୍ଣ ବଜାଇ ଆଗକୁ ଗଡ଼ିଚାଲିଲା । ଇଚ୍ଛାପୁର ଷ୍ଟେସନ ପାର୍ ହେଲାପରେ କଳାକୋଟ୍ ପିନ୍ଧା ଜଣେ ଭଦ୍ରଲୋକ ଡ଼ବା ଭିତରକୁ ପ୍ରବେଶ କଲେ । ପାଖରେ ବସିଥିବା କୁଜାନେତାଙ୍କୁ ପଚାରିଲି ଧିରେ, 'ଏ ବାବୁ ଜଣକ କିଏ ?' ଦୈନିକ ଆଶାର ପୃଷ୍ଠାରୁ ମୁହଁ ଫେରାଇ ସେ ମୋତେ ଏକ ପ୍ରକାଶ ଆଶ୍ଚର୍ଯ୍ୟ ହୋଇ ଦେଖିଲେ ଏବଂ କହିଲେ, 'କଣ ଫଷ୍ଟଟେମ୍ କି ?'

କଥାଟା କିଛି ବୁଝିହେଲାନି । ମନେ ମନେ ଦୋହରାଇଲି, ଫ..ଷ୍ଟ...ଟେ...ମ୍ ଏବଂ ବୁଝିଲି ସେ ପଚାରୁଥିଲେ 'ଫାଷ୍ଟ ଟାଇମ୍ କି ?' ମୁଣ୍ଡ ହଲାଇ ସହମତି ଜଣାଇଲି ।

ସେ କହିଲେ, 'ସେ ବା ଟିଟିଆଇ, ଟିକେଟ୍ ଚେକ୍ କରନ୍ତି, ଭଲ ଲୋକ, ଖୋର୍ଦ୍ଧାର ।' ମୋତେ ସବୁ ଧିରେ ଧିରେ ବୁଝାପଡୁଥିଲା । ମାନେ ସେ ବସର ଯେମିତି କଣ୍ଡକ୍ଟର ଥାଆନ୍ତି ସେଇ ପ୍ରକାରର ଜଣେ ପ୍ରାଣୀ ।

ଟିଟିଆଇ ବାବୁ ମୋ ନିକଟକୁ ଆସିଲେ, ଚଷମାଟାକୁ ଆଖି ପାଖରୁ ନାକ ଉପରକୁ ଓହ୍ଲାଇଦେଇ ମୋ ଆଡ଼କୁ ହାତ ବଢ଼ାଇ ଇସାରା ଦେଲେ । ମୁଁ ପୂର୍ବରୁ ପ୍ରସ୍ତୁତ୍ ଥିଲି ଏଣୁ ଚଟକରି ମୋ ଟିକଟ ଖଣ୍ଡିକ ତାଙ୍କ ହାତକୁ ବଢାଇଦେଲି, ଯେପରିକି ଏକ ସୁଶୀଳ ଛାତ୍ର ଶିକ୍ଷକଙ୍କୁ ହୋମଓ୍ୱାର୍କ ବଢ଼ାଇ ଦେଇଥାଏ ।

ଟିଟିଆଇ କହିଲେ, 'କିହୋ ଏଇଟା କଣ ?'

ମୁଁ ସାମାନ୍ୟ ବିଚଳିତ ହୋଇ ଭାବିବାରେ ଲାଗିଲି, ଟିକଟବାଲା କଣ ଭୂଲ୍ ଟିକଟଟାଏ ଦେଇ ଦେଲା କି ? ନା ମୁଁ ଭୂଲ୍ ଗାଡ଼ିରେ ବସିପଡ଼ିଲି ?

ତଥାପି ନିଜକୁ ସମ୍ଭାଳି ପଚାରିଲି ଟିଟିଆଇଙ୍କୁ, 'ଆଜ୍ଞା ଆପଣଙ୍କ ରେଳୱେ କାଉଣ୍ଟରରୁ ପଇସା ଦେଇ ଆଣିଚି ।'

ଟିଟିଆଇ ବାବୁ ଏକ ରହସ୍ୟମୟ କୁଟୀଳ ହସଟାଏ ଓଠରେ ଆଣି କଲମଟାକୁ

କାଣରେ ଲଗାଇ କହିଲେ, ‘ହଁ ବାପ, ସତ କଥାଟା କହୁଛ । ପରବର୍ତ୍ତୀ ଷ୍ଟେସନରେ ଓହ୍ଲାଇ ଶେଷ ବଗିକୁ ଚାଲିଯିବ । କାରଣ ଏହା ଏକ ସଂରକ୍ଷିତ ବଗି ।’

ମୁଁ ଦମ୍ଭର ସହ ପଚାରିଲି, ‘ଆଜ୍ଞା ସମସ୍ତେ ତ ଏଇ ଟିକେଟ୍ କାଟି, ଏହିଭଳି ସଂରକ୍ଷିତ ବଗିରେ ବସିଛନ୍ତି । ପ୍ଲାଟଫର୍ମରେ ମୋର ସାଥୀଟିଏ ବି ଏହା କହିଥିଲା ।’

ପୁଣି ଏକ କୁଟୀଳ ହସଟିଏ ଚମକାଇ ସେ କହିଲେ, ‘ଠିକ୍ ଅଛି । ଯଦି ଏହିଠାରେ ବସିବାକୁ ଚାହୁଁଛ, ଆରାମରେ ବସ । ହେଲେ ସେଇଥିପାଇଁ ତୁମକୁ ଜୋରିମାନା ଦେବାକୁ ପଡ଼ିବ । ମୁଁ ରସିଦ କାଟିଦେବି ?

-ରସିଦ୍, ସେଇଟା ପୁଣି କଣ ?

-ସଂରକ୍ଷିତ ବଗିରେ ବସିବାକୁ ହେଲେ ସେଥିପାଇଁ ଅତିରିକ୍ତ ଭଡ଼ା ଦେବାକୁ ପଡ଼େ, ଏହା ରେଳ ବିଭାଗର ନିୟମ ।

ନିଜକୁ ଟିକେ ସଜାଡ଼ି, ଆମର କଥାବାର୍ତ୍ତାକୁ ଆଁ କରି ଉପଭୋଗ କରୁଥିବା କୁଜାନେତାଙ୍କୁ ପଚାରିଲି, ‘ଏ ସବୁ କଣ ?’

ସେ ମୋ ପାଖକୁ ଟିକେ ଲାଗିଆସିଲେ ଓ ଜର୍ଦ୍ଦାପାନ ଖିଆ ପାଟିକୁ ମୋ କାନ ପାଖରେ ଲଗାଇ କହିଲେ, ‘୨୦/୨୫ ଟଙ୍କା ଦେଇ ରଫାଦଫା କରିଦିଅ, କିଏ ଆଜିକାଲି ରସିଦ କାଟୁଛି ? ଆଉ ଦେଖୁ ଦେଖୁ ଭାଇଜାଗ୍ ଆସିଯିବ । କାହିଁକି ସେଥିରେ ପଡୁଛ ?’

ତା’ପରେ ସେ ଟିଟିଆଇଙ୍କୁ ଚାହିଁ ଦାନ୍ତ ନିକୁଟି କହିଲେ, ‘ଆଜ୍ଞା ସେ ନୂଆ ଲୋକ ଟାଏ । କଥାଟା ତୁଟାଇ ଦିଅନ୍ତୁ । କାହିଁ ଖାଲିଟାରେ ହଇରାଣ କରୁଛନ୍ତି ?’

ବାସ, ସେଇ ଦାନ୍ତ ନିକୁଟା କଥାଟାକୁ ଟିଟିଆଇ ବାବୁ ବୁଝିଗଲେ ଏବଂ ମୋତେ କହିଲେ, ‘ଠିକ ଅଛି, ଦିଅନ୍ତୁ ବଢ଼ାଇ ପଚାଶ ଟଙ୍କା ।’

ମୁଁ ମଧ୍ୟ ୫୦ ଟଙ୍କାଟିଏ ବଢ଼ାଇ ଦେଲି ।ସେ ମହାଶୟ ଟଙ୍କାକୁ ପକେଟରେ ପୁରେଇ କିଛି ନ ହେଲା ପରି ବୁଲି ଚାଳିଗଲେ । ମୋ ମନରେ ଦ୍ୱନ୍ଦ ହେଉଥିଲା, ମୋ ରସିଦ ଦେଲେନି କାହିଁକି ? ଯଦି ଆଉ କେହି ଟିଟିଆଇ ଆସିବ ତାଙ୍କୁ ବି ୫୦ ଦେବାକୁ ପଡ଼ିବ ନା କଣ ?’ ବାସ ଏୟା ଭାବିଭାବି ଡ଼ବାପରେ ଡ଼ବା ଖୋଜିଲି ସେଇ ଟିଟିଆଇଙ୍କୁ । ଦୁଇଟା ଡ଼ବା ପରେ ବାଥ୍‌ରୁମ୍ ପାଖରେ ଦେଖା ହୋଇଗଲେ ସେ, କହିଲି- ଆଜ୍ଞା ମୋ

ରସିଦ ଟା ଦେଲେନି ?

ସେ କହିଲେ- କିହୋ ୫୦ ଟଙ୍କାରେ କି ରସିଦ ?

ମୁଁ ପୁଣି ପ୍ରଶ୍ନକଲି, 'ଆଜ୍ଞା ଆଉ ଯଦି କେହି ପଚାରନ୍ତି ଟିକେଟ୍ ପାଇଁ ମୁଁ କଣ କରିବି ।'

ସେ ସାମାନ୍ୟ ହସିଦେଇ କହିଲେ, 'ସେ ସବୁ ଚିନ୍ତା ଛାଡ଼ । ତୁମେ ଆରାମରେ ଯାଇ ନିଜ ଯାଗାରେ ବସ ।'

ମୁଁ କିନ୍ତୁ ମୋ କଥାରେ ନଛୋଡ଼ବନ୍ଧା । କହିଲି - ନା ଆଜ୍ଞା, କଥାଟା ଅବାଗିଆ ହେବ । ତେଣୁ ପଇସାର ରସିଦଟା ଦେଲେ ଭଲ ହୁଅନ୍ତା । ଏହି କଥାଟା କହି ସତେ ଯେପରି ମୁଁ ତାଙ୍କର ନାଗନାଡ଼ୀଟାକୁ ଛୁଇଁ ଦେଇଥିଲି । ତମ୍ପସାପ ଭଳି ସେ ଗରଜି ଉଠି କହିଲେ, 'ଆପଣ ଗୋଟେ ଭଲ ମଣିଷ ହୋ । ଯେତେବେଳେ ମୁଁ ରସିଦ କଥା କହୁଥିଲି, ନିଜ ଇଚ୍ଛାରେ ହାତଗୁଞ୍ଜା ଦେଇ ମୋତେ ବିଦା କଲ । ଏବେ ସେ ମୋତେ ଚୋର ଚଣ୍ଡାଳ ପରି ରସିଦ ରସିଦ ହେଇଛନ୍ତି କଣ ?'

ମୁଁ ଟିଟିଆଇ ବାବୁଙ୍କ କ୍ରୋଧିତ ହେବାର କାରଣ ବୁଝିପାରୁନଥିଲି । ନମ୍ରସ୍ୱରରେ ତାଙ୍କୁ ବୁଝାଇବାରେ ଲାଗିଲି, 'ଆଜ୍ଞା ମୋ ବାପା ପିଲାଦିନେ ବୁଝାଇଥିଲେ ଯେ-ଯେଉଁଠାରେ ପଇସା ଦେବୁ ରସିଦ୍ ମାଗି ରଖିବୁ । ନହେଲେ ପରେ ଝମେଲା ହୋଇପାରେ ।'

ସେ କହିଲେ, 'ବାପା ତ ବିଲକୁଲ୍ ଠିକ୍ ବୁଝେଇଛନ୍ତି । ତାହା ତ ନିରାଟ ସତ୍ୟ କଥା । ହେଲେ ମୋ କଲେଜ ପଢୁଆ ବାବୁ, ଆପଣଙ୍କ ବାପା ଏହା କେଭେଁ ବୁଝେଇନଥିବା ଯେ ସାଧାରଣ ଟିକଟ୍ କାଟି ସଂରକ୍ଷିତ ବଗିରେ ବସିବାକୁ । ହଉ ତୁମେ ଯଦି ରସିଦ୍ ଚାହୁଁଛ, ତେବେ ନ୍ୟାଯ୍ୟ ପରିମାଣର ଅର୍ଥ ଦେଇ ଦିଅ ।'

ମୁଁ ହଁ ଭରିଲି । ସେ କାଲ୍‌କୁଲେଟର୍ ବାହାର୍ କରି ହିସାବକଲେ ଓ ମୋ ଠାରୁ ବଳକା ପଇସା ନେଇ ମୋ ପାଇଁ ରସିଦଟେ କାଟିଦେଲେ । ମୁଁ ତାଙ୍କୁ ଭଦ୍ରସ୍ୱରରେ ଧନ୍ୟବାଦ ଅର୍ପଣ କଲି । ମୋର ଧନ୍ୟବାଦ ମଧ୍ୟ ତାଙ୍କୁ ବିରକ୍ତ କରିଥିଲା । ମୁଁ ସେଦିନର ସେ ବିରକ୍ତିକର ମୁହଁକୁ ଆଜି ବି ଭୁଲି ନାହିଁ ।

ସେଦିନ ବୁଝିଥିଲି ଓ ଅନୁଭବ କରିଥିଲି ଯେ ନ୍ୟାଯ୍ୟ ପ୍ରାପ୍ୟ ଦେଇ ରାଷ୍ଟ୍ରୀୟ କୋଷକୁ ପଇସା ଦେଇ ମୁଁ ତାଙ୍କର ବ୍ୟକ୍ତିଗତ ଉପାର୍ଜନ ଏବଂ ଖାଇବା ଭାତରେ ଧୂଳି ପକାଇ ଦେଇଥିଲି ।

ସେଠାରୁ ଦୁଃଖରେ ଫେରି ଆସିଲି ମୋର ସିଟ୍‌କୁ । ବସିଲା ପରେ କୁଜୀ ନେତା ଜଣଙ୍କ ପାନଖିଆ ଦାନ୍ତକୁ ନିକୁଟି ପଚାରିଲେ, 'କଣ ଲେଖା ଛିଡ଼ିଲାତ ?' ହେଲେ ମୋର ଉତ୍ତରକୁ ଅପେକ୍ଷା ନ କରି ସେ କହିବାରେ ଲାଗିଲେ । ବୁଝିଲ ବାପ, ଆଜିକାଲି ଯିଏ ଟିକଟ କାଟୁଛି ସିଏ ହେଲା ଗଣ୍ଡମୂର୍ଖ । ଆହେ ଦେଖୁନ, ମୁଁ ୩୦/୩୫ ବର୍ଷ ହେଲା ରେଳରେ ସପ୍ତାହକୁ ୨/୩ଥର ଯାଇ ଆସୁଛି ହେଲେ ଟିକଟ ଘରଟା ମୁଁ ଏ ପର୍ଯ୍ୟନ୍ତ ଦେଖିନି । ଚାଲୁନ ଦେଖିବା ଏହି ଗାଡ଼ିରେ ବସିଥିବା ୬୦/୭୦ ଭାଗ ଲୋକ ଟିଟିଆଇଙ୍କ ଭରସାରେ ହିଁ ରେଳ ଚଢ଼ନ୍ତି । ବୁଝିଲ, ଏ ଟିଟିଆଇ ଗୁଡ଼ାକ ଘୋଡ଼ା ଲାଞ୍ଜୁଆ ହୋ । ତୁମ ହାତରେ ପରା ଟିକଟ୍ ଦେଖିଲେ ତାଙ୍କୁ ଜ୍ୱର ଆସେ ।...

ଧିରେ ଧିରେ ସେ ଦରୋଟି ଇଂରାଜୀ ଭାଷାର ସାହାରା ନେଇ, ଟିଟିଆଇ ତାପରେ ଲାଲୁ ଯାଦବ ସେଇଠୁ ପ୍ରଧାନମନ୍ତ୍ରୀ ଏବଂ ପରେ ପରେ ରାଜ୍ୟର ରାଜନୀତି ଭିତରକୁ ପଶିଆସିଥିଲେ ।

ତାଙ୍କର କଥା ଶୁଣିବାକୁ ଆଉ ଧୈର୍ଯ୍ୟ ନଥିଲା । ଗଛ ଗୁଡ଼ାକ ପଛକୁ ଧାଇଁବାକୁ ଲାଗିଥିଲେ । ମୁଁ ମୋ ଭିତରେ ହଜିଯାଇଥିଲି । ମୋ ଦେଶର ସ୍ୱାଧିନ ପାଇଁ ବଳିଦେଇଥିବା ଅମର ଆତ୍ମା ମାନଙ୍କ ବିଷୟରେ ଭାବୁଥିଲି । ସେମାନଙ୍କର ବଳିଦାନ ଆଜିର ଭ୍ରଷ୍ଟାଚାର ଆଗରେ ନଇଁ ଯାଇଛି । ସେମାନଙ୍କର ଆତ୍ମା ଏବେ ବି କଷ୍ଟ ପାଉଥିବା ।

ସମ୍ବିତ୍ ଫେରି ପାଇଲି ବିଶାଖାପାଟନା ଷ୍ଟେସନରେ । ଦୂରବାଜିରୁ ଭାସି ଆସୁଥିଲା ଘୋଷିକାଙ୍କ ସ୍ୱର । ଫେରି ଦେଖେ, ବିଲ୍‌କୁଲ୍ ସେଇ ପରିବେଶ ସବୁ ପ୍ଲାଟଫର୍ମରେ । ବର୍ହିଗତ ଦ୍ୱାର ଆଡ଼କୁ ମୁହାଁଇଲି । ପ୍ରଥମ ରେଳଯାତ୍ରା ମୋର ହୃଦୟତନ୍ତ୍ରୀକୁ ଥରାଇ ଦେଇଥିଲା । ବଡ଼ମାନଙ୍କର ଏହି ଭ୍ରଷ୍ଟାଚାରର ଦୁନିଆଁକୁ ଦେଖି ମୋ ଭିତରେ ଥିବା ଶିଶୁଟି ବଡ଼ ହେବାକୁ ଡ଼ରିବାରେ ଲାଗିଲା ।

ଫାଟକ ନିକଟରେ ଷ୍ଟେସନ ମାଷ୍ଟର ଓଡ଼ିଆରେ କିଛି ବୁଝାଉଥିଲେ ଜଣେ ମହିଳାଙ୍କୁ । ତାଙ୍କ ପାଖରେ ଠିଆ ହେଲି । ମହିଳାଟି ବିଦାୟ ନେବାପରେ ସେ ମୋତେ

ଫେରି ଚାହିଁଲେ । ଗୋଟିଏ ନିଃଶ୍ୱାସରେ ଟିକଟରେ ହେଉଥିବା ହେର୍‌ଫେର୍ ଓ ଟିଟିଆଇଙ୍କ ଉତ୍‌କ୍ଷିପ୍ତ ବ୍ୟବହାର ବିଷୟରେ କହିଲି । ମୋର ମନକୁ ଟିକେ ଉଶ୍ୱାସିଆ ଲାଗିଲା ।

ସେ ମୋ ପିଠି ଥାପୁଡ଼େଇ କହିଲେ, 'ବାପ, ପଇସା ଦେଇ ରସିଦ୍ ନେଇ ତୁମେ ଠିକ୍ କରିଛ । ଟିଟିଆଇଙ୍କ ବ୍ୟବହାର ପାଇଁ ମୁଁ ଦୁଃଖିତ । କଣ କରିବା ବାପ, ଅଭାବେ ସ୍ୱଭାବ ନଷ୍ଟ ।'

ସେ ପୁଣି ବୁଝାଇଲେ, ଯଦି ସମସ୍ତ ରେଳଯାତ୍ରୀ ଟିକଟ୍ ପଇସା ଦେଇ ରେଳ ଚଢ଼ନ୍ତେ ତାହା ହେଲେ ରେଳ ଧାରଣା ସୁନାରେ କଲେ ମଧ୍ୟ ଭାରତୀୟ ରେଳର ଅସୁବିଧା ହୋଇନଥାନ୍ତା ।

କ୍ଲାନ୍ତ ମନ ଓ ଅବଶ ଶରୀରଟାକୁ ଠେଲି ନେଇ ବାହାରକୁ ଆସିଲି ଷ୍ଟେସନରୁ । ଅପରାହ୍ନ ନଇଁ ଆସୁଥିଲା । ସୂର୍ଯ୍ୟର ସୂନେଲି କିରଣ ରେଳ ଧାରଣାରେ ପଡ଼ି ଚିକ୍ ଚିକ୍ କରୁଥିଲା ସୁନାଭଳି । ମୋ ମନ ଭିତରେ ପ୍ରଶ୍ନଟିଏ ଉଙ୍କି ମାରୁଥିଲା, 'ସତେ କଣ ଏହି ରେଳଧାରଣା, ସୁନାରେ ହେବ ???'

କ୍ରମଶଃ



# ସଂସାର ଛାଡ଼ିବି ଭାବିଲି, ଗୁଡ଼ାଖୁ ଛାଡ଼ି ନ ପାରିଲି

ରଶ୍ମୀ ରଞ୍ଜନ ଦାଶ(ବାପୁ)

ମାନନୀୟ ପ୍ରାଜ୍ଞ, ବିଜ୍ଞ, ସୁଧୀ ପାଠକମଣ୍ଡଳୀ, ସର୍ବପ୍ରଥମେ ସମସ୍ତଙ୍କୁ ଶାରଦୀୟ ଶୁଭେଚ୍ଛା । ଆରେ ହଁ... ଆପଣ ମାନେ ମୋ ଗପଟିର ଶୀର୍ଷକଟିକୁ ଦେଖି ଆଶ୍ଚର୍ଯ୍ୟ ହେଉଥିବେ ନିଶ୍ଚୟ । ହଁ... ହେବା ସ୍ୱାଭାବିକ । ଗୁଡ଼ାଖୁ ସହ ସଂସାର ତ୍ୟାଗ କରିବାର ବା କି ସଂପର୍କ ସେ ନେଇ ମନରେ ଦ୍ୱନ୍ଦ ଉପୁଜିବା ସ୍ୱାଭାବିକ । ଆଜ୍ଞା ମୁଁ ଜଣେ ସେପରି ଜ୍ଞାନୀ ଗୁଣୀ କି ମହାତ୍ମା ବା ପଣ୍ଡିତ ଅଥବା ଲେଖକ ନୁହେଁ । ସାଧାରଣ ମଣିଷଟିଏ । କିନ୍ତୁ ଭଗବାନଙ୍କ କରୁଣା, ପିତାମାତାଙ୍କ ଆଶୀର୍ବାଦ ତଥା ଆପଣମାନଙ୍କ ଶୁଭକାମନାରୁ ଅନେକ ପ୍ରବଚନ, ଗଳ୍ପ ତଥା କାହାଣୀ ଶୁଣିବାର ଭାଗ୍ୟ ଏ ଅଧମକୁ ପ୍ରାପ୍ତ ହୋଇଛି । ସେହି ଶୃତିଲବ୍ଧ ଜ୍ଞାନକୁ ଆପଣ ମାନଙ୍କ ସମ୍ମୁଖରେ ପ୍ରକାଶ କରିବାର ଦୁଃସାହସ କରୁଛି । ଯଦି ଭଲଲାଗେ ତା'ହେଲେ ଗ୍ରହଣ କରିବେ ନଚେତ୍ ପାଗଳର ପ୍ରଳାପ ବୋଲି ଭାବିବେ ଓ ମନରୁ କଥାକୁ ଲିଭେଇ ଦେବେ ।

କେଇ ବର୍ଷ ତଳର କଥା ଶ୍ରୀ ଜଗନ୍ନାଥପୁର ଗ୍ରାମରେ ବାସ କରୁଥାନ୍ତି ଶ୍ରୀଯୁକ୍ତ ଦାମୋଦର ପଣ୍ଡା ମହାଶୟ । କୁଳୀନ ବ୍ରାହ୍ମଣ ପରିବାର ତାଙ୍କର ମଧ୍ୟବିତ୍ତ ଶ୍ରେଣୀର ଲୋକ ସିଏ । ତାଙ୍କର ଗୋଟିଏ ବୋଲି ପୁଅ ନାମ ଶ୍ରୀହରି । ଘରେ ଦାମୋଦର ବାବୁ, ତାଙ୍କ ସହଧର୍ମିଣୀ, ପୁତ୍ର, ପୁତ୍ରବଧୂ ଏବଂ ନାତି ଲୁବୁନ୍ ରହନ୍ତି । ସଂସାର ଏମିତି ଚାଲିଥାଏ । ହଠାତ୍ ଦିନେ ଦାମୋଦର ବାବୁଙ୍କ ମନରେ ସଂସାରତ୍ୟାଗ କରିବା ଇଚ୍ଛା ଜାଗ୍ରତ ହେଲା । ସେ ଭାବିଲେ ଏ ସବୁ ସଂସାରକୁ ତ୍ୟାଗ କରି ସେ ହିମାଳୟ ଚାଲିଯିବେ । ଆଉ କାହା ସହ କୌଣସି ସଂପର୍କ ରଖିବେ ନାହିଁ । ନିଜ ମନ କଥା ସେ ପରିବାରରେ ଜଣାଇଦେଲେ । ସମସ୍ତେ ମନା କରିବା ସତ୍ତ୍ୱେ ସେ ନିଜ ନିଷ୍ପତ୍ତି ଜିଦରେ ଅଟଳ ରହିଲେ । ଶେଷରେ ସେ ପରିବାର ତ୍ୟାଗ କରିବା ଦିନ ଆସି ପହଞ୍ଚିଲା । ଘରୁ ବାହାରି ଯିବାର କିଛି ସମୟ ପୂର୍ବରୁ ସେ ନିଜ ପୁଅକୁ ପାଖକୁ ଡ଼ାକି କହିଲେ, 'ଯା' ମୋ ପାଇଁ ୪/୫ କିଲୋ ଗୁଡ଼ାଖୁ ଆଣିଦେବୁ ।' ପୁଅ ପିତାଙ୍କର ଏତାଦୃଶ ଅନୁରୋଧ ବିଷୟରେ ଅଜ୍ଞ, ପ୍ରଶ୍ନ କଲା, 'ଏତେ ଗୁଡ଼ାଏ ଗୁଡ଼ାଖୁ କରିବ କ'ଣ୍ ?' ସେଉଠୁ ପଣ୍ଡାଏ କହିଲେ, '୨୦/୨୫ ବର୍ଷ ହୋଇଗଲା ଏଇ ଗୁଡ଼ାଖୁ ଘଷିବା ଅଭ୍ୟାସରେ ପଡ଼ିଯାଇଛି । ତାକୁ

ଛାଡ଼ିବା ଭଳି ସାହାସ ମୋର ନାହିଁ । ତେଣେ ହିମାଳୟରେ କାଳେ ଗୁଡ଼ାଖୁ ମିଳିବ କି ନାହିଁ । ତେଣୁ ତୁ ଯା' ନେଇ ଆସିବୁ ।'

ମାନନୀୟ ସୁଧୀ ମଣ୍ଡଳୀ ଉପରର ଏହି କାଳ୍ପନିକ ଗଳ୍ପଟି ମାଧ୍ୟମରେ ମୋର ଆପଣମାନଙ୍କୁ ଗୋଟିଏ ପ୍ରଶ୍ନ ପଚାରିବାର ଇଚ୍ଛା ହେଉଛି । ଦାମୋଦର ବାବୁଙ୍କର ଗୁଡ଼ାଖୁ ଘଷା ଅଭ୍ୟାସ (ଯାହାକି ମାତ୍ର ୨୦/୨୫ ବର୍ଷର) ଛାଡ଼ିବା ତାଙ୍କ ପକ୍ଷେ ସମ୍ଭବ ହେଉନଥିବା ସମୟରେ ସେ କେଉଁ ସାହସରେ ୫୦/୫୫ ବର୍ଷର ଏ ସଂସାରକୁ ତ୍ୟାଗ କରିବା କଥା କହୁଛନ୍ତି ? ଏହିପରି କହିବା ହାସ୍ୟାସ୍ପଦ ନୁହେଁ କି ?

ଯେଉଁ ପୃଥିବୀରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣଙ୍କ ମୁଖରୁ ୧୮ ଅଧ୍ୟାୟ ଭାଗବତ ଗୀତା ଶୁଣିବା ପରେ ମଧ୍ୟ ଅର୍ଜୁନଙ୍କ ପରି ମହାନ ବ୍ୟକ୍ତି ସଂସାର ମାୟା ଛାଡ଼ି ପାରିନଥିଲେ, ସେଠାରେ ଆମେ ଛାର ମନୁଷ୍ୟ ସଂସାର ଛାଡ଼ିବା କଥା ଭାବିବା କେତେଦୂର ଯୁକ୍ତିଯୁକ୍ତ ? ତା'ଛଡ଼ା 'ମନ ଦେଇଥିବୁ ଏଣି ତେଣି କି... ହାତ ପାତିଥିବୁ ବୁଢ଼ିଆଣୀ କି' ନ୍ୟାୟରେ ଯଦି ସଂସାର ଛାଡ଼ିଦେଇ ପୁଣି ସଂସାର କଥା ଭାବିବା ତାହା ହେଲେ ତାହା ପାଗଳାମୀ କି ନାଁ ତାହା ବିଚାର କରିବା ଦାୟିତ୍ୱ ସୁଧୀ ପାଠକଙ୍କୁ ଦେଲି ।

ଏଣୁ ନିଜ ନିଜ ସ୍ଥାନରେ ରହି ନିଜର ଯାବତୀୟ କର୍ମରୁ ପଛଘୁଞ୍ଚା ନ ଦେଇ ସମସ୍ତ କର୍ତ୍ତବ୍ୟକୁ ଯଥା ସମ୍ଭବ ସୂଚାରୁ ରୂପରେ ସଂପନ୍ନ କରି ସେହି କର୍ମବ୍ୟସ୍ତ ଜୀବନ ଭିତରେ କିଛି ସମୟ ବାହାର କରି ନର-ରୂପୀ ନାରାୟଣଙ୍କ ସେବାରେ ନିଜକୁ ନିୟୋଜିତ କଲେ ମୁକ୍ତିର ଦ୍ୱାର ନିଶ୍ଚୟ ଭାବେ ଉନ୍ମୁକ୍ତ ହୋଇ ପାରିବ ବୋଲି ମୋର ବିଶ୍ୱାସ । କାରଣ ଶରୀର କେବଳ ଆମ ପାଇଁ ନୁହେଁ...'ପରୋପକାରାୟ ଇଦମ୍ ଶରୀରା' ।



# ମନର ବିକୃତ ଭାବନା କ'ଣ ପ୍ରେମ ?

ଅକ୍ଷୟ କୁମାର ରାଉତ (ନୂଆ ଦିଲ୍ଲୀ)

ପ୍ରେମବିନା ଜୀବନର ପରିଭାଷା କିଛି ହୁଏନା । ପ୍ରେମ ସତ୍ୟ, ଚିରନ୍ତନ, ଈଶ୍ୱର । ଆଜିର ଆଧୁନିକ ସଭ୍ୟ ସମାଜ ପ୍ରେମର ପରିଭାଷାକୁ କଳୁଷିତ, କଳଙ୍କିତ କରିବାରେ ଲାଗିଛି । ପ୍ରେମ ହୋଇପାରେ ମା' ଓ ପୁଅର, ପତି ପତ୍ନୀର, ଭାଇ ଭଉଣୀର ଅବା ପ୍ରେମିକ ପ୍ରେମିକାର । ପ୍ରତ୍ୟେକ କ୍ଷେତ୍ରରେ ପ୍ରେମର ଭାବନା ଅଲଗା ହୋଇପାରେ ହେଲେ ପରିଭାଷା ଏକ । ପ୍ରେମ ତ୍ୟାଗ, ବଳିଦାନ ଏବଂ ସତ୍ୟରେ ବିଶ୍ୱାସ କରେ । ଆଜି ଯେଉଁ ପ୍ରେମ ପ୍ରସଙ୍ଗ ସବୁଠୁ ଚର୍ଚ୍ଚାର ବିଷୟ ତାହା ସମସ୍ତଙ୍କୁ ଜଣା । କେଉଁଠି ଅଠର ବର୍ଷର ଯୁବତୀକୁ ପଚାଶ ବର୍ଷର ବୟସ୍କ ବ୍ୟକ୍ତି ଭଲ ପାଉଛି ତ କେଉଁଠି ଅଳ୍ପ ବୟସର ଯୁବତୀଟି ପ୍ରେମ କରି ବସୁଛି ନିଜ ପିତା ବୟସର ବ୍ୟକ୍ତିକୁ । କେଉଁଠି ପୁଣି ରକ୍ତର ସମ୍ପର୍କକୁ କଳଙ୍କିତ କରି ସେମାନେ ଦର୍ଶାଉଛନ୍ତି ପ୍ରେମର ବିଜୟକୁ । ଏହା କଣ ପ୍ରେମ ...? ମନ ଚାହୁଁଥିବା ସାଥୀଟିଏ ମିଳିଗଲେ ଅଟକିଯାଏ ସେଇଠି । ସାତ ତାଳ ଗର୍ଭର ଫରୁଆ ଭିତରେ ଥିବା ମନଟିକୁ କେହି ଅଟକାଇ ପାରନ୍ତି ନାହିଁ । ଦିଗହରା ହୋଇଯାଏ ସେ । ଫୁଲଟିର ମଧୁର ମହକରେ ପାଗଳ ହୋଇ ନାଚିଉଠେ ଭ୍ରମରଟି । ଭଅଁରଟି ଦେଖି ଫୁଲଟି ମନରେ ଖେଳିଯାଏ ଖୁସିର ଝଲକ । ମନେ ମନେ ଉଙ୍କି ଉଠେ ଅସୁମାରୀ ସପନ । ଭୂଲିଯାଏ ସେ ନିଜକୁ । କ୍ଷଣିକ ଆନନ୍ଦରେ ବିଭୋର ହୋଇ ସେ ନିଜକୁ ସମର୍ପିତ କରିଦିଏ । ଏହା କ'ଣ ପ୍ରେମ...? ନା ଶରୀରର ପାଶବିକ ପ୍ରବୃତ୍ତିକୁ ଚରିତାର୍ଥ କରିବାର ଏକ ପ୍ରୟାସ...? ସ୍ୱାଧୀନତା, ନଗ୍ନତା ଏବଂ ଅଧିକାର ନାମରେ ସମାଜକୁ କଳୁଷିତ କରି ଦିଆଯାଉଛି । ଆଉ ଏଇ ସ୍ୱାଧୀନତା ଏବଂ ଅଧିକାରକୁ ପୃଷ୍ଟି କରିବାକୁ ସମାଚାର ପତ୍ର, ନ୍ୟୁଜ୍ ଚ୍ୟାନେଲ୍ ଠୁ ଆରମ୍ଭ କରି ସାମାଜିକ କାର୍ଯ୍ୟକର୍ତ୍ତା ମଧ୍ୟ ଆଗେଇ ଆସୁଛନ୍ତି ।

ମା' ପ୍ରେମର ମହତ୍ତ୍ୱ ଆଜିର ସମାଜ ପାଇଁ ନଈ ସୁଅରେ ପତର ଭଳି । ଗର୍ଭରେ ଧାରଣ କରିବାଠାରୁ ଆରମ୍ଭ କରି ନିଜର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେ ନିଜର ସନ୍ତାନକୁ ଦିଏ ଅନାବିଳ ପ୍ରେମ, ତା'ର ମଙ୍ଗଳ କାମନା କରେ । ଲୁହ, ଲହୁକୁ ଜଳାଞ୍ଜଳୀ ଦେଇ ଜନ୍ମ ଦେଇଥିବା ନବଜାତ ଶିଶୁଟିର ମୁହଁକୁ ଚାହିଁ ସେ ଭୁଲିଯାଏ ତା'ର ସମସ୍ତ ଦୁଃଖ, ଯନ୍ତ୍ରଣାକୁ । ନବଜାତ ଶିଶୁଟିର ନାଲି ଟୁକୁଟୁକୁ ଚେହେରାରେ ସେ ଦେଖେ ନିଜକୁ । ତା'ର

ଟିକି ଟିକି ଆଖିରେ ଦେଖେ ସେ କେତେ ସପନ। ମାତୃତ୍ୱ ନାରୀ ଜୀବନର ସର୍ବଶ୍ରେଷ୍ଠ ଦାନ, ଯାହା ପାଇଁ ନାରୀ ଗର୍ବ କରେ। ସନ୍ତାନ ଜନ୍ମପରେ କେବଳ ମାତୃତ୍ୱ ପୁର୍ଣ୍ଣାଙ୍ଗ ହୁଏନି, ସନ୍ତାନ ଯେତେବେଳେ ମା'ର ସ୍ୱପ୍ନକୁ ସାକାର କରେ ସେତେବେଳେ ତା ମାତୃତ୍ୱର ହୁଏ ପୂର୍ଣ୍ଣାହୁତି। ହେଲେ ଆଜି ସେ ହାରିଯାଇଛି। ହାରିଯାଇଛି ତା ପ୍ରେମ, ତା ତ୍ୟାଗ, ତା ବଳିଦାନ। ଟିକିଏ ଅସୁସ୍ଥ ହୋଇପଡ଼ିଲେ, ମା'ଟା କେମିତି ରାତି ସାରା ଛଟପଟ ହୁଏ। ତା'ପାଇଁ ସେ କେତେ ମାନସିକ କରିବସେ ଠାକୁରଙ୍କ ପାଶେ। ଆଜି କ'ଣ ତା'ର କିଛି ମନେ ପଡୁନି ...?

କେମିତି ବା ମନେ ପଡ଼ିବ ସେ ଦିନ କଥା। ଏହା ଯେ ତା'ର ଅଧିକାର। ସନ୍ତାନର ଲାଳନପାଳନ କରିବା ଏବଂ ତା'ପାଇଁ ତ୍ୟାଗ କରିବା ପ୍ରତ୍ୟେକ ମା' ବାପାର କର୍ତ୍ତବ୍ୟ। ଆଜିର ସମାଜ ପାଇଁ ମା'ବାପାର ତ୍ୟାଗ ବଳିଦାନର ଏହା ଏକ ନୂଆ ପରିଭାଷା। ଆଜିର ସମାଜରେ ପ୍ରେମ ଏକ ସଂକ୍ରମିତ ରୋଗ। ପ୍ରେମର ଅର୍ଥ କେବଳ ମନର କଳୁଷିତ ଭାବନାକୁ ପରିପ୍ରକାଶ କରିବା ଏବଂ ପାଶବିକ ପ୍ରବୃତ୍ତିକୁ ଚରିତାର୍ଥ କରିବା ନାହିଁ, ଏଠି ବଳିଦାନ, ତ୍ୟାଗ, ପବିତ୍ରତା, ସ୍ନେହ ଓ ମମତା। ଅଛି ଏଠି ବିଦେଶର ଅପସଂସ୍କୃତି ଭରା ନଗ୍ନତା, ସ୍ୱାଧୀନତା ଏବଂ ଉଶୃଙ୍ଖଳତା। ଯେଉଁ ପ୍ରେମରେ ତ୍ୟାଗ, ବଳିଦାନ, ପବିତ୍ରତା ନାହିଁ, ସେ ପ୍ରେମର ଅର୍ଥ କଣ ? ବରଂ ଏହା ପ୍ରେମ ନୁହେଁ ଏହା ମନର ଏକ ବିକୃତ ଭାବନା। ଯାହା ଆମ ସମାଜକୁ କଳୁଷିତ କରିବାରେ ଲାଗିଛି। ବିଦେଶୀ ପ୍ରେମର ଭାଲେଣ୍ଟାଇନ୍ ଭିତରେ ସ୍ୱଦେଶୀ ମା' ପ୍ରେମର ତ୍ୟାଗ ଯେମିତି ହଜିଯାଇଛି।

ପିତା ମାତା ନିଜ ସନ୍ତାନକୁ ନେଇ ଅନେକ ସ୍ୱପ୍ନ ଦେଖନ୍ତି, ହୋଇପାରନ୍ତି ସେମାନେ ଆଜିର କଳୁଷିତ ପ୍ରେମର ବିରୋଧୀ। ହେଲେ ପିତାମାତା କେବେ ସନ୍ତାନର ଶତୃ ନୁହନ୍ତି। ନିଜ ପିଲାର ଭବିଷ୍ୟତ ପାଇଁ ତା'ର ମଙ୍ଗଳ କାମନା କରିବା ପାଇଁ, ଅନେକ ସମୟରେ ସେ ଉଶୃଙ୍ଖଳିତ ପ୍ରେମକୁ ବିରୋଧ କରେ। ହେଲେ ଏହାର ଅର୍ଥକୁ ବୁଝିବା ଆବଶ୍ୟକ। ସନ୍ତାନ ନିଜର ଉଶୃଙ୍ଖଳିତ ପ୍ରେମକୁ ନିଜର ସ୍ୱାଧୀନ ବା ଅଧିକାରର ଦ୍ୱାହୀ ନ ଦେଇ ବରଂ ସେଇ ପିତାମାତାଙ୍କ ମମତା ତ୍ୟାଗ ଏବଂ ବଳିଦାନର ମୂଲ୍ୟକୁ ଅନୁଭବ କରିବା ଉଚିତ। ଏହା ହିଁ ପ୍ରେମର ପ୍ରକୃତ ଅର୍ଥ, ଯାହା ଶାଶ୍ୱତ, ଚିରନ୍ତନ, ଅନାବିଳ, ଯାହାର ଆନନ୍ଦ କେବଳ ତ୍ୟାଗ ଏବଂ ବଳିଦାନରେ ଅଛି।



# ନିଦ ହଜିବାର ବେଳ...

ବିଷ୍ଣୁ ପ୍ରସାଦ ଚୌଧୁରୀ

ସମୟ ଘଡ଼ିରେ ବର୍ତ୍ତମାନ ୧୨ଟା ବାଜିଲାଣି । ଗ୍ରୀଷ୍ମ ଋତୁର ପ୍ରଚଣ୍ଡ ଗରମ ଦାଉରୁ ଛାତ ଉପରେ ଖଟିଆ ପକେଇ ଏପଟ ସେପଟ ହୋଇ ଶୋଇବାକୁ ଚେଷ୍ଟା କରୁଛି । ଆକାଶର ଜହ୍ନ ଠିକ୍ ମୁଣ୍ଡ ଉପରେ । ଖରାଦିନିଆ ନିର୍ମଳ ଆକାଶର ତୋଫା ଜହ୍ନ, ଏହି ସମୟର ପରିସ୍ଥିତି ନିଜ ଚୋରାଇ ନେଇଛି । ହଜିଯାଇଛି ତା ନିଦ ସ୍ୱପ୍ନର ଭାବନା ବୁକୁରେ । ଖୋଜିବାକୁ ଚେଷ୍ଟା କରିବି ପାଇ ପାରୁନି ସମୟ । ସମୟ ଗଡ଼ି ଚାଲିଛି । ନିଦ ଆହୁରି ଗଭୀରତା କୁ ହଜିଯାଉଛି । କେତେ ଚେଷ୍ଟା କରିବି ପାଇପାରୁନି ସମୟ । କେବଳ ଏପଟ ସେପଟ ହୋଇ ଆଖି ବନ୍ଦ କରି ପଡ଼ି ରହିଛି । ହଜିଯାଇଥିବା ନିଦକୁ ପାଇଯିବାର ମିଛ ଅଭିନୟ କରୁଛି । ଯେତେବେଳେ ଆଖି ଖୋଲି ଦେଉଛି ଏବଂ ଧପ୍ କିନା ଦେଖି ଦେଉଛି ସେ ନିର୍ମଳ ଆକାଶର ତୋଫା ଜହ୍ନ, ସିନେମାର ଫ୍ଲାସ୍‌ବ୍ୟାକ୍ ପରି ମନେ ପଡ଼ିଯାଉଛି ତା ପୁରୁଣା ଇତିହାସ ସବୁ, ଯାହାକୁ କି ସମୟତ କରାଳ ଗତିରେ ଭୁଲିବାକୁ ଚେଷ୍ଟା କରିବି ପାରୁନି ବରଂ ସେ ଅତୀତର ବାସ୍ତବ କୁ ହଜାଇବାକୁ ଚେଷ୍ଟା କରି ହଜେଇ ବସୁଛି ବର୍ତ୍ତମାନର ନିଦକୁ । ଏମିତି ସମୟରେ ଯେତେ ଚେଷ୍ଟା କଲେ ବି ରୋକି ପାରେନି ସେହି ଅତୀତ ଇତିହାସର କରୁଣ ଆଳାପ । ଗୋଟି ଗୋଟି କରି ମନେ ପଡ଼ିଯାଉଛି । ସମୟର ଗତିରେ ହଜିଯାଇଥିବା ଇତିହାସ ସବୁ । ସେହି କଲେଜ କଥା, ମନର ମାନସୀ ସୀମା କଥା ଯିଏ କି ସମୟର ଅସୀମ ସୀମା ଭିତରକୁ ଚାଲି ଆସିଥିଲା ସୀମାହୀନ ସୀମା ହୋଇ ।

ସେଦିନ ଥାଏ +୩ ଦ୍ୱିତୀୟ ବର୍ଷର ପ୍ରଥମ କ୍ଲାସ୍ । ତା ପୁଣି ଶାନ୍ତି ମ୍ୟାଡ଼ାମ୍‌ଙ୍କର, ଯିଏ ସମୟର ଟିକେ ଏପଟ ସେପଟ୍ ହେଲେ ଅଶାନ୍ତି ସୃଷ୍ଟି କରିବାର ମୁଖ୍ୟ ନାୟିକା ସାଜନ୍ତି । ସେଦିନ କିନ୍ତୁ ସମୟର ସମୟରେ ବିଳମ୍ବ ହୋଇଯାଇଥାଏ, ତେଣୁ ଶାନ୍ତି ମ୍ୟାଡ଼ାମ୍‌ଙ୍କ ଅଶାନ୍ତ କୋପରୁ ବଞ୍ଚିବା ପାଇଁ ବିଭାଗର ବାରଣ୍ଡା ଉପରେ ନିଜର ପଦଗତିକୁ କ୍ଷୀପ୍ର କରିଦେଇଥାଏ । ଆଉ ପହଞ୍ଚିବାକୁ ମାତ୍ର ଦଶ ବାର ପହଣ୍ଡ ଥିବ ହଠାତ୍ ସମୟର ସୀମା ଭିତରକୁ ଚାଲିଆସିଲା ଏକ ଅପରିଚିତା ଝିଅ । ସିଏ ବି ସମୟ ପରି ଟିକେ ଚଞ୍ଚଳ ଥିଲା । ବିଭାଗକୁ ନୂଆ କରି ଆସିଛି ପ୍ରଥମ ବର୍ଷରେ ଜଏନ୍ କରି, କୋଉଠି କ୍ଲାସ୍ କିଛି

ଜାଣେନି, ରୁମ୍ ଖୋଜି ଖୋଜି ଆସି ଧକ୍କା ଦେଲା ସମୟ ଦେହରେ। ଠିକ୍ ସେତିକି ବେଳେ ଦୃତ ବ୍ରେକ୍ କସିଲା ଭଳି କ୍ଷୀପ୍ର ଗତିରେ ଆଗକୁ ପଡୁଥିବା ସମୟର ପାଦ ସ୍ଥିର ହୋଇଗଲା। ସମୟ ସୀମାକୁ ଦେଖି ଆଗକୁ ବଢ଼ିପାରିଲା ନାହିଁ। ମନ ତା'ର ଚଳଚଞ୍ଚଳ ହୋଇ ଉଠିଲା, ସୁପ୍ତ ଥିବା ପ୍ରେମପକ୍ଷୀର ଡ଼େଣା କାହିଁକି ଉଡ଼ିବାରେ ଲାଗିଲା। ସିଏ ଯେମିତି କୋଉ ଯୁଗରୁ ଖୋଜୁଥିବା ମନର ମଣିଷକୁ ହଠାତ୍ ପାଇଗଲା। ଧିରେ ଧିରେ ପରିଚୟ ବଢ଼ିଲା, ସେମାନଙ୍କର ସଂପର୍କର ସୀମା ବି ବଢ଼ିବାକୁ ଲାଗିଲା। ସମୟର ନିଶ୍ଚିନ୍ତ ଗତିରେ ସମୟ ଆଉ ସୀମାର ବନ୍ଧୁତା ବଢ଼ି ଚାଲିଥିଲା। ଏହି ବନ୍ଧୁତା ଦିନେ ବନ୍ଧୁତାର ସୀମା ଅତିକ୍ରମ କରି ପ୍ରେମର ପାହାଚ ଚଢ଼ିବା ଆରମ୍ଭ କରିଥିଲା। ଧିରେ ଧିରେ ଉଭୟଙ୍କର ଏ ସଂପର୍କ ପ୍ରେମର ଚରମ ସୀମାରେ ପହଞ୍ଚି ଯାଇଥିଲା। ଦୁହେଁ ଦୁହିଁକୁ ଅନେକ୍ ପ୍ରତିଶୃତି ଦେଇଥିଲେ। ଏମିତି ସମୟ ଗତିରେ ସମୟର +୩ ସରିଯାଇଥିଲା। ତଥାପି ସେ ସୀମା ପାଇଁ ସେହି ମହାବିଦ୍ୟାଳୟରେ ହିଁ ସ୍ନାତକୋତ୍ତରରେ ଜଏନ୍ କଲା।

ପ୍ରେମ ଧିରେ ଧିରେ ବଢ଼ିବାକୁ ଲାଗିଲା। ସେମାନଙ୍କ ପ୍ରେମ କଲେଜର ଅନେକ ନବପ୍ରେମୀଙ୍କ ପାଇଁ ଉଦାହରଣ ସ୍ୱରୂପ ହୋଇଯାଇଥିଲା।

କିନ୍ତୁ ଯେମିତି ସଂସାରର ନିୟମ ସୁଖ ପରେ ଦୁଃଖ ଏବଂ ଦୁଃଖ ପରେ ସୁଖ୍, ଠିକ୍ ସେମିତି ତାଙ୍କ ପ୍ରେମର ସାଗରରେ ହଠାତ୍ ଅମାବାସ୍ୟାର ଅନ୍ଧାରର ଭଟ୍ଟା ଚାଲିଆସିଲା। ସ୍ନାତକ ସରିଗଲା ପରେ ସୀମା ଚାଲିଗଲା ବହୁ ଦୂରକୁ ଉଚ୍ଚଶିକ୍ଷା ପାଇଁ। କିନ୍ତୁ ସମୟ ସମୟର ବାସ୍ତବତା ମଧ୍ୟରେ ଅଟକି ରହିଗଲା। ସୀମା ଚାଲିଯାଇଥିଲା ଦୂରକୁ ବହୁ ଦୂରକୁ। ସମୟର ସୀମାକୁ ଡ଼େଇଁ ଚାଲିଗଲା ପରେ ଥରେ ବି ପଛକୁ ଚାହିଁଲା ନାହିଁ। ଭାବିଲାନି ଥରେ ବି ସମୟର ପୁରୁଣା ସମୟ କଥା। କିନ୍ତୁ ସମୟ ସୀମାର ସୀମା ଭିତରୁ ନିଜକୁ ମୁକୁଳେଇ ପାରିଲା ନାହିଁ। ନିଜର ହୃଦୟକୁ ସେ ସମର୍ପି ଦେଇଥିଲା ସୀମାର ହୃଦୟ ନିକଟରେ। ସୀମାଠୁ ଦୂରେଇ ଯାଇ ହଠାତ୍ ମୃତବତ୍ ହୋଇଯାଇଥିଲା ସମୟ। ନିଜ ହୃଦୟର ସାଗରଠାରୁ ଗଭୀର ଏବଂ ଆକାଶଠାରୁ ଅସୀମ ଥିବା ପ୍ରେମପାଇଁ ପାଇଥିବା ପ୍ରତାରଣାର କୋହ ଅସରାଏ ଲୁହ୍ ହୋଇ ବହିଗଲା ଆଖି କୋଣରୁ। ରୋକିପାରିଲାନି ସେହି ଲୁହ କୁ। ହଠାତ୍ ଯେଉଁ ସମୟରେ ସମୟର ଘଡ଼ିରେ ଅତୀତର ଇତିହାସକୁ ପର୍ଯ୍ୟାବଲୋକନ କରୁଥିଲା ଫେରିଆସିଲା ବର୍ତ୍ତମାନର ବାସ୍ତବତାକୁ। ସେହି ଇତିହାସକୁ ଭୁଲିଯିବାକୁ ଚେଷ୍ଟା କରି ଆଖି ଖୋଲିଲା। ଦେଖିଲା ଜହ୍ନ ଯେଉଁଠି ଥିଲା ଠିକ୍

ସେଇଠି ଅଛି । ଭାବିଲା ନିମିଷକ ମଧ୍ୟରେ ପ୍ରେମର ପୁରୁଣା ଇତିହାସ ମନର କୋହକୁ ଅସରାଏ ଲୁହରେ ବଦଳେଇ ଦେଇ ଚାଲିଗଲା ।

ପୁଣି ହଜି ଯାଇଥିବା ନିଦକୁ ଖୋଜିବାକୁ ଲାଗିଲା । ନିର୍ଜନ ନିସ୍ତବ୍ଧ ରାତ୍ରୀର ଥଣ୍ଡା ପବନର ସୁଁ ସୁଁ ଶବ୍ଦ ପୁଣି ସେ ଇତିହାସକୁ ଓଲଟାଇବାକୁ ଚେଷ୍ଟା କରୁଥିଲା । କିନ୍ତୁ ସମୟ ସମୟକୁ ନିଜ ଅଧିନରେ ରଖି ନିଦ ଖୋଜିବାକୁ ଚେଷ୍ଟା କଲା । ଯେତେ ଚେଷ୍ଟା କଲେ ବି ପାଇପାରେନି ସେ ନିଦକୁ । ହଠାତ୍ ପବନର ସୁଁ ସୁଁ ଗର୍ଜନରେ ଇତିହାସର କବର ତଳୁ ଉଠି ଆସିଲା ସେହି ମୃତ ଅତୀତର ଜୀବିତ ସ୍ମୃତି ସବୁ । ସୀମା ସମୟର ସୀମା ମଧ୍ୟରୁ ଚାଲିଗଲା ପରେ ବହୁତ୍ ଖୋଜିଛି କିନ୍ତୁ ପାଇନାହିଁ । ଯେତେ ଯାହା ହେଲେ ବି ତାର ସ୍ୱଚ୍ଛ ପ୍ରେମ ଉପରେ ଭରସା ଥିଲା, ଦିନେ ନା ଦିନେ ତା ପ୍ରେମକୁ ନିଶ୍ଚେ ଫେରିପାଇବ । ତେଣୁ ପ୍ରେମର ପ୍ରତିଶୃତି ଆଉ ସ୍ମୃତି ସବୁକୁ ସାଇତି ରଖିଥିଲା । ଇତିମଧ୍ୟରେ ସମୟ ସେ ସହର ଛାଡ଼ି ଚାଲିଯାଇଥିଲା । କର୍ମମୟ ଜୀବନକୁ ଆପଣେଇବା ପାଇଁ ଏବଂ କର୍ମମୟ ଜୀବନରେ ଭଲ ସାଙ୍ଗଟିଏ ବି ମିଳି ଯାଇଥାଏ, ଆକାଶ । ସୀମାର ପ୍ରେମକୁ ଭୁଲିନପାରିଲେ ମଧ୍ୟ ଆକାଶର ବନ୍ଧୁତାରେ କିଛି ହସଖୁସିରେ ସମୟ କାଟୁଥାଏ । ଦିନେ ଆକାଶ ତା ଘରକୁ ଆମନ୍ତ୍ରିତ କରିଥିଲା ସମୟକୁ ରାତ୍ରି ଭୋଜନ ପାଇଁ । ଯେତେ ଯାହା ହେଲେ ମଧ୍ୟ ପ୍ରିୟ ସାଙ୍ଗର ଆମନ୍ତ୍ରଣକୁ ଏଡ଼ାଇ ପାରିଲା ନାହିଁ ସମୟ । ତେଣୁ ସେଦିନ ଯାଇ ପହଞ୍ଚିଲା ଆକାଶର ଘରେ ପୂର୍ବ ନିର୍ଦ୍ଧାରିତ ସମୟରେ । କବାଟ୍ ବନ୍ଦ ଥିବା ଦେଖି ଦି ଥର ଠକ୍ ଠକ୍ କରିଲା ସେ । ଭିତରୁ ଗୋଟେ ନାରୀର କଣ୍ଠସ୍ୱର ଶୁଣାଗଲା, ଯେଉଁଟା ସମୟକୁ କାହିଁକି କେଜାଣି ପରିଚିତ ଲାଗିଲା । ହଠାତ୍ ସୀମା କଥା ମନେ ପଡ଼ିଗଲା । ବହୁଦିନ ବିତିଯାଇଥିଲେ ସୁଦ୍ଧା ମନର କେଉଁ କୋଣରେ ସେ ଆଜି ବି ବିଶ୍ୱାସ ରଖିଛି ଯେ ସୀମା ହୁଏତ ଫେରି ଆସିବ ତାର ଏ ସମୟ ପାଖକୁ । ତାଙ୍କ ପ୍ରେମ ସାଗରରେ ପୁଣିଥରେ ପୂର୍ଣ୍ଣତାର ଜହ୍ନ ଉଇଁବ, ପୁଣିଥରେ ପୂର୍ଣ୍ଣିମାର ଜୁଆର ଆସିବ । ହଠାତ୍ ଭାବନାର ନିର୍ଜନତାକୁ ଭାଙ୍ଗିଦେଲା କବାଟ ଖୋଲିବାର ଶବ୍ଦ । ସମୟ ଭିତରକୁ ଯିବାକୁ ଗୋଡ଼ ବଢ଼ାଇଲା ବେଳେ ହଠାତ୍ ସ୍ତବ୍ଧ ହୋଇଗଲା । ଯେଉଁ ପାଦକୁ ଆଗକୁ ବଢ଼ାଇଥିଲା ଫେରିଆସିଲା, ତାର ପାଦ ତଳର ଭୂଇଁ ଖସି ପଡ଼ିଲା ପରି ଲାଗିଲା, ମୁଣ୍ଡ ଉପରେ ଆକାଶ ଛିଡ଼ି ପଡ଼ିଲା ପରି ଲାଗିଲା, ତାର ଭାବନାର ପୂର୍ଣ୍ଣଛେଦ ପଡ଼ିଗଲା ଏବଂ ତାର ବିଶାଳ ହୃଦୟରେ ଯେଉଁ ଟିକକ ବିଶ୍ୱାସ ଓ ଭରସା ହଜିଯାଇଥିବା ପ୍ରେମ ପାଇଁ ପ୍ରଜ୍ଜ୍ୱଳିତ ହେଉଥିଲା ଅଦିନିଆ ଝଡ଼ ବର୍ଷା ଆସି ଧୋଇନେଲା ପରି ଲିଭିଗଲା । ପ୍ରେମ ଉପରୁ

ବିଶ୍ୱାସ ତୁଟିଗଲା, ଜୀବନ ଉପରୁ ଆଶା ହରେଇ ବସିଲା । କାରଣ ଯେଉଁ ନାରୀ ହାଟରେ ଶଂଖା ମଥାରେ ସିନ୍ଦୁର ପିନ୍ଧି ତା ଆଗରେ ବର୍ତ୍ତମାନ ଆବିର୍ଭାବ, ସେ ଆଉ କେହି ନୁହଁ, ସମୟର ଆଶା ଭରସାର ଏକ ମାତ୍ର ସନ୍ତକ, ବଞ୍ଚିବାର ଏକମାତ୍ର ସାହାରା ପ୍ରେମର ଏକମାତ୍ର ବିଶ୍ୱାସ ତାର ମନର ସୌଦାଗର ସେହି ପ୍ରେମର ପୁରୁଣା ସ୍ମୃତି ମନରାଇଜର ରାଜକୁମାରୀ ହୃଦୟର ସାଇତା ସପନ ତାର ପ୍ରିୟା ପ୍ରେମିକା ନାୟିକା 'ସୀମା' । ଯାହାକୁ ପାଇବାର ଆଶାନେଇ ମିଛ ଖୁସିର ଅଭିନୟ କରି ଆଜି ଯାଏଁ ବଞ୍ଚିଥିଲା, ତାକୁ ଅନ୍ୟର ସ୍ତ୍ରୀ ରୂପରେ ଦେଖି ହୃଦୟରେ ଯେଉଁ କୋହଥିଲା କ୍ରୋଧର ଅଭିମାନରେ ଆଖିର ଲୁହ ହୋଇ ବହିଗଲା । ଫେରିଆସିଲା ନିଜ ରୁମ୍‌କୁ, ମନର ସାଇତା ନିଆଁରେ ଜାଳିବାକୁ ଲାଗିଲା ପୁରୁଣା ପ୍ରେମର ସ୍ମୃତି ସନ୍ତକ ସବୁକୁ । ଜୀବନ ଉପରେ ଏତେ କ୍ରୋଧ ଅଭିମାନ ଆସିଯାଇଥିଲା ଯେ ଜାଳୁ ଜାଳୁ ଜାଳିଦେଲା ସବୁକିଛି, ସେଥି ମଧ୍ୟରେ ହୁଏତ ସେ ଜାଳି ଦେଇଛି ତାର ମୂଲ୍ୟବାନ ଏକ ସମ୍ପଦ । ଆଜି ଯାଏଁ ଖୋଜି ପାରୁନି ସେ ନିଦକୁ । ଠିକ୍ ଏତିକି ବେଳେ ନିର୍ମଳ ଆକାଶରେ ମେଘ ଆସି ବିଜୁଳି ଓ ଘଡ଼ଘଡ଼ିରେ ସମୟକୁ ଫେରାଇ ଆଣିଲା ତାର ଇତିହାସର କବର ତଳର ସ୍ମୃତିର ବାସ୍ତବତାକୁ ।

ସେହିଦିନ ଠାରୁ ଆଜିଯାଏଁ ସମୟ ଖୋଜି ଚାଲିଛି ତା ନିଦକୁ, ସେ ଯେତେ ଗଭୀରକୁ ଖୋଜେ ସେତେ ଗଭୀରକୁ ହଜିଯାଏ ତା ନିଦ । ନିର୍ଜନ ନିସ୍ତବ୍ଧ ରାତିରେ ସମସ୍ତେ କର୍ମମୟ ଜୀବନର କ୍ଳେଶ ମେଣ୍ଟାଇବାକୁ ନିଦକୁ ଖୋଜି ଶୋଇଯିବା ସମୟରେ ସମୟର ନିଦ ହଜିଯାଏ । ଖୋଜି ଖୋଜି ନୟାନ୍ତ ହୋଇଯାଏ କିନ୍ତୁ ପାଏନି । ସେହିଦିନ ଠାରୁ ସମସ୍ତଙ୍କ ପାଇଁ ରାତ୍ରୀର ଶୋଇବା ବେଳ ଆସିଗଲେ ନିରବତାରେ ସମୟ ପାଇଁ ଆସିଯାଏ ନିଦ ହଜିଯିବାର ବେଳ । ହଜିଯାଏ ନିଦ, ଖୋଜୁଥାଏ ରାତିସାରା । ଖୋଜୁ ଖୋଜୁ ଏମିତି ରାସ୍ତାରେ ମିଶିଯାଏ ପୁରୁଣା ଇତିହାସର କବର ତଳର ଅଭୁଲା ସ୍ମୃତି ସବୁ । ଏମିତିରେ ସକାଳ ହୋଇଯାଏ । ପୁଣି କର୍ମମୟ ଜୀବନରେ ବ୍ୟସ୍ତ ହୋଇଯାଏ ଏବଂ ପୁଣି ରାତ୍ରୀର ନିର୍ଜନତାରେ ତା ପାଇଁ ଆସିଯାଏ ସେହି **ନିଦ ହଜିବାର ବେଳ....**



# ଆମେରିକା ସ୍ମୃତି

ଶକୁନ୍ତଳା ବଳିଆରସିଂ

## ଘରୁ ବାହାରିଲା ବେଳ

ଆମେ ସମସ୍ତେ ଏ ସଂସାରର ଗୋଟିଏ ଗୋଟିଏ ଯାତ୍ରୀ । ଜୀବନଯାତ୍ରାରେ ଅଟଳ ବିଶ୍ୱାସ ରଖି ଆମେମାନେ ଆଗେଇ ଚାଲିଛେ । ବିଶ୍ୱାସର ଯାତ୍ରା ଏହାକୁ କୁହାଯାଇପାରେ । ସେଇ ବିଶ୍ୱାସରେ ଯାଉ ଯାଉ କେତେ ଜିନିଷ ଆସିଯାଏ ଆଖି ସାମ୍ନାରେ । କିସ ପୁଣି ଦେଖା ନଯାଏ ଜୀବ ଥିଲେ ଜୀବରେ । କେତେ ଜିନିଷ ଆଖି ଆଗରେ ଭାଙ୍ଗିଯାଏ ତାଠାରୁ ଅଧିକ ବେଗରେ ପୁଣି ଗଢ଼ି ହୋଇଯାଏ ଏଇ ଜୀବନ ସାମ୍ନାରେ ।

ଦେଶ ବିଦେଶ ବୁଲିବା ସବୁ ଶିକ୍ଷିତ, ଜିଜ୍ଞାସୁ ଲୋକଙ୍କର ଗୋଟାଏ ସର୍ବକାଳୀନ ସଉକ । If life is a book, those who do not travel only read one page. ଭ୍ରମଣ ମନକୁ ସ୍ଫୁର୍ତ୍ତି କରେ ଆଉ ଅନୁଭବକୁ ଗାଢ଼ କରେ । ହେଲେ ମୋର ଜନ୍ମଭୂମି ଭାରତବର୍ଷକୁ ଛାଡ଼ି ବିଦେଶ ଯିବାର ଇଚ୍ଛା ମୋର କେବେ ନଥିଲା । କିନ୍ତୁ ପରିସ୍ଥିତିର ଚାପରେ ୧୯୯୪ ମସିହା ଜୁଲାଇ ୨ ତାରିଖରେ ଆମେରିକା ଯିବାଉ ମୁଁ ଏକ ପ୍ରକାର ବାଧ୍ୟ ହୋଇଥିଲି । ମୋ ଝିଅ ଡ଼ାକ୍ତର ଲିପିଶ୍ରୀ ସେଠି ରହୁଥିଲା, ଏବେ ବି ଅଛି । ତା'ର ବାରମ୍ବାର ଅନୁରୋଧରେ ମୁଁ ଯିବାକୁ ସ୍ଥିର କଲି । ଏଭଳି ନିଷ୍ପତ୍ତି ନେବାର ଆଉ ଗୋଟିଏ ବଡ଼ କାରଣ ଥିଲା, ଏ ମଧ୍ୟରେ ଏକ ଇଂରାଜୀ ପୁସ୍ତକକୁ ଓଡ଼ିଆ ଭାଷାରେ ଅନୁବାଦ କରିବା କାମ ମୁଁ ହାତକୁ ନେଇଥିଲି । କିନ୍ତୁ ପାଶ୍ଚାତ୍ୟ ଜଗତ ସହିତ ଚାକ୍ଷୁଷ ପରିଚୟ ନଥିବା ହେତୁ ଅନୁବାଦ କଲେ ବି ସେ ଅଞ୍ଚଳ ଗୁଡ଼ିକର ପରିବେଶକୁ ମୁଁ ଆଖି ସାମ୍ନାରେ ଆଣି ପାରୁନଥିଲି । ଏଣୁ ଥରେ ଯାଇ ନିଜେ ଆଖିରେ ଆମେରିକା ମହାଦେଶ ଦେଖି ଆସିଲେ ତାହା ମୋ ପାଇଁ ଅନୁକୂଳ ହେବ ବୋଲି ଭାବିଲି ।

ହେଲେ ଯେତେବେଳେ ଭୁବନେଶ୍ୱରରୁ ବାପା ବୋଉଙ୍କ ଠାରୁ ବିଦାୟ ନେଇଗଲି, ମୋ ମନ ଜମା ଭଲ ଲାଗୁନଥାଏ । ଦିଲ୍ଲୀ ଇଣ୍ଟରନ୍ୟାସନାଲ୍ ଏୟାରପୋର୍ଟରୁ ରାତି ଗୋଟାଏ ବେଳେ ବ୍ରିଟିଶ ଏୟାରୱେଜ୍‌ର ବିମାନ ଚଢ଼ିଲା ବେଳକୁ ମୋ ଛାତି କରତି ହୋଇଗଲା ପରି ଲାଗୁଥାଏ । ମାତ୍ର ଏ ବ୍ୟୋମଜାନ ଯାତ୍ରାର ଅନୁଭୂତି ବହୁତ ବିଚିତ୍ର । କାରଣ ରାତି ଗୋଟାଏରେ ବସି ମାତ୍ର ଚାରିଘଣ୍ଟା ଯାତ୍ରା ପରେ ମୋ ଝରକା ପାଖ ସିଟ୍‌ରୁ

ଝର୍କାବାଟ ଦେଇ ଦେଖିଲି ସକାଳ ନ'ଟା ବେଳର ଖରାରେ ଉଡ଼ାଜାହାଜ ଉଡ଼ି ଚାଲିଛି । ମୋ ହାତଘଣ୍ଟାର ଭାରତୀୟ ସମୟ ମୁଁ ବଦଳାଇ ନଥିଲି । ଏହାର ଘଣ୍ଟାଏ ପରେ ପୁଣି ଆମ ଉଡ଼ାଜାହାଜ ଝର୍କାରୁ ଦିଶିଲା ଭୋର୍ ବେଳର ଗୋଲାପୀ ଆକାଶ । ଏ କଣ ହେଲା ? ସମୟ କଣ ପଛକୁ ଯାଏ । ନା, ପ୍ରକୃତରେ ଭାରତୀୟ ସମୟ ଥିଲା ସକାଳ ନ'ଟା । ଯାତ୍ରାର ସମୟ ସୀମାଥିଲା ଆଠଘଣ୍ଟା । କିନ୍ତୁ ଲଣ୍ଡନରେ ସମୟ ଥିଲା ସକାଳ ଛଅଟା । ଆଉ ଲଣ୍ଡନ ସହର କୁହୁଡ଼ି ଭିତରେ ଯେପରି ଭିଡ଼ିମୋଡ଼ି ହୋଇ ଅଳସ ଛାଡ଼ି ଉଠୁଥିଲା ।

ହିଥ୍ରୋ ବିମାନଘାଟୀ

ମୋର ମନେ ହେଲା, ପ୍ରାଚ୍ୟରୁ ପାଶ୍ଚାତ୍ୟକୁ ବା ପାଶ୍ଚାତ୍ୟରୁ ପ୍ରାଚ୍ୟ ଜଗତକୁ ଯାତ୍ରାର ଅନୁଭବ ପ୍ରକୃତରେ ଅଖଣ୍ଡ କାଳକୁ ଅଦ୍ଭୁତ ଭାବରେ ଅନୁଭବ କରିବା । କେବଳ ଏଇ ଅନୁଭବକୁ ଅନୁଭବିବା ପାଇଁ ହୁଏତ ଆଉ କେତେ ଥର ଏ ବିଶ୍ୱାସର ଯାତ୍ରା ମୁଁ କରିବି । ହଠାତ୍ ରାତିରୁ ଦିନ, ତା'ପରେ ପ୍ରାତଃ କାଳର ନାଲି ଆକାଶ, ପୁଣି ରାତି, ମଧ୍ୟାହ୍ନ ଓ ପୁଣି ପ୍ରଭାତ । ସମୟର ଏ ବିଚିତ୍ର ଖେଳ ଦେଖି କାଳର ଜୟଯାତ୍ରାକୁ ମୁଁ ଯେପରି ପ୍ରକୃତରେ ବୁଝି ପାରୁଥିଲି ।

ଲଣ୍ଡନର ହିଥ୍ରୋ ଏୟାରପୋର୍ଟରେ ଦଶଘଣ୍ଟା ରହିବାର ଥିଲା । କିନ୍ତୁ ଉଡ଼ାଜାହାଜରୁ ଜିନିଷ କିଛି କାଢ଼ିବା ଦରକାର ନାହିଁ । କେବଳ ହ୍ୟାଣ୍ଡବ୍ୟାଗଟି ଧରି ବାହାରି ଆସିବା କଥା ।

ହିଥ୍ରୋ ବିମାନଘାଟୀ କେତେ ବିରାଟ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ । ବିମାନରୁ ସିଡ଼ିରେ ତଳକୁ ନ ଓହ୍ଲାଇ ଖୋଲା ଦରଜା ଦେଇ ଆମେ ଯାତ୍ରୀମାନେ ବେଶ୍ ମୋଟା ଲାଲ୍ କାର୍ପେଟ ଉପରେ, କାନ୍ଥର ଉଭୟ ପାର୍ଶ୍ୱରେ ଝୁଲୁଥିବା ପ୍ରକୃତିର ଅପରୂପ ଛବିମାନଙ୍କ ମଝିରେ ଚାଲି ଆସିଲୁ । ପରେ ଜାଣିଲି ତାହାକୁ ସୁଟ୍ (Shute) କହନ୍ତି । ବିମାନଘାଟୀ କୋଠାରୁ ଅବତରଣ କରିଥିବା ବିମାନର ଦରଜା ଯାଏଁ ଏହା ଲମ୍ୱିଯାଇଥାଏ । ଏଇ ଶୀତତାପ ନିୟନ୍ତ୍ରିତ ସୁଟ୍ ମଧ୍ୟଦେଇ ଯାତ୍ରୀମାନେ ଚାଲି ଆସନ୍ତି ବିମାନଘାଟିର କୋଠାମଧ୍ୟକୁ । ସିଡ଼ିରେ ଚଢ଼ିବା ଓହ୍ଲାଇବାର ଝିନ୍‌ଝଟ୍ ନାହିଁ । ହିଥ୍ରୋ ଇଣ୍ଟରନ୍ୟାସନାଲ୍ ବିମାନଘାଟୀଟି ଅତ୍ୟନ୍ତ ଆକର୍ଷଣୀୟ । ବହୁତ୍ ପ୍ରକାର ଦାମୀ ସୌଖୀନ ଜିନିଷର ଦୋକାନ ପସରା ମେଲାଇ ଏଠି ଦିନରାତି ଯାତ୍ରୀଙ୍କୁ ଆକର୍ଷଣ କରିବାରେ ଲାଗି

ପଡ଼ିଛନ୍ତି । ଏ ସବୁ ଦୋକାନକୁ ଟାକ୍ସ ଫ୍ରି ଦୋକାନ ବୋଲି କହନ୍ତି । କିନ୍ତୁ ଦାମ୍ ଅତ୍ୟନ୍ତ ଚଢ଼ା । ହେଲେ ଏହା ଗୋଟିଏ ଦେଖିଲା ଭଳିଆ ଜାଗା । ପୃଥିବୀର ବିଭିନ୍ନ ପ୍ରାନ୍ତରର ଲୋକମାନେ ଏଠି ଆରାମରେ ବୁଲୁଥାନ୍ତି, ଖାଉଥାନ୍ତି, ଜିନିଷ କିଣୁଥାନ୍ତି, ଶୋଇଥାନ୍ତି ବା ଟୟଲେଟରେ ନିଜକୁ ସତେଜ କରୁଥାନ୍ତି ନିଜ ଘରେ ଚଳପ୍ରଚଳ ହେଲାପରି ।

ଏତେ ଲୋକଙ୍କର ଅହରହ ଯିବା ଆସିବା ଚାଲିଛି ଏଠି, କିନ୍ତୁ କେଉଁଠି ଧୂଳିକଣାଟିଏ ବି ନାହିଁ । ସବୁଠାରୁ ଅଧିକ ସଫା ହେଉଛି ବାଥରୁମ୍‌ମାନ ।

ଦଶଘଣ୍ଟା ଏଇ ବିମାନ ଘାଟୀ ଭିତରେ ଦୋକାନରୁ ଦୋକାନ ବୁଲି କଟେଇ ଦେବାକୁ ମୁଁ ଚାହିଁଲି ନାହିଁ । ପଚାରି ବୁଝିଲି ବାହାରକୁ ଯିବାକୁ ହେଲେ ଗୋଟାଏ ଟ୍ରାନ୍‌ଜିଟ୍ ଭିସା କରିବାକୁ ପଡ଼ିବ ଦୁଇଚାରି ଘଣ୍ଟା ପାଇଁ । ଉତ୍ସୁକ ଯାତ୍ରୀଙ୍କ ଧାଡ଼ିରେ ଆସି ପାସପୋର୍ଟ୍ ଓ ଟିକେଟ୍ ଦେଖାଇ ଭିସା ପାଇଗଲି ଅଠଚାଳିଶି ଘଣ୍ଟା ଅର୍ଥାତ୍ ଦୁଇଦିନ ପାଇଁ । ଏ କାମ ପାଞ୍ଚ ମିନିଟ୍‌ରେ ହୋଇଗଲା । ଆଜିକାଲି ଆଉ ଏପରି ଭିସା ଦିଆଯାଉନାହିଁ ।

ଭିସା ଧରି ଦଶମିନିଟ୍ ଖଣ୍ଡେ ଏପଟ ସେପଟ ହେଉ ହେଉ ନଜର ପଡ଼ିଲା ସେଇ କୋଠାତଳେ ମେଟ୍ରୋ ଷ୍ଟେସନ୍ ଅଛି । ମନସ୍ୱୀ ମନୋଜ ଦାସଙ୍କ 'ଦୂର ଦୂରାନ୍ତର' ବହି ପଢ଼ିଥିଲି । ଆଉ କାଳ ବିଳମ୍ବ ନ କରି ହାଜର ହୋଇଗଲି ମେଟ୍ରୋ ଷ୍ଟେସନରେ । ଦିନକ ପାଇଁ ଗୋଟାଏ ଟିକଟର ମୂଲ୍ୟ ୩.୭୦ ପାଉଣ୍ଡ । ଏଥିପାଇଁ ମୋତେ ପ୍ରାୟ ଆଠ ଡ଼ଲାର ଭଙ୍ଗାଇବାକୁ ପଡ଼ିଲା । କାରଣ ଲଣ୍ଡନର ପାଉଣ୍ଡ ଡ଼ଲାରଠାରୁ ମୂଲ୍ୟବାନ । ଗୋଟିଏ ପାଉଣ୍ଡର ମୂଲ୍ୟ ୧.୬୪ ଡ଼ଲାର । ଏବେ ପ୍ରଚଳିତ ହେଉଥିବା ୟୁରୋ ମୁଦ୍ରା ଆହୁରି ଅଧିକ ମୂଲ୍ୟର ହୋଇଛି ।

ଲଣ୍ଡନରେ ମାଟିତଳ ଟ୍ରେନ୍, ବସ୍ ବା ଯେକୌଣସି ଯାନ ସାଧାରଣ ଜନତାଙ୍କ ଦ୍ୱାରା ବ୍ୟବହୃତ ହୁଏ, ସେ ସବୁ ଶୀତତାପ ନିୟନ୍ତ୍ରିତ । ମାଟିତଳ ଟ୍ରେନ୍‌କୁ ସବ୍ ୱେ ବା ମେଟ୍ରୋ କହନ୍ତି । ଯେଉଁଠାରେ ଇଂରାଜୀ ଅକ୍ଷର (M) ଲେଖା ହୋଇଥିବାର ଅର୍ଥ ରାସ୍ତା ଉପରୁ ପାହାଚରେ ତଳକୁ ଓହ୍ଲାଇଗଲେ ମେଟ୍ରୋ ଷ୍ଟେସନଟେ ମିଳିଯିବ । ଏବେ ଭାରତବର୍ଷରେ ବଡ଼ ବଡ଼ ନଗରୀରେ ମେଟ୍ରୋ ଟ୍ରେନ ଖୁବ୍ ଜନପ୍ରିୟ ହେଲାଣି । ଲଣ୍ଡନରେ ମେଟ୍ରୋ ଟ୍ରେନର ଆଉ ଗୋଟିଏ ସୁବିଧା ହେଲା, ଷ୍ଟେସନ କାନ୍ଥରେ, ଟ୍ରେନର ପ୍ରତ୍ୟେକ ବଗିର କାନ୍ଥରେ ଟ୍ରେନର ଗତିପଥ ବଡ଼ ବଡ଼ ମାନଚିତ୍ରରେ ଅଙ୍କିତ ହୋଇ

ସଂକେତ ଚିହ୍ନମାନ ଦିଆଯାଇଛି । ଅର୍ଥାତ୍ ଯାତ୍ରୀର ଆଖି ସାମନାରେ ତା'ର ଯାତ୍ରାପଥ ସୁସ୍ପଷ୍ଟ ହୋଇ ରଖାହୋଇଛି । ଭୁଲରେ ଆଗକୁ ଚାଲିଗଲେ ମଧ୍ୟ କିଛି ଅସୁବିଧା ନାହିଁ । ପ୍ରତି ଦୁଇ ମିନିଟ୍‌ରେ ଟ୍ରେନ୍, ତେଣୁ ସହଜରେ ଫେରିହେବ । ମୁଁ ବି କେତେଥର ଆଗକୁ ଯାଇ ପଛକୁ ଫେରି ଲଣ୍ଡନର ୱେଷ୍ଟମିନିଷ୍ଟର୍ ବ୍ରିଜ୍, ୱେଷ୍ଟମିନିଷ୍ଟର ଆବି, ବକିଂଙ୍ଗହାମ୍ ପ୍ରାସାଦ, ପାର୍ଲ୍ୟାମେଣ୍ଟ, ପିକାଡ଼େଲି ସର୍କର, ହାଇଡ଼ି ପାର୍କ, ମହମର ଯାଦୁଘର, କିଙ୍ଗସ୍‌ସ୍କୋୟାର ଆଦି ଦେଖିଦେଲି - ଚୁମ୍ବକରେ ।

ହାଇଡ଼ି ପାର୍କର ସୌନ୍ଦର୍ଯ୍ୟ ବିଷୟରେ ଆଗରୁ ବହୁତ ପ୍ରଶଂସାପୂର୍ଣ୍ଣ ବର୍ଣ୍ଣନା ବହିରେ ପଢ଼ିଥିଲି । ହେଲେ ବାସ୍ତବରେ ଏହା ଆଦୌ ସୁନ୍ଦର ତ ନୁହେଁ, ବରଂ ଅସୁନ୍ଦର ଯାଗାଟିଏ । ନାମକୁ ମାତ୍ର ପାର୍କ । କବିବର ରାଧାନାଥଙ୍କ କବିତା ମନେ ପଡ଼ିଗଲା, 'ପୂଜାଷ୍ପଦ ହେଲା ଗୋଷ୍ପଦ ପୁଷ୍କର' । ପାର୍କର ସବୁଜିମା ସୁସଜ୍ଜିତ ଫୁଲଗଛ ଏଠାରେ ବିଶେଷ ନଥିଲା । ଗୋଟାଏ ଦୁଇଟି ବଡ଼ ବ୍ରୋଞ୍ଜର ମୂର୍ତ୍ତି, ସେଥିରୁ ଜଳଧାରା କଳକଳ ହୋଇ ଖସିଆସୁଛି । ଘାସ ଲନ୍ ମଝିରେ କେତୋଟି ବଡ଼ ଗଛ । ବାସ୍ । ଏଇ ହେଲା ହାଇଡ଼ି ପାର୍କ ।

କିନ୍ତୁ ବକିଂଙ୍ଗହାମ୍ ରାଜପ୍ରାସାଦ ଦେଖିଲା ଭଳି ଯାଗାଟିଏ । ଚାରିପଟେ ବିସ୍ତୃତ ଉଦ୍ୟାନ, ଛୋଟ ଛୋଟ ନାଳିରେ ହଂସ, ବତକ କ୍ରୀଡ଼ାରତ । ଫୁଲ ଫଳରେ ଉଦ୍ୟାନ ଭର୍ତ୍ତି । ରାଜପ୍ରାସାଦର ସୁପ୍ରଶସ୍ତ ପାହାଚ ଉପରେ ଚଢ଼ି ବୁଲିଲା ବେଳକୁ ମନେପଡ଼ିଲା ୧୯୩୦ ଗୋଲ୍ ଟେବୁଲ୍ ବୈଠକରେ ଯୋଗ ଦେବାକୁ ଯାଇଥିଲେ ମହାତ୍ମାଗାନ୍ଧୀ । ବୈଠକର ଆୟୋଜନ ଏହି ପ୍ରାସାଦରେ ହୋଇଥିଲା । ମହାତ୍ମାଗାନ୍ଧୀ ରାଜପ୍ରାସାଦ ପାହାଚରେ ଚଢୁଥିବା ବେଳେ ତତ୍କାଳୀନ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ୱିନ୍‌ଷ୍ଟନ୍ ଚର୍ଚ୍ଚିଲ କ୍ରୋଧ ସମ୍ଭାଳି ନପାରି କହି ପକାଇଲେ : 'ଓଃ, ଏଇ ଅର୍ଦ୍ଧ ଉଲଗ୍ନ ଫକୀର !' (Oh! this half -naked Fakir!)

ରାଜା ସଙ୍ଗେ ସଙ୍ଗେ ଉତ୍ତର ଦେଲେ, 'ଯାହାକୁ ତୁମେ ଆଜି ଅର୍ଦ୍ଧ ଉଲଗ୍ନ ଫକୀର କହୁଛ, ସେଇଦିନେ ସୂର୍ଯ୍ୟ ଅସ୍ତ ଯାଉନଥିବା ସମଗ୍ର ବ୍ରିଟିଶ୍ ସାମ୍ରାଜ୍ୟକୁ ସଂପୂର୍ଣ୍ଣ ଉଲଗ୍ନ କରି ଛାଡ଼ିଦେବ ।' ପରବର୍ତ୍ତୀ କାଳରେ ରାଜାଙ୍କ କଥା ସତ ହେଲା । ଆଜି ସେଇ ଅର୍ଦ୍ଧ ଉଲଗ୍ନ ଫକୀରର ଦେଶରୁ ଯାଇ ବକିଂଙ୍ଗହାମ୍ ପାଲେସ ପାହାଚରେ ଠିଆ ହୋଇ ଏହାର କଳାକୃତି, ବିପୁଳତା, ସୌନ୍ଦର୍ଯ୍ୟ ଦେଖି ଭାବୁଥିଲି ଏହାର କେତେ ଅଂଶ, କେତେ

ମୂଲ୍ୟବାନ ଧାତୁ, ମୂର୍ତ୍ତି, ମାର୍ବଲ, ସୁନା, କାର୍ପେଟ୍, କାଠ ବା ସିଂହ, ବାଘ, ହରିଣଙ୍କ ମୁଣ୍ଡ ସେଇ ଅଧା ଲଙ୍ଗଳା ଦେଶରୁ ଆସିଛି! ତାପରେ ମୋତେ ଏ ରାଜପ୍ରାସାଦ ଆଉ ସୁନ୍ଦର ଦିଶିଲା ନାହିଁ। କେତେ ଉପନିବେଶର, କେତେ କଙ୍କାଳର ସ୍ତୁପ ଉପରେ ଏହା ଯେମିତି ଠିଆ ହୋଇଛି ସେମିତି ମନେ ହେଲା। ଏହା ଗୋଟେ ଏକଦେଶଦର୍ଶୀ ଚିନ୍ତାଧାରା ହୋଇପାରେ। କାରଣ ପ୍ରତିଦିନ କେତେ ଶହ ଦର୍ଶକ ଏହାକୁ ଦେଖି ଉଲ୍ଲସିତ ହେଉଛନ୍ତି।

ଥେମ୍ସ ନଦୀ ଉପରେ ୱେଷ୍ଟମିନିଷ୍ଟର ବ୍ରିଜ୍ ବେଶ୍ ସୁନ୍ଦର ଜାଗାଟିଏ, କିନ୍ତୁ ଥେମ୍ସ ନଦୀର ଜଳ ଏଠି ଏତେ ପଙ୍କିଳ ଆଉ ଦୁର୍ଗନ୍ଧ ଯୁକ୍ତ ଯେ, ବେଶୀ ସମୟ ଠିଆ ହୋଇ ରହିବା ବି ଅସମ୍ଭବ। ଟି. ଏସ୍. ଇଲିୟଟ୍ ଏଇ ଥେମ୍ସ ନଦୀର ଜୀବନଧାରାକୁ ଦେଖି ୱେଷ୍ଟଲ୍ୟାଣ୍ଡ କାବ୍ୟ ଲେଖିଥିଲେ। କବି ସତରେ ଦ୍ୱିତୀୟ ସ୍ରଷ୍ଟା, ଥେମ୍ସର ଗୋଳିଆ ପାଣିରେ ଏଠାରେ ଗୋଳିଆ ଜୀବନକୁ କବି ଠିକ୍ ଦେଖି ପାରିଥିଲେ। ଏହା ଗୋଟିଏ ୱେଷ୍ଟଲ୍ୟାଣ୍ଡ ନୁହେଁ ତ ଆଉ କଣ, ଯେଉଁଠି ନୈତିକତାର ଏଭଳି ଅବକ୍ଷୟ ହୋଇ ଚାଲିଛି ନିରବଚ୍ଛିନ୍ନ ଭାବରେ। ଉପନିବେଶ ସ୍ଥାପନାରୁ ଏହି କ୍ଷୟିଷ୍ଣୁ ନୈତିକତାର ଆରମ୍ଭ ହୋଇଛି।

ୱେଷ୍ଟମିନିଷ୍ଟର ବ୍ରିଜ୍‌କୁ ଲାଗି ୱେଷ୍ଟମିନିଷ୍ଟର ଆବି

ଦେଖି ସାରିଲା ବେଳକୁ ଢ଼େର୍ ବେଳ ହୋଇଯାଇଥାଏ। ପ୍ରାୟ ଛଅ ସାତଘଣ୍ଟା ବୁଲି ଫେରିଲା ବେଳକୁ ମୁଁ କ୍ଳାନ୍ତ ହୋଇ ଯାଇଥିଲି। ଏଥର ଫେରିବାକୁ ସ୍ଥିର କଲି। ମନେ ପକାଇ ପକାଇ, ଦୁଇଥର ବାଟ ଭୁଲି ମୁଁ ବିମାନଘାଟୀରେ ମୋ ପରିଚିତ ଯାଗାରେ ପହଞ୍ଚିଗଲି। ସେତେବେଳକୁ ବି ଆମ ବିମାନ କେତେବେଳେ ଛାଡ଼ିବ ଘୋଷଣା ହୋଇ ନଥାଏ। ସେଠାରେ ଉପରୁ ଝୁଲୁଥିବା କମ୍ପ୍ୟୁଟର ପର୍ଦାରେ ଉଡ଼ାଜାହାଜ ନମ୍ବର, ଛାଡ଼ିବା ସମୟ ଓ ଯେଉଁ ଗେଟରୁ ଛାଡ଼ିବ ତାର ନମ୍ବର ଲେଖା ହୋଇଯାଏ। ସାଢ଼େ ଦୁଇଟାରେ ଆମ ଉଡ଼ାଜାହାଜ ଛାଡ଼ିବା କଥା। ମୁଁ ୧୭ ନମ୍ବର ଗେଟ୍ ପାଖ ଗୋଟେ ଲମ୍ବା ସୋଫାରେ ବସି ପଡ଼ିଲି। ସୋଫାଟି ଗୋଟେ କୋଣକୁ ପଡ଼ିଥିଲା। ହଠାତ୍ ଦେଖିଲି ଜଣେ ଅତିକଳା, ଅତି ବଳିଷ୍ଠ ଓ ଦୀର୍ଘାଙ୍ଗୀ, ସୁନ୍ଦରୀ, ବହୁତ ଗହଣା ଗାଣ୍ଠିରେ ମଣ୍ଡିତା ହୋଇ ଆସି ମୋ ପାଖେ ଠିଆ ହୋଇଗଲେ। କହିଲେ " 'ତୁ ଯିବୁନି କି?' ଏ ଭିତରେ ମୁଁ କେତେବେଳେ ଗାଢ଼ ନିଦରେ ଶୋଇପଡ଼ିଛି ଜାଣିନି। ସଳଖ ହୋଇ ଗଦି ସୋଫାରୁ ଡ଼େଇଁ ପଡ଼ି ପାଖ

କାଉଣ୍ଟରର ତରୁଣୀଙ୍କୁ ଟିକେଟ୍ ଦେଖାଇ କହିଲି, 'ମାଇଁ ଫ୍ଲାଇଟ୍ ? ଆଇ ସାଲ୍ ଗୋ ଟୁ ଷ୍ଟେଟ୍‌ସ।' ତରୁଣୀ ଜଣକ ଆଶ୍ଚର୍ଯ୍ୟ ହୋଇଗଲେ, ବିଚଳିତ ବି ହେଲେ। କହିଲେ: 'ଆପଣଙ୍କ ପ୍ଲେନ୍ ତ ଷ୍ଟାର୍ଟ କଲାଣି, ଆପଣ କରୁଥିଲେ କ'ଣ ?' ମୁଁ କହିଲି - 'ଶୋଇ ପଡ଼ିଥିଲି।' 'ଶୋଇ ପଡ଼ିଥିଲେ ? ଓଃ ନୋ'... କହିବା ଭିତରେ ଫୋନ୍ କରି ସେ ଉଡ଼ାଜାହାଜର ପାଇଲଟଙ୍କୁ ଜଣେ ପାସେଞ୍ଜର ରହିଯାଇଥିବା କଥା କହିଲେ। ପ୍ଲେନ୍ ଭୂମିରୁ ଉଠିନଥିଲା, ପୁଣି ଦରଜା ଖୋଲିଲା, ମୁଁ ଦୌଡ଼ି ଦୌଡ଼ି ପ୍ଲେନ୍ ଭିତରକୁ ପଶିଗଲି, ଦୁଇ ତିନିଥର ସେଇ ଏକା ଉତ୍ତର ଦେଇ ଚାଲିଥିଲି - 'ମୁଁ ଶୋଇ ପଡ଼ିଥିଲି।' ସେଇମାନେ ସେମିତି ବିସ୍ମୟ ପ୍ରକାଶ କରୁଥିଲେ। ମୋର ସେମାନଙ୍କୁ ଅନେଇବାକୁ ବି ସମୟ ନଥିଲା।

ମୋ ସିଟ୍‌ରେ ବସିପଡ଼ି ଆଗ ପାଣି ପିଇ ପକାଇଲି, ତା ପରେ ଭାବିଲି ସେଇ କାଳୀ ସ୍ତ୍ରୀ ଲୋକଟି କିଏ ଥିଲେ ଯିଏ ଓଡ଼ିଆରେ ମତେ ଡ଼ାକି ଉଠେଇଦେଲେ। ସେ ଥିଲେ ଆମ ଗାଁ ନରଣଗଡ଼ର ମା ଭଗବତୀ। ମୁଁ ବର୍ଷକର ହୋଇଥିଲା ବେଳେ ମୋ ବାପାଙ୍କୁ ପ୍ରଚଣ୍ଡ ବସନ୍ତ ରୋଗରୁ ମୃତ୍ୟୁ ମୁଖରୁ ଉଦ୍ଧାର କରିଥିଲେ ସେଇ। ଜେଜେମାଙ୍କ ଠାରୁ ଏକଥା ମୁଁ ଶୁଣିଛି। ଆଜି ମୁଁ ବି ତାଙ୍କ ଦର୍ଶନ ପାଇଲି, ନ ହେଲେ କଣ କରିଥାନ୍ତି ?

ଜେ.ଏଫ୍.କେ

ଲଣ୍ଡନର ହିଥ୍ରୋ ଏୟାର୍‌ପୋର୍ଟରୁ ଆମ ବିମାନ ବାହାରିଲା ଲଣ୍ଡନ ସମୟ ଅପରାହ୍ନ ତିନିଟା ବେଳକୁ। ସେଦିନ ଥିଲା ଜୁଲାଇ ତିନି ତାରିଖ। ନ୍ୟୁୟର୍କର ଜନ୍. ଏଫ୍. କେନେଡ଼ି ଏୟାର୍‌ପୋର୍ଟରେ ପହଞ୍ଚିଲା ବେଳକୁ ଆମେରିକା ସମୟ ହୋଇଥିଲା ଜୁଲାଇ ତିନି ତାରିଖ ଅପରାହ୍ନ ପାଞ୍ଚଟା। ଘଣ୍ଟାର ସମୟ ଅନୁସାରେ ଦୁଇଘଣ୍ଟାର ପାର୍ଥକ୍ୟ ଥିଲା ଅଥଚ ଆମର ଯାତ୍ରା ଥିଲା ନଅ ଘଣ୍ଟାର।

ମୁଁ ବୋଧେ ମାନସିକ କ୍ଳାନ୍ତି ଯୋଗୁ ଢୁଳେଇ ପଡୁଥିଲି। ବିମାନ ପରିଚାରିକାଙ୍କ କୋମଳ ସ୍ପର୍ଶରେ ଉଠି ଖାଦ୍ୟ ଓ ପାନୀୟ ନେଇ ପୁଣି ଶୋଇ ପଡୁଥିଲି। ଏଥର ମନେହେଲା ଯେପରି ଖୁବ୍ ଶୀଘ୍ର କେନେଡ଼ି ବିମାନଘାଟୀ ଆସିଗଲା। ଏହାକୁ ସମସ୍ତେ ଜେ.ଏଫ୍.କେ. କହନ୍ତି।

ଜେ.ଏଫ୍.କେ. ଖୁବ୍ ବିପୁଳ ଆୟତନ ବିଶିଷ୍ଟ ଏୟାର୍‌ପୋର୍ଟଟିଏ । ହଡ୍‌ସନ ନଦୀ ଏହାକୁ ପ୍ରାୟ ବେଢ଼େଇ ରହିବା ପରି ରହିଛି । ବିମାନ ଅବତରଣ କଲାବେଳକୁ ଅଳ୍ପ ଉଚ୍ଚ ଆକାଶରୁ ଦେଖା ଯାଉଥିଲା କାର୍ ପାର୍କିଂ ସ୍ଥାନର ଦୃଶ୍ୟ । କେତେ ମାଇଲ୍ ଯାଏଁ ଏହା ବ୍ୟାପ୍ତ ଥିଲା, ଆଉ ରଙ୍ଗ ରଙ୍ଗର, ଭିନ୍ନ ଭିନ୍ନ ଆକୃତିର କାର୍ ମାଇଲ ବ୍ୟାପୀ ପାର୍କିଂ ଯାଗାରେ ରହିଥିଲା । ତାକୁ ଦେଖି ହିଁ ଆମେ ଜାଣିଗଲୁ ଯେ ଆମେ ଆମେରିକାରେ ପହଞ୍ଚି ସାରିଥିଲୁ ।

ବିପୁଳାୟତନ ଜେ.ଏଫ୍.କେ.ରେ ଅନେକ ବହୁତଳ ପ୍ରାସାଦ, ଅନେକ ରନୱେ, ଅନେକ ଉଠୁଥିବା, ଖସୁଥିବା, ରହିଥିବା ଉଡ଼ାଜାହାଜ, ଏୟାର୍‌ପୋର୍ଟ ଅଥରିଟିଙ୍କ ଗାଡ଼ି ଇତ୍ୟାଦିର ସମାହାର । ସେମିତି ଦେଖିବାକୁ ଗଲେ ଆମେରିକାର ସବୁ ବିମାନଘାଟୀ ଗୋଟିଏ ଗୋଟିଏ ଦର୍ଶନୀୟ ସ୍ଥାନ । ପରବର୍ତ୍ତୀ କାଳରେ ମୁଁ ଦେଖିଥିବା ଡ଼ଲାସ୍, ଆଟ୍‌ଲାଣ୍ଟା, ହ୍ୟୁଷ୍ଟନ୍, ଟାମ୍ପା, ଲସ୍‌ଏଞ୍ଜେଲସ୍, କାନ୍‌ସାସ, ଓହାଇଓ, ବାଲଟିମୋର୍ ବିମାନଘାଟୀ କେହି କାହାଠାରୁ ଊଣା ନଥିଲେ । ତେବେ ଲସ୍‌ଏଞ୍ଜେଲସ୍ ବିମାନଘାଟୀରେ ମୁଁ ଢ଼େର୍ ସମୟ ବୁଲିଥିଲି । ଏଠି ପ୍ରତି ଅଧ ମିନିଟରେ କେତେ କେତେ ବିମାନ ଆରୋହଣ ଓ ଅବତରଣ କରୁଥିଲେ ।  ଏହାର ବିଲଡିଂ ଗୁଡ଼ିକ ଯେପରି ଚକ୍ ଚକ୍ ପରିଚ୍ଛନ୍ନ, ବିଲ୍‌ଡିଂରୁ ବିଲଡ଼ିଂକୁ ଯିବା ପାଇଁ ବ୍ୟବହୃତ ହେଉଥିବା ଏୟାର କଣ୍ଡିସନ୍‌ଡ଼ ବସ୍ ଗୁଡ଼ିକ ତତୋଽଧିକ ପରିଚ୍ଛନ୍ନ । ବସ୍‌ଗୁଡ଼ିକ ସୁଟ୍ (Shute) ପରି ବିଲଡ଼ିଙ୍ଗ୍ ସହ ଲାଗିକରି ଥାଆନ୍ତି ଓ ପୁଣିଯାଇ ଗନ୍ତବ୍ୟ ସ୍ଥଳରେ ପ୍ରାସାଦ ସହିତ ସେହିପରି ଲାଗିଯାଆନ୍ତି । ଯାତ୍ରୀ ସଳଖ ନିଜ ସିଟ୍‌ରୁ ଉଠି ହୁଏତ କୋଉ କୋଠାର ୩ୟ ବା ୪ର୍ଥ ମହଲାକୁ ପ୍ରବେଶ କରନ୍ତି । ଅର୍ଥାତ୍ ଆମେ କେବଳ ମୋଟା କାର୍ପେଟ୍ ଉପରେ ଗୋଟିଏ ସମତଳରେ ବାହାର ଭିତର ହେଉଥାଉ ଅଥଚ ଏ ଭିତରେ ଆମେ ଆଉ ଗୋଟେ ବିଲଡିଙ୍ଗ୍, ଆଉ ଗୋଟେ ରନ୍‌ୱେ ପାଖକୁ ଆସି ସାରିଥାଉ ।

ତେବେ କେନେଡ଼ି ଏୟାର୍‌ପୋର୍ଟରେ ଗୋଟେ ଜିନିଷ ଲକ୍ଷ୍ୟକଲି ବ୍ରିଟିଶ ଏୟାର୍‌ୱେଜ୍ ଓ ଆମେରିକାନ୍ ଆନ୍ତର୍ଜାତୀୟ ବିମାନ ପାଇଁ ପ୍ରବେଶ ଦ୍ୱାର ଓ ପ୍ରସ୍ଥାନ ଦ୍ୱାର ଅନ୍ୟ ସବୁ ଦେଶର ବିମାନ ଦ୍ୱାର ଠାରୁ ଭିନ୍ନ । ଏଥା ଅଧିକ ଅଭିଜାତ ପରି ମୋର ମନେ ହେଲା । ଏୟାର୍ ଇଣ୍ଡିଆ ସମେତ ବାକି ସବୁ ବିମାନମାନଙ୍କ ଇଣ୍ଟରନ୍ୟାସନାଲ୍ ଏଣ୍ଟ୍ରାନ୍ସ ଓ ଏକ୍‌ଜିଟ୍ ପଥ ଗୋଟିଏ । ବ୍ରିଟିଶ୍ ଏୟାର୍‌ୱେଜ୍ ଠାରୁ ଏହା ଟିକେ ଦୂରରେ ଥିଲା ।

ଝିଅ ଜ୍ୱାଇଁ, ନାତି ନାତୁଣୀଙ୍କ ସାଥିରେ ପ୍ରଥମ ସାକ୍ଷାତ ଖୁବ୍ ଆବେଗପୂର୍ଣ୍ଣ ହେବା ସ୍ୱାଭାବିକ । ପରଦିନ ଜୁଲାଇ ୪ ତାରିଖ ଆମେରିକାର ସ୍ୱାଧୀନତା ଦିବସ ଛୁଟିଦିନ । ଏଣୁ ଟ୍ରାଫିକ୍ ଭିଡ଼ ଭୟରେ ଶୀଘ୍ର ଆମେ ଘରକୁ ଫେରି ଆସିଲୁ । ନ୍ୟୁୟର୍କର ଏ ଘରଟି ଥିଲା ଜାମାଇକା ଏଭେନ୍ୟୁସ୍ଥିତ ରିଚମଣ୍ଡ୍ ହିଲ୍ରେ । ଘରେ ଆସି ପହଞ୍ଚିଲା ବେଳକୁ ସମୟ ସାଢ଼େ ସାତ । କିନ୍ତୁ ଆକାଶରେ ଖରା ବେଶ୍ ଉଜ୍ଜ୍ୱଳ ଥିଲା । ସଂଧ୍ୟା ହୋଇ ଆସିଲା ବେଳକୁ ଘଣ୍ଟା ଦେଖିଲି ନଅଟା ବାଜି ଆସୁଥିଲା । କୌତୁକରେ ଝିଅକୁ ପଚାରିଲି, 'ଲିପି, ୟେ କି ବିଚିତ୍ର ଦେଶ, ସଂଧ୍ୟା ଏଠି ରାତି ନଅଟାରେ ହେଉଛି ?' ଝିଅବି କୌତୁକରେ ଉତ୍ତର ଦେଲା : 'ସଂଧ୍ୟା ତ ହେଉଛି, ଏ ସମୟକୁ 'ରାତି ନ'ଟା' ବୋଲି କାହିଁକି କହୁଛୁ ? କେବଳ ନଅଟା କହ ।'

ଆମ ଭଡ଼ା ଘରଟି ଅନ୍ୟ ସବୁ ଘର ପରି ଥିଲା ସୁନ୍ଦର, ଘରର ଛାତ ଥିଲା ଗମ୍ବୁଜାକୃତି । ଏ ଘରଟି ଜଣେ ରୁମାନୀୟ ନର୍ସଙ୍କର ଥିଲା । ସେ ତାଙ୍କ ଦ୍ୱିତୀୟ ସ୍ୱାମୀ, ପ୍ରଥମ ସ୍ୱାମୀଙ୍କ ଔରସଜାତ କନ୍ୟା ଓ ଗୋଟିଏ ସାନପୁଅକୁ ଧରି ପଛପଟରେ ରହୁଥିଲେ । ଘର ସାମ୍ନା ଓ ପଛରେ ଥିଲା ସୁନ୍ଦର ବଗିଚା । ଘର ସାମ୍ନା ଗୋଟିଏ ବଡ଼ ଥୁଣ୍ଟା ଗଛରେ ବହୁତ୍ ଗୁଣ୍ଡୁଚି ମୂଷା ଭିଡ଼ ଜମେଇଥିଲେ । ହେଲେ ଆଶ୍ଚର୍ଯ୍ୟ! ଏ ଗୁଣ୍ଡୁଚି ମୂଷାଙ୍କ ପିଠିରେ ଶ୍ରୀରାମଙ୍କ ତିନି ଅଙ୍ଗୁଳିର ଚିହ୍ନ ନଥିଲା । ଆମେରିକାରେ ବହୁତ ବଡ଼ ଗଛ ଥିବାରୁ ଗୁଣ୍ଡୁଚିମୂଷା ସର୍ବତ୍ର ଦେଖାଯାନ୍ତି । କିନ୍ତୁ ସେମାନଙ୍କ ପିଠିରେ ତିନି ଧଳା ଗାର କାହିଁ ? ଭାରତୀୟ ଆଧ୍ୟାତ୍ମିକ ଚେତନାର ସ୍ୱାତନ୍ତ୍ର୍ୟ ଓ ବୈଶିଷ୍ଟ୍ୟ କଣ ଏହାଦ୍ୱାରା ପ୍ରତିପାଦିତ ହେଉଥିଲା ?



# ପ୍ରେମାୟନ

ଚନ୍ଦ୍ର ଶେଖର ବିଶ୍ୱାଳ

ଆଜ୍ଞା ଆପଣମାନେ ସମସ୍ତେ ରାମଲୀଳା, କୃଷ୍ଣଲୀଳା ଇତ୍ୟାଦି ଶୁଣିଥିବେ, ହେଲେ ମୁଁ ଏଠି ପ୍ରେମଲୀଳା ବିଷୟରେ ଲେଖୁଛି କାରଣ ଆଜିକାଲି ସମସ୍ତେ ପ୍ରେମ ପାଗଳ, ପ୍ରେମ ବିନା ସମସ୍ତଙ୍କ ସ୍ଥିତି ଅସମ୍ଭାଳ ।

ଆଜିକାଲି ପିଲା ଜନ୍ମ ହେବା କ୍ଷଣି ବୟଫ୍ରେଣ୍ଡ ଆଉ ଗାର୍ଲଫ୍ରେଣ୍ଡ ଖୋଜିବା ଆରମ୍ଭ କରି ଦେଉଛନ୍ତି । ନିକଟ ଅତୀତରେ ମୋର ଜଣେ ସଂପର୍କୀୟଙ୍କ ନବଜାତ ଶିଶୁକୁ ଦେଖିବା ପାଇଁ ହସପିଟାଲ ଯିବାର ସୌଭାଗ୍ୟ ମିଳିଲା । ସେଠି ଦେଖିଲା ବେଳକୁ ସେ ମା କୋଳରେ ଥାଇ ସୁନ୍ଦରୀ ନର୍ସ ଆଡ଼କୁ ଅନେଇ ରହିଛି ।

ଆଉ ଯଦି କୌଣସି ସ୍କୁଲର କାନ୍ଥ ଆପଣ ଦେଖିବା ଏବେ ଲେଖାଥିବ;

'ପ୍ରେମ ଅଟଇ ମହାଧନ । ପିଲାଏ କର ଉପାର୍ଜନ ॥'

ଥରେ ଗୋଟେ ସ୍କୁଲ ପିଲା ତା ମା'ଠାରୁ ମାଡ଼ ଖାଇବା ପରେ ବାପାକୁ ଯାଇ କହୁଛି, 'ବାପା ମୁଁ ଆଉ ତୁମ ସ୍ତ୍ରୀ ସହ Adjust କରି ରହିପାରିବି ନାହିଁ ।' ମୋର ଗୋଟିଏ ନିଜର ଦରକାର ।

କଲେଜ ପଢୁଆ ପିଲାଙ୍କ ପ୍ରେମ ବର୍ତ୍ତମାନ ସଂପୂର୍ଣ୍ଣ ଖୋଲା ମେଲା । କ'ଣ ଆଉ କରିବେ ଏମାନେ, ସବୁତ ସେଇ ବୟସର ଦୋଷ । ଏ ବୟସରେ ଏମାନେ ଏତେ ପ୍ରେମାନ୍ଧ ହୋଇଯାନ୍ତି ଯେ Class room ଆଉ Bed Room ଭିତରେ ପାର୍ଥକ୍ୟ ହୃଦୟଙ୍ଗମ କରି ପାରନ୍ତି ନାହିଁ ।

ବାକି ରହିଲା ବୟସ୍କ ଆଉ ବୃଦ୍ଧ ଗୋଷ୍ଠୀ । ଏମାନେ ସବୁ Secondary ପ୍ରେମ କରୁଛନ୍ତି । କାରଣ ଏମାନଙ୍କର ଘରେ ଗୋଟେ ଗୋଟେ Primary wife ରହିଛନ୍ତି । ଘରେ ନିଜ ସ୍ତ୍ରୀ ଥାଉ ଥାଉ ଏମାନେ ବାହାରେ ପ୍ରେମ ପଛରେ ପାଗଳ ହୋଇଥାନ୍ତି । ସିଧା ସଳଖ ଏମାନେ କାହାକୁ ପ୍ରେମ ନିବେଦନ କରି ପାରନ୍ତି ନାହିଁ । ତେଣୁ କମ୍ପ୍ୟୁଟରରେ Facebook, Twitter, Orkut ଆଦି ସାମାଜିକ ବନ୍ଧୁତ୍ୱର ୱେବ୍ ସାଇଟ୍ ମାଧ୍ୟମରେ ନିଜର ଅର୍ଦ୍ଧବୟସ୍କ ମହିଳା ଓ କନ୍ୟା ମାନଙ୍କୁ Propose କରିବାକୁ ପଛାନ୍ତି ନାହିଁ ।

ଏମାନଙ୍କୁ ଆମେ ଚୁପ୍ ସଇତାନ୍ ପ୍ରେମିକ ଗୋଷ୍ଠୀରେ ଅନ୍ତର୍ଭୂକ୍ତ କରି ପାରିବା ।

ଆଧୁନିକ ଯୁଗର ଏହି ପ୍ରେମଲୀଳା ବିଷୟରେ ବିଷଦ ଭାବରେ ଜାଣିବାକୁ ପ୍ରୟାସ କରିବା, ପ୍ରଥମେ ଜାଣିବା ପ୍ରେମ କରିବାର କିଛି ସୋପାନ ବିଷୟରେ ।

## ପ୍ରେମ ଚୟନ

ଏଇଟା ପ୍ରେମଲୀଳାର ପ୍ରଥମ ପାଦ । ଏହି ପାଦ ପାର କରାଇ ଦେବାପାଇଁ ପ୍ରେମିକମାନେ ବିଭିନ୍ନ ମନ୍ଦିରରେ ମୁଣ୍ଡିଆ ମାରି ମାରି ମୁଣ୍ଡ ଫୁଲେଇ ଦିଅନ୍ତି । ଦକ୍ଷିଣା ଦେଇ ଦେଇ ନିଜ ଦୈନନ୍ଦିନ ଖର୍ଚ୍ଚର ଏକ ବୃହଦାଂଶ ମନ୍ଦିରରେ ଦେଇ ପକାନ୍ତି । ଏହି ସୋପାନରେ ଖୋଜା ଚାଲେ ସୁନ୍ଦରୀ ଝିଅ ମାନଙ୍କୁ । ଆଉ ଯଦି କେଉଁଠି ସେମିତିକା ସୌନ୍ଦର୍ଯ୍ୟମୟୀ ଜଣେ ଦୁଇଜଣ ଦେଖାଦେଲେ ତାହେଲେ ନିର୍ଲଜ ଭାବେ ଆଖି ଖୋଲି ତାକୁ ବୁଲି ବୁଲି ଚାହୁଁଥାନ୍ତି । କାଳେ ସେ ଝିଅଟି ହସି ଦେବକି ! ଝିଅମାନେ ମଧ୍ୟ ଠିକ ସେହି ପରି ନୂଆ ମୁହଁର ଅନୁସନ୍ଧାନରେ ଥା'ନ୍ତି । ଏଇ ସମୟରେ ପିଲାମାନେ ଖାଲି ପ୍ରେମ ପ୍ରେମ ହୋଇଥାନ୍ତି । ଶୋଇଲେ ପ୍ରେମ, ଉଠିଲେ ପ୍ରେମ, ବସିଲେ ପ୍ରେମ । ସବୁବେଳେ କେବଳ ଗୋଟିଏ ଭାବନା, କେମିତି ପ୍ରେମ କରିବି, କେମିତି ସୁନ୍ଦରୀ ଗୋଟେ ଦୁଇଟା ଝିଅ ଫସେଇବି ।

ଝିଅମାନେ ଏଇ କ୍ଷେତ୍ରରେ ବହୁତ Choosy ହୋଇଥାନ୍ତି, କେବଳ ଉଚ୍ଚା ପକେଟ୍ ଥିବା ସୁନ୍ଦର ସୁଦୃଶ ଯୁବକ ମାନଙ୍କୁ ହିଁ ସେମାନେ ଚୟନ କରିଥାନ୍ତି । ଅବଶ୍ୟ ପୁଅ ମାନଙ୍କ ପରି ଝିଅ ମାନଙ୍କୁ କୌଣସି ଅସୁବିଧା ହୁଏନି ପ୍ରେମିକ ଚୟନ କରିବାରେ । ଏହି ସମୟରେ ପିଲାମାନେ କଲେଜ୍, ପାର୍କ, ସିନେମାହଲ୍, ସପିଂ ମଲ୍ ଆଦି ସ୍ଥାନରେ ଆଡ୍ଡ଼ା ଜମାଇଥାନ୍ତି । ଆଜିକାଲି ଅନେକ ପ୍ରେମିକ Facebook ଓ Twitter ର ଭକ୍ତିରେ ବି ବ୍ୟସ୍ତ ରହୁଥିବାର ଦେଖା ଯାଉଛି ।

ଏହି ଚୟନ ପର୍ବର ମୁଖ୍ୟ ଉପାଦାନ ମୋବାଇଲ୍ ଫୋନରେ SMS କିମ୍ବା ବେଳେବେଳେ କଥାବାର୍ତ୍ତା ମଧ୍ୟ ହୋଇପାରେ । ଏହାକୁ ଆମେ ହାଲକା ଫୁଲକା INTERVIEW ବୋଲି ମଧ୍ୟ କହି ପାରିବା ।

## ପ୍ରେମ ନିବେଦନ

ପ୍ରେମ ଚୟନର ହାଲକା ଫୁଲକା ଭାଷାର ଆଦାନ ପ୍ରଦାନ ପରେ ନିଜ ପ୍ରେମକୁ

ଆଉ ଏକ ପାଦ ଆଗେଇ ନେଇ ପ୍ରେମିକ ପ୍ରେମିକା ମାନେ ପରସ୍ପରକୁ ପ୍ରେମ ନିବେଦନ କରିଥାନ୍ତି । ଏହି ସୋପାନ ସମ୍ଭବତଃ କଲେଜର ଅଣବ୍ୟବହୃତ କୋଠରୀ, ଲାଇବ୍ରେରୀ, ପାର୍କ, ସିନେମା ହଲ୍, ସପିଂ ମଲ୍ ଆଦି ସ୍ଥାନରେ ହୋଇଥାଏ ।

ଭୁବନେଶ୍ୱରର ଅନେକ ପ୍ରେମିକ ଆମକୁ ପ୍ରେମ ନିବେଦନ ନିମିତ୍ତ ଶ୍ୟାମ ମୁଖାର୍ଜୀ ପାର୍କକୁ ସର୍ବଶ୍ରେଷ୍ଠ ସ୍ଥାନ ବୋଲି କହିଛନ୍ତି । ଏଠାରେ ପ୍ରେମ ନିବେଦନ କଲେ କାଳେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ Direct ଆଶୀର୍ବାଦ ପାଇବାର ବହୁତ Chance ରହିଛି ବୋଲି ଅନେକ ଭାବନ୍ତି ।

ଥରେ ଏ ଲେଖକ ସେହି ମୁଖାର୍ଜୀ ପାର୍କରେ ଏକ ନିଭୃତ ବେଞ୍ଚରେ ବସି ପ୍ରେମୀ ଯୁଗଳ ମାନଙ୍କୁ ଦେଖୁଥିବା ଅବସରରେ ଏପରି ଏକ ଦୃଶ୍ୟ ଦେଖିଥିଲା - ପାର୍କ ମଧ୍ୟକୁ ପଶି ଆସିଥିଲା ଏକ ଅଳ୍ପ ବୟସୀ ତରୁଣୀ ଏବଂ ତା ପଛେ ପଛେ ଏକ ଯୁବକ । ଯୁବକ ହଠାତ୍ ତରୁଣୀ ସମ୍ମୁଖରେ ଆଣ୍ଠୁମାଡ଼ି ବସି ପଡ଼ିଲା । ଗୋଟିଏ ହାତରେ ଗୋଲାପ ଫୁଲ ଧରି ସେ ଝିଅଟିକୁ କହିଲା, 'I Love You. ତୁମେ ଏ ଫୁଲ ପରି ସୁନ୍ଦର' । ଝିଅଠାରୁ କିଛି ଉତ୍ତର ନ ପାଇ ସେ ଫୁଲକୁ ପାଦତଳେ ପକାଇ ଦେଇ ଆଉ ଗୋଟିଏ ବଡ଼ ଫୁଲ ତୋଡ଼ା ହାତରେ ଧରି କହିଲା, 'ତୁମ ସୁନ୍ଦରତା ଆଗରେ ଏ ଫୁଲମାନଙ୍କର ମୂଲ୍ୟ କିଛି ନାହିଁ ।' ଫୁଲ ତୋଡ଼ାକୁ ଝିଅ ହାତକୁ ବଢ଼ାଇ ଦେଇଥିଲା, ବୋଧହୁଏ ଏହି ସମୟରେ ଠାକୁରଙ୍କ କୃପାଦୃଷ୍ଟି ପଡ଼ିଗଲା ସେ ପ୍ରେମିକ ଉପରେ । ଝିଅଟି ଯୁବକ ଉପରେ ପୁରା ଦୟାବତୀ ହୋଇ କହିଲା, ' I Love you too. ତୁମ ବିନା ମୋ ଜୀବନ ଅସଂପୂର୍ଣ୍ଣ' ।

ଗାଁ ଗହଳିରେ ଠାକୁର ମନ୍ଦିର, କଦମ୍ବ ଗଛ ମୂଳ, ନଦୀ କୂଳ ଆଦି ସ୍ଥାନରେ ପ୍ରେମ ନିବେଦନ ଜୋରସୋରରେ ହୁଏ । ଆଉ କେତେଜଣ ମଧ୍ୟ ଏହି ନିବେଦନ ପର୍ବକୁ ଗୋଟେ ସ୍ୱତନ୍ତ୍ର ଦିବସ ଭାବରେ ପାଳିଥାନ୍ତି । ସେଇଟା ହେଲା ଭାଲୁଟଣା ଦିବସ ।

## ପ୍ରେମ ଅଭିନନ୍ଦନ

ପ୍ରେମ ନିବେଦନରେ ଯଦି ପ୍ରେମିକା ହଁ କହିଲା ତା ହେଲେ କଥା ସରିଲା ଆଉ ପ୍ରେମିକର ଗୋଡ଼ ତଳେ ଲାଗେ ନାହିଁ । ଦିନରେ ତାକୁ ପୁନେଇର ଜହ୍ନ ମିଳିଯାଏ । ଏହି ସମୟରେ ପ୍ରେମିକଟି ତା ପ୍ରେମିକାକୁ ଆକାଶରୁ ତାରା ଆଣିକି ଦେବାପାଇଁ ମଧ୍ୟ ପ୍ରସ୍ତୁତ ଥାଏ । ପ୍ରେମ ଅଭିନନ୍ଦନର ଅଧିକ ଫାଇଦା ଉଠାଇଥାନ୍ତି ପ୍ରେମିକର ସାଙ୍ଗମାନେ ।

ପ୍ରେମିକଟି ଏହି ସମୟରେ ଅତ୍ୟନ୍ତ ଆନନ୍ଦିତ ହୋଇଥାଏ । ତାର ସାଙ୍ଗ ମାନଙ୍କୁ ପ୍ରେମ ଖୁସିରେ ପୁରା ଦିଲଖୁସ୍ ପାର୍ଟି ଦେଇଥାଏ । ଏହି ସମୟରେ ପ୍ରେମିକକୁ ସୃଷ୍ଟିର ସମସ୍ତ ସୁନ୍ଦର ଜିନିଷ ନିଜ ପ୍ରେମିକା ପରି ଲାଗେ । ସେ କେତେବେଳେ ତକିଆକୁ ଗେଲ କରୁଥାଏ ତ କେତେବେଳେ ନିଜ ବନ୍ଧୁଙ୍କୁ ପ୍ରେମିକା ଭାବି କୁଣ୍ଢାଇ ପକାଉଥାଏ । ପ୍ରେମିକା ମଧ୍ୟ ଏହି ସମୟରେ ନିଜର ଯାବତୀୟ ଖର୍ଚ୍ଚ ପାଇଁ ନିଶ୍ଚିନ୍ତ ହୋଇ ପଡ଼େ । Shopping mallରେ ବୁଲିବା ହେଉ କିମ୍ବା Relax parlour ଯିବା ହେଉ ପ୍ରତ୍ୟେକ ସ୍ଥାନରେ ଜଣେ ବିଶ୍ୱସନୀୟ ଭୃତ୍ୟ ସଦୃଶ ପ୍ରେମିକ ଥାଏ, ଖର୍ଚ୍ଚକୁ ଡ଼ର ନଥାଏ କି ଭୟ ନଥାଏ । ବେଳେ ପ୍ରେମକୁ Continue କରିବା ପାଇଁ ଗରିବ ଛାତ୍ର ମାନଙ୍କୁ ନିଜ ମୋବାଇଲ୍ ଓ ଲ୍ୟାପଟପ୍ ମଧ୍ୟ ବନ୍ଧା ରଖିବାକୁ ପଡ଼ିଥାଏ ।

## ପ୍ରେମ ପରିଭ୍ରମଣ

ଏହି ସମୟରେ ପ୍ରେମିକ ପ୍ରେମିକାମାନେ ନିର୍ଜନ ସ୍ଥାନକୁ ଭାରି ଭଲ ପାଆନ୍ତି । ପାର୍କର ନିଭୃତ ଗଛବୁଦା ମୂଳେ ବସି ପରସ୍ପର ସହ ପ୍ରେମାଳାପ କରିବା ଓ ସ୍ଥଳ ବିଶେଷରେ ଏକାନ୍ତର ଫାଇଦା ନେବାକୁ ବି ପଛାନ୍ତି ନାହିଁ । ଅବଶ୍ୟ ଏହି କ୍ଷେତ୍ରରେ ପୋଖତ ପ୍ରେମିକ ମାନେ ବାଜି ମାରି ନିଅନ୍ତି । ଏହି ସ୍ଥାନ ମାନଙ୍କରେ ସେମାନଙ୍କ ପରସ୍ପର ପ୍ରତି ପ୍ରେମର ପରୀକ୍ଷା ବି ଦେଇଥାନ୍ତି ପରସ୍ପରକୁ । Boating ଓ long drive ଆଦି ପ୍ରତି ଆକୃଷ୍ଟ କିଛି ପ୍ରେମୀଯୁଗଳ ମାନଙ୍କ ପାଇଁ ଭୁବନେଶ୍ୱରରେ ବିଶେଷ ପାର୍କ ବି ରହିଛି ।

## ପ୍ରେମରୁ ପ୍ରତ୍ୟାଖ୍ୟାନ

ପ୍ରେମ ଅନୁଭବ କରିସାରିବା ପରେ ଚୁଇଂ ଗମ୍‌ରୁ ସ୍ୱାଦ ଚାଲିଗଲା ପରି ପ୍ରେମିକ ପ୍ରେମିକା ଉଭୟ ନିଜକୁ ଠକି ହୋଇଥିବା ପରି ଅନୁଭବ କରିବା ଅନେକ କ୍ଷେତ୍ରରେ ଦେଖାଯାଏ । ପ୍ରେମିକ ମାନେ ବେଳେ ବେଳେ ନିରବ ରହିଯାଅନ୍ତି କିମ୍ବା ନୂଆ ପ୍ରେମିକା ଖୋଜିବାରେ ଲାଗି ପଡ଼ନ୍ତି । ପ୍ରେମିକା ମାନଙ୍କୁ ଅବଶ୍ୟ ଏସବୁ କରିବାକୁ ପଡ଼େ ନାହିଁ କାରଣ ସେମାନଙ୍କ Network ଏତେ Strong ଥାଏ ଯେ ଯଦି କୌଣସି କିଶୋରୀ Break up କରିଛି ଖବର ମିଳେ ବିନା ପରିଶ୍ରମରେ ଆହୁରି ଅନେକ ପ୍ରେମିକ ମାନେ ଧାଡ଼ି ଲଗେଇ ଦିଅନ୍ତି Propose କରିବା ପାଇଁ ।

ବେଳେ ବେଳେ ପ୍ରେମରେ ଧୋକା ଖାଇଥିବା କିଛି ପ୍ରେମିକ ମଦ୍ୟପାନ କରିବାରେ ମସଗୁଲ୍ ହୋଇଯାଆନ୍ତି । ରାସ୍ତାକଡ଼ ଡ୍ରେନରେ, ପରିତ୍ୟକ୍ତ ଟ୍ରେନରେ, ଦିବସର ବାର ଘଣ୍ଟିଆ ଖରାରେ ମଧ୍ୟ ମର୍ତ୍ତ୍ୟକୁ ସ୍ୱର୍ଗମଣି ପଡ଼ି ରହିଥିବାର ଦେଖାଯାଇଛି ।

କେତେକ କହନ୍ତି, ପ୍ରେମିକା ଥିଲା ବେଳେ ହୋଟେଲ୍ ବିଲ୍, ମୋବାଇଲ୍ ବିଲ୍ ଦେଇ କି ଯାହା ଖର୍ଚ୍ଚ ହେଉନଥିଲା ଏବେ ମଦ ପିଇକି ତା'ଠୁ ଢ଼େର୍ ଅଧିକ ଖର୍ଚ୍ଚ ହେଇ ଯାଇଛି ।

ଧେତ୍ ହେଲେ ବି ଦିଲ୍ ମାନୁନି ।


କାରଣ ଦିଲ୍ ତୋ ବଚ୍ଚା ହେ ଜୀ...



# ଭୂୟାଁ ବାବୁଂକ ରୋଷେଇ ଘରୁ .....

ପ୍ରଶାନ୍ତ କୁମାର ଭୂୟାଁ

## ୧.ମାଣ୍ଡିଆ ଜାଉ :



ବାସୀ ତୋରାଣୀ ଅଥବା ତାଜା ଗାଳି ଥିବା ପେଜ – ୪ କପ୍ସ୍ କୁ ଗୋଟିଏ ହାଣ୍ଡି ବା ରସ ଡେକଚୀ ରେ ଚୁଲ୍ଲା ଉପରେ ବସାନ୍ତୁ ।

ତାହା ଗରମ ହେଲେ ସେଥିରେ ସଦ୍ୟ ରାନ୍ଧି ଥିବା ଭାତ – ୨ କପ୍ସ୍ ଏବଂ ପୁର୍ବରୁ ୨ କପ୍ସ୍ ଥଣ୍ଡା ପାଣୀ ରେ ଭଲ ଭାବେ ଗୋଳି ରଖି ଥିବା ମାଣ୍ଡିଆ ଚୁନା କୁ ମିସାଇ ଦିଅନ୍ତୁ ।

ଅଳ୍ପ ଆଂଚ ରେ ତାକୁ ୧୫ ରୁ ୨୦ ମିନଟ୍ ଘୋଳିବା ପରେ ମିଶ୍ରଣ ଟି ଯେତେବେଳେ ବହଳିଆ ହେବ ସେତେବେଳେ ଆପନଂକ ମାଣ୍ଡିଆ ଜାଉ ହୋଇ ଗଲା ବୋଲି ଜାଣ ।

ମାଣ୍ଡିଆ ଜାଉ ର ବହଳିଆ ଦରକାର ଅନୁସାରେ କରି ନିଅନ୍ତୁ ।

ପ୍ରସ୍ତୁତ ହେଲା ଆପନଂକ ଓଡିଆ ଘର ର ମାଣ୍ଡିଆ ଜାଉ ।

## ୨.କାଂଜୀ





ଗୋଟିଏ ଲିଟର୍ ପେଜ ଅଥବା ତୋରାଣୀ ଏକ ହାଣ୍ଡି ବା ଡେକଚୀ ରେ ନେଇ ଚୁଲ୍ଲା ରେ ବସାନ୍ତୁ । ସେଥିରେ ଅଳ୍ପ ହଳଦୀ ଏବଂ ୩/୪ ଟି ଆମ୍ବୁଲ ବା ପରିମାଣ ଅନୁପାତ ରେ ଆମ୍ବୁଲ ପକାନ୍ତୁ ।

ଏହା ଗରମ ହେଲା ପରେ ସେଥିରେ ଆପନଂକ ମନ ମୁତାବକ ଏବଂ ପ୍ରିୟ ପରିବା ବଡ ଖଣ୍ଡ କରି ପକାନ୍ତୁ । ପରିବା ଟିକେ ସିଜି ଆସିଲା ବେଳକୁ ଚାଉଳ ଖୁଦ ଗୋଟିଏ କପ୍ ପକାନ୍ତୁ । ଯଦି କଂଚା ଝଟା ନ ଥାଏ ତାହା ହେଲେ ପୁର୍ବ ରାତି ରୁ ବତୁରାଇ ଥିବା ଝଟା ମଂଜି କୁ ମଧ୍ୟ ପକାଇ ପାରନ୍ତି । ଏହି ସମୟ ରେ ଭେଣ୍ଡି ପକାନ୍ତୁ । ଦରକାର ମୁତାବକ ଲୁଣ ପକାନ୍ତୁ । ଯେତେବେଳେ ଖୁଦ ଭାତ ହୋଇ ଯିବା ଏବଂ ପରିବା ସିଝି ଯିବା କାଂଜୀ ହୋଇ ଗଲା ବୋଲି ଜାଣ ।

( କାଂଜୀ ପାଇଁ ମୁଖ୍ୟତଃ - ବୋଇତାଳୁ, ଝ ଟା, କଂଚା ଅମୃତ ଭଣ୍ଡା , ସାରୁ, ଭେଣ୍ଡି , ପ୍ରଭୃତି ଅତି ଉତ୍ତମ ଅଟେ ) (କାଂଜୀ ର ବହଳିଆ ଖୁଦ ଓ ପେଜ/ତୋରାଣୀ ଅନୁସାରେ ହୋଇଥାଏ ) (କାଂଜୀ ରେ ଖଟା ଆମ୍ଳ ର ପରିମାଣ ଅନୁସାରେ ହୁଏ ) (ଆଧୁନିକ କାଂଜୀ ରେ କେତେ ଜନ ଟୋମାଟୋ ମଧ୍ୟ ପକାଇଥାନ୍ତି ) କାଂଜୀ ହୋଇ ସାରିଲା ପରେ , ଗୋଟିଏ କଢାଇ ରେ ଦୁଇ ଚାମଚ ରିଫାଇନ୍ ତେଲ ନେଇ ଗରମ କରନ୍ତୁ । ସେଥିରେ ଜୀରା, ସୋରିଶ ,ସୁଖିଲା ମରିଚ , ରସୁଣ କୋଳ, ପାନ ମଧୁରି, ଭୁରସୁଂଗ ପତ୍ର ନେଇ ଫୁଟାନ୍ତୁ । ଏହି ଫୁଟଣ ରେ କାଂଜୀ କୁ ଢାଳି ଦିଅନ୍ତୁ ।
ପ୍ରସ୍ତୁତ ହେଲା ଆପନଂକ ଓଡିଆ ଘର ର କାଂଜୀ ।

୩ .ତାଜା ଫଳ ରସାବଳୀ :



ଯେ କୌଣସି ତାଜା ଫଳ ବାଛି ନିଅନ୍ତୁ ।

ଏଠାରେ ଦିଆଯାଇଥିବା ଚିତ୍ର ରେ ମୁଁ ପାଚିଲା କଦଳୀ, ସେଓ , କଳା ଅଂଗୁର, କିସ୍ମିସ୍

, ପିଚ୍ ଓ ଖଜୁର୍ ନେଇଛି ।

ଫଳ ଗୁଡିକୁ ଧୋଇ ଦେଇ ଟିପ ଆକାର ର କାଟି ଗୋଟିଏ ପାତ୍ର ରେ ରଖନ୍ତୁ ।

ସେଥିରେ ଚିନୀ ଓ ଦହୀ ପକାଇ ଗୋଳି ଦିଅନ୍ତୁ ଭଲ ଭାବେ ।

ସୌକ୍ ଅନୁସାରେ ସେଥିରେ ଭାନିଲା, ରୋଜ୍ , ସ୍ତ୍ରବେରୀ ଏସେନସ୍ ଦୁଇ ତିନି ଟୋପା ପକାନ୍ତୁ । ଖରା ଦିନରେ ତାକୁ ଫ୍ରିଜ୍ ରେ

ଗୋଟିଏ ଘଣ୍ଟା ରଖନ୍ତୁ ଏବଂ ଶୀତ ଦିନ ରେ ସଂଗେ ସଂଗେ ପରସୀ ଦିଅନ୍ତୁ । ମୁଁ ଏହା କୁ ସଜାଇବା ପାଇଁ ସ୍ତ୍ରବେରୀ ଏବଂ ପୁଦିନା ନେଇଛି । ଦେଖନ୍ତୁ, କେତେ ସହଜିଆ ସୁଆଦିଆ ସ୍ୱାଦିସ୍ଟ ରସାବଳୀ ଟିଏ । ଘରକୁ ଅତିଥି ଆସିଲା ବେଳେ ଏହା ପରଶନ୍ତୁ ଏବଂ ବାହାବା ନିଅନ୍ତୁ ।

## ୪ . କାଜୁ ପୁଦିନା ଅନ୍ନ :



ପ୍ରଥମେ ଚାଉଳ କୁ ୧୫ / ୨୦ ସେକେଣ୍ଡ୍ ଧୋଇ ଦେଇ ପାଣି ନିଗାଡି ରଖନ୍ତୁ ।
ଚୁଲ୍ଲା ଉପରେ ପାତ୍ର ବସାଇ ସେଥିରେ ୨ / ୩ ଚାମଚ ଡାଲଡା କିମ୍ବା ବଟର୍ ପକାନ୍ତୁ ।
ଡାଲଡା ଟିକେ ଗରମ ହେଲା ପରେ ସେଥିରେ ୩/୪ ଟି ଲବଂଗ , ୩/୪ ଟି ଗୁଜୁରାତି , ୩/୪ ଟି ଡାଲଚିନି ଛାଲୀ ଓ ୨/୩ ଟି ତେଜପତ୍ର ପକାନ୍ତୁ । ପୁଣି ସେଥିରେ ଧୁଆ ହୋଇ ଥିବା ଚାଉଳ ପକାଇ ୪/୫ ମିନିଟ୍ ଧିରେ ଧିରେ ଘାଣ୍ଟନ୍ତୁ । ଚାଉଳ ଟିକେ ଭାଜି ହୋଇଗଲା ପରେ ସେଥିରେ ଭଲ ପରିମାଣ ର ଗରମ ପାଣି ମିସାନ୍ତୁ । ଭାତ ଟିକେ ହୋଇ ଆସିଲା ବେଳକୁ ତାକୁ ଗାଳି ଦେଇ ପାଣି ନିଗାଡି ଖୋଲା ରେ ରଖନ୍ତୁ । ଚୁଲ୍ଲା ଉପରେ ପାତ୍ର ବସାଇ ସେଥିରେ ୨ / ୩ ଚାମଚ ଡାଲଡା କିମ୍ବା ବଟର୍ ପକାନ୍ତୁ ।
ଡାଲଡା ଟିକେ ଗରମ ହେଲା ପରେ ସେଥିରେ ୨/୩ ଟି କଂଚା ମରିଚ, କାଜୁ ୧୦/୧୨

ଟି , ପୁଦିନା ୧୦/୧୨ ଟି ପତ୍ର (କଟା ହୋଇ ଥିବା ) ଏବଂ ୧୦/୧୨ ଟି ଦ୍ରାକ୍ଷା ପକାନ୍ତୁ । ଏହି ସବୁ ଦାନ ଭଜା ହୋଇ ଅସିଲା ବେଳକୁ ସେଥିରେ ଗଳା ସରିଥିବା ଅନ୍ନ ପକାଇ ଏବଂ ଦରକାର ଅନୁପାତ ରେ ଲୁଣ ମିଶାଇ ଦିଅନ୍ତୁ । ଭାତ କୁ ଭଲ ରୁପେ ମିଶାଇ ଦିଅନ୍ତୁ । ଦେଖନ୍ତୁ ବର୍ତମାନ ଆପନଂକ କାଜୁ ପୁଦିନ ଅନ୍ନ ପ୍ରସ୍ତୁତ ହୋଇଗଲା ।

ଏହା ଆପଣ କୌଣସି ମସଲାଦାର୍ ତରକାରୀ ଏବଂ ରାଇତା ସାଂଗରେ ପରସୀ ଦିଅନ୍ତୁ । କାଜୁ ଓ ପୁଦିନା ଆପଣଂକୁ ଏକ ମଜାଦାର୍ ସୁବାସ ଦେଇ ଆପନଂକ ଖାଇବା ତାକୁ ଆହୁରି ମଜାଦାର କରିବ ।

୫ . ଚିକେନ୍ କେପସିକମ୍ ମସାଲା ଦାର୍ :



ପ୍ରଥମେ ଚିକେନ୍ ଛୋଟ ଛୋଟ ଆକାର ରେ କାଟି ଧୋଇ ଦେଇ ପାଣି ନିଗାଡି ରଖନ୍ତୁ । ଚୁଲ୍ଲା ଉପରେ ପାତ୍ର ବସାଇ ସେଥିରେ ୨ / ୩ ଚାମଚ ଡାଲଡା କିମ୍ବା ବଟର୍ ପକାନ୍ତୁ । ଡାଲଡା ଟିକେ ଗରମ ହେଲା ପରେ ସେଥିରେ ଧୁଆ ହୋଇ ଥିବା ଚିକେନ୍ ପକାଇ ୫/୧୦ ମିନିଟ୍ ଧିରେ ଧିରେ ଘାଣ୍ଟନ୍ତୁ ଏବଂ କିଛି ଚାଇନା ସାଲଟ୍ ମିଶାନ୍ତୁ । ଚିକେନ୍ ଟିକେ ଭାଜି ହୋଇଗଲା ପରେ ସେଥିରେ ପୁର୍ବରୁ କାଟି ରଖି ଥିବା ପିଆଜ ଓ ୫/୭ ଟି ରସୁଣ କୋଳ ମିସାନ୍ତୁ । ଏବେ ଛୋଟ ଛୋଟ କଟା କେପସିକମ୍ ଓ ଲୁଣ ଦରକାର ଅନୁସାରେ ଦେଇ ପୁଣି ୫/୧୦ ମିନିଟ୍ ଧିରେ ଧିରେ ଘାଣ୍ଟନ୍ତୁ । ବର୍ତମାନ ୩/୪ ଟି ମରିଚ ଲମ୍ବା ଭାବେ କାଟି ସେଥିରେ ପକାନ୍ତୁ । ଚିକେନ୍ ସିଝି ଗଲା ପରେ ସେଥିରେ ଚିକେନ୍ ମସାଲା ୨ ଚାମଚ୍ ମିସାଇ ଭଲ ରୁପେ ମିସାନ୍ତୁ । ଦେଖନ୍ତୁ ବର୍ତମାନ ଆପନଂକ ଚିକେନ୍ କେପସିକମ୍ ମସାଲା ଦାର୍ ପ୍ରସ୍ତୁତ ହୋଇଗଲା । ଏହା ଆପଣ କୌଣସି ଟି ପାର୍ଟି ବା ସନ୍ଧ୍ୟା ସମୟ ରେ ମଧ୍ୟ ଖାଇ ପାରନ୍ତି ।



# ତୁ ପରା ମା'... ମୋ ମା'... ଦୁର୍ଗା ମା'

ରଶ୍ମୀ ରଞ୍ଜନ ଦାଶ (ବାପୁ)

ନାହିଁ ଆଉ ରୌଦ୍ରର ଝଡ଼ଝଞ୍ଜା

ବର୍ଷା ରାଣୀର ଟୁପୁରୁଟାପୁରୁ କମିଗଲାଣି ଅନେକ ଦିନରୁ

କାଶତଣ୍ଡୀ ହସିଲାଣି ଖିଲି ଖିଲି ହୋଇ

ଦିଏ ଅବା ସତେ କା'ର ଆଗମ ବାରତା ।

କିଏ ଆସିଛି... କିଏ ଆସୁଛି... (୧)

ଶରତ ଆସିଛି ମରତକୁ ଆଜି

ସର୍ବଦୁଃଖ କଷ୍ଟ ଦେବ ସେ ଭାଜି

ରହିବେନି କେହି ଆଉ ଦୁଃଖୀ.... କାରଣ...

ମା' ଆସୁଛି... ମୋ ମା'.... ଦୁର୍ଗା ମା' ... (୨)

ଦୁର୍ଗତୀ ନାଶିବା ପାଇଁ ତା'ର ଆଗମନୀ

ହୁଁ... ସିଏ ତ କେବଳ ବାହାନା

ମା' ଆସୁଛି ଛୁଆ ପାଖକୁ

କରିବାକୁ ବାତ୍ସଲ୍ୟ ଲୀଳାର ରଚନା...(୩)

ମା' ତ ଆସେ ସବୁ ବରଷ ଅଶିଣରେ

ତଥାପି ଏଥର କାହିଁ ଏ ନୂତନତା... ଏତେ ଆବିଳତା

କାରଣ... ସେ ପରା ମା'... ସେଇଥିପାଇଁ ମା'

ମୋ ମା'... ଦୁର୍ଗା ମା'...

ଦର୍ଶନରେ ମିଳେ ଆତ୍ମତୃପ୍ତି... ନିତ୍ୟ ନୂତନତା...(୪)

ମହିଁଷା ବଧିବା ଯଦି ହୋଇଥାନ୍ତା ତା'ର ଲକ୍ଷ୍ୟ

କୈଳାଶେ ଥାଇ କରି ପାରିଥାନ୍ତା ତାହା

ତଥାପି ଆସିଛି ସେ ଛାଡ଼ି ନିଜ ଧାମ

କାହିଁକି ଜାଣ....

ସିଏ ପରା ମା'... ମୋ ମା'... ଦୁର୍ଗା ମା'...(୫)

ସ୍ୱର୍ଗସୁଖ କରିଦେଇ ତୁଚ୍ଛ ଆସିଅଛି ମରତ ପୁରକୁ

ହାରିବାକୁ ତା' ଛୁଆର ଦୁଃଖ ଶୋକ ଯେତେ

କିନ୍ତୁ ଯେ ଛୁଆ ଯେ ଦୁଷ୍ଟ, ବଦମାସ୍, ଅଝଟିଆ

ତଥାପି ପରବାୟ ନାହିଁ

ସିଏ ଆସିଥିଲା... ଆସୁଛି... ଆସୁଥିବ

କାରଣ...

ସିଏ ପରା ମା'... ମୋ ମା'... ଦୁର୍ଗା ମା'...(୬)

ଏଇ ମା' ଛୁଆର ସଂପର୍କ ଗୁରୁତ୍ତ୍ୱପୂର୍ଣ୍ଣ ତା ପାଇଁ

ନକର ତାକୁ ପୂଜା... ନ ଦିଅ ଭୋଗ ବାଜା

ଲୋଡ଼ା ଖାଲି ଟିକେ ଭଲପାଇବା

ଆଉ ଖୋଲା ହୃଦୟଟା

ସେତିକିରେ ସେ ଖୁସି ନଯାଏ ରୁଷି...

କାରଣ...

ସିଏ ପରା ମା'... ମୋ ମା'... ଦୁର୍ଗା ମା'...(୭)

ମା' !!! ସତରେ କଣ ତୁ ଏମିତି ଆସୁଥିବୁ

ଛୁଆ ନ ଚାହିଁଲେ ବି, ନ ଡ଼ାକିଲେ ବି ତୁ ଶୁଣୁଥିବୁ !!!

ଦୁଃଖରେ ଆହା କହିବୁ, ସୁଖରେ ସାହା ହୋଇବୁ

ତୋତେ ରାଗ ଲାଗେନା ଏଇ ଛୁଆଙ୍କ ଉପରେ ???

ଓଃ କେମିତି ରାଗିବୁ...

ତୁ ପରା ମା'... ମୋ ମା'... ଦୁର୍ଗା ମା'...(୮)

ମା' !!! ଜୀବନ ଆଜି ଖୁବ୍ ବ୍ୟତିବ୍ୟସ୍ତ

ସମୟ ନାହିଁ ତୋହରି ଦରଶନ ପାଇଁ

ବୁଢ଼ିଆଣୀ ଜାଲଠୁ ବି ଜଟିଳ ଦୁନିଆଁ

ମା' ପାରିବୁତ ଆସି

ତୋ' ପୂଜାଠୁ ମହିଁଷାର ପୂଜା ଏଠି ବେଶୀ

ଜାଣେ ମା' ତୁ ସର୍ବ ଶକ୍ତିମୟୀ

କିନ୍ତୁ....

ତୋ ଛୁଆ ତ ନିଜେ ତୋର ଶତ୍ରୁ

ପାରିବୁ କି ମା' ତା ବିରୁଦ୍ଧେ ତ୍ରିଶୁଳ ଉଠେଇ

ପାରିବୁନି ମା... ପାରିବୁନି...

କାରଣ

ତୁ ପରା ମା'... ମୋ ମା'... ଦୁର୍ଗା ମା'...(୯)

ମା'ଲୋ ତଥାପି ତୁ ଆସୁଥା

ତୋହ ସଞ୍ଜିବନୀ ସ୍ପର୍ଶେ ବଞ୍ଚୁ ଏହି ମଲା ଦୁନିଆ

ତୁ ତ ନିଜେ ଚେତନା

ଚେତେଇ ଦେ ମା' ତୋ ନିଜ ସନ୍ତାନକୁ

ଆସୁଥା ମା'... ରାଗ ନା... ଆସୁଥା

କାରଣ...

ତୁ ପରା ମା'... ମୋ ମା'... ଦୁର୍ଗା ମା'...(୧୦)



# ପ୍ରହସନ

ବିଦ୍ୟାଧର ପଣ୍ଡା

ପ୍ରହସନ ବନ୍ଦକର ଟାଉଟର, ଫୁଲମାଳ ଥାଉ
ଗାନ୍ଧିବୁଢ଼ା ପୂଜା ତୋ'ହାତରେ ଲୋଡ଼ା ନାହିଁ ଆଉ ।
ଘୃଣା ଲାଗେ ଚାହିଁ ବାକୁ ମୁହଁ ତା'ର, ଥାଟରେ ଯେ ଗାନ୍ଧୀ ଜୟନ୍ତୀକୁ ପାଳେ
ପରଖିଛ କେବେ ଥରେ, କେତେ ସତ ଅଛି ତା' ପୋଷାକର ତଳେ ।
ବଚନରେ ପରଷୁଛି କେତେ ମିଠା କଥା,
ସଭାରେ ଗାଉଛି ସୁମଧୁର ଗାନ୍ଧିବାଣୀ;
ସନ୍ତର୍ପଣେ ଲୁଟୁଛି ସବୁରି ସମ୍ପତ୍ତି
ଗରିବର ରକ୍ତ ଶୋଷୀ, ମାଉଁସକୁ ଝୁଣି ।
ପଚାର ପଚାର ବନ୍ଧୁ, ଚିନି ବୋଳା କଥାକୁହା ଦସ୍ୟୁକୁ ପଚାର ।
ପକେଟରୁ କିଣିଛି କି ଫୁଲମାଳ, ନା ତା'ବି ସରକାରୀ ଉପହାର ?
ନିର୍ଲ୍ଲଜତାର ସବୁ ସୀମା, ଏଲୋକଟା ଟପି ତ ସାରିଛି;
ଆଇଁଶ-ଟକରା ବଗ, ଦିନଟିଏ ଲାଗି ଜାଣ ପଞ୍ଝୁକ ପାଳୁଛି ।
ସତକୁ ସାମନା କରିବାର, ଯଦି ତାକତ ଅଛି;
ମିଛ ଖୋଳପାରୁ ବାହାରି ଆ', ଶୁଣ୍ ବିବେକ ଯାହା କହୁଛି ।
ବନ୍ଦ୍ କର, ଯେତେ ମିଛ ଅଭିନୟ, ପ୍ରହସନ
ସାକୀ-ସୁରା ଛାଡ଼ି ସଜାଡ଼ ଘରକୁ/ଦେଶକୁ
ସେଇ ହେବ ଗାନ୍ଧୀଙ୍କୁ ସମ୍ମାନ !!
ବାଜେ ଲୋକ ତମେ ଦିଅ ନାଇଁ ଆଉ, ଗାନ୍ଧୀ ବେକେ ଫୁଲମାଳ ।
ଗଳପ ଶୁଣାଇ ଦେଖାଅନି ସ୍ୱପ୍ନ, ମିଛକୁ କରି ସମ୍ବଳ ।
କର ନାହିଁ ଆଉ ଶୁଖିଲାରେ ଦୁଇ ଅକ୍ଟୋବର, ଜୟନ୍ତୀ-ପାଳନର ଫମ୍ପା ଉତ୍ସବ ।
ଖୁସି ହେବେ ଗାନ୍ଧୀ, ସତ ଓ ଅହିଂସା ଯେବେଠୁ ଜୀବନ ମନ୍ତ୍ର ହେବ ।



# ମରଣର ଲାଭ

ଉଦୟନ୍ ସୂପକାର

ଉଚ୍ଚଶିକ୍ଷିତ ବେକାର ଯୁବକ ପୁଅକୁ ଦେଖି
ବୃଦ୍ଧପିତା କହିଲେ ତାକୁ ହୋଇ ଅତି ଦୁଃଖୀ ।

କେଡ଼େ ଉଚ୍ଚ ଆଶା ମୋର ହୃଦେ ଥିଲି କରି
ଉଚ୍ଚାସନେ ବସିବୁ ତୁ ପାଠ ପଢ଼ିକରି ।

ଦୁଃଖ ଯିବ ଘରୁ ମୋର ଧନ ତୁ ଅର୍ଜିବୁ
ବୃଦ୍ଧକାଳେ ମାତାପିତାଙ୍କର ଲାଠି ତୁ ହେବୁ ।

ଆଶା ନ ପୁରିଲା ମୋର ଭାଗ୍ୟ ହେଲା ବାମ
ତୋର ଶିକ୍ଷାଦୀକ୍ଷା ଯାହା ଦେଲା ନାହିଁ କାମ ।

ତଥାପି ରହିଲି ମୁହିଁ ଭାଗ୍ୟକୁ ଆଦରି
କନ୍ଦାଇ ମାରୁଛୁ କିଆଁ ମଦନିଶା କରି ।

ପୁଅ କହିଲା ହେ ପିତା ଚାହଁ ଆଖି ଖୋଲି
ଜାଣ ନା କି ଧର୍ମ ଆଉ ନ୍ୟାୟ ନାହିଁ ବୋଲି ।

ମନେ ପାଳିଥିଲି ଆଶା ତୁମ ସାହା ହେବି
ଦୋଳିରେ ବସାଇ ତୁମ ପଦକୁ ସେବିବି ।

ପାଇ ନୀଚେ ଅଧିକାର ବୁହାନ୍ତି ମୁନିଙ୍କି ଭାର
ସତ୍ୟ ହେଲା ପ୍ରମାଣିତ କଥା ପୁରାଣର ।

ମନ ଶାନ୍ତି ପାଇଁ ଯେବେ ବାଟ ନ ପାଇଲି
ହତାଶ ହୋଇଣ ଶେଷେ ମଦ ମୁଁ ପିଇଲି ।

ବିଷାକ୍ତ ମଦ ପିଇଣ ଯାଏ ଯଦି ମରି

ପାଇବ ଟଙ୍କା ପୁଳାଏ ନୀତି ସରକାରୀ ॥୧୦

ଜୀବନରେ ଥାଇ କିଛି ନ ପାରିଲି କରି

ଦିଆଇବି ନିଷ୍ଚେ ଧନ ମୁହିଁ ମରି କରି ॥୧୧

ପୁତ୍ର କଥା ଶୁଣି ପିତା ହରିଙ୍କୁ ଡ଼ାକିଲେ

ଦେଶ ଭାସିଯିବ ପ୍ରଭୂ ତୁମେ ନ ଶୁଣିଲେ ।୧୨



# ପ୍ରତିଜ୍ଞା

ଶ୍ରାବଣୀ ପଟ୍ଟନାୟକ

ଜୀବନ ବେଳାରୁ ଜୀବନ ଆରା ମୁଁ ସାଉଁଟି ରଖିଛି ଯେତେ ସ୍ୱପ୍ନ... ।

ଜୀବନ ମରୁରେ ଆଜି ଏ ବେଳାରେ ଫିଟେଇ ଦେଖୁଛି  ସବୁତ ତୁମରି ଦାନ...!!

ମୋହବିଷ୍ଟ ମୁଁ ଜୀବନ ଋତୁରେ ବନ୍ଧା ପଡ଼େ ମୋ ସ୍ୱପ୍ନର ରାତି...!

ମାଟିରୁ ଆକାଶ ନିମଗ୍ନ ନିବିଷ୍ଟ ପ୍ରତିକ୍ଷା କରେ ମୋ ନୀଳ ଛାତି...!!

ହେ ପରମ ଆତ୍ମା

ଅମୃତର ପାତ୍ର !

ଅପେକ୍ଷା କେବଳ ମୋର ତୁମ ପ୍ରତିଶୃତି ବିହୀନ ପ୍ରତିଜ୍ଞା କୁ !!!



# ବାତେରାର ଦୁର୍ଗାସ୍ତବ

ଡ଼ଃ କୁଳାଙ୍ଗାର

ମା' ତୁମେ ଜଗତର ସାହା ଭରସା,

ମା' ତୁମେ ଘର, ଗାଡ଼ି, ସୁନା, ପଇସା ।

ମା' ତୁମେ ପତ୍ନୀ ରୂପେ ଘରକୁ ଭାଙ୍ଗୁଚ,

ମା' ତୁମେ ଶାଶୁ ରୂପେ ବୋହୁକୁ ପୋଡୁଚ ।

ମା' ତୁମେ ଖଟିଖିଆ ଚାନ୍ଦାରେ ଆସୁଚ,

ପୂଜା ମଣ୍ଡପରେ ବସି ମେଲୋଡ଼ି ଦେଖୁଚ !

ଯା'ଦେବୀ ସର୍ବ ହସ୍ତେସୁ

ମୋବାଇଲ୍ ରୂପେଣ ସଂସ୍ଥିତା ।

ଯା'ଦେବୀ ସର୍ବ ପତ୍ରିକାସୁ

ସଂପାଦିକା ରୂପେଣ ସଂସ୍ଥିତା ।

ଯା'ଦେବୀ ସର୍ବ ଫ୍ରିଜେସୁ

ମଦ ରୂପେଣ ସଂସ୍ଥିତା ।

ଯା'ଦେବୀ ସର୍ବ ପାର୍କେସୁ

ପ୍ରେମ ରୂପେଣ ସଂସ୍ଥିତା ।

ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମଃ ॥

ଯା'ଦେବୀ ସର୍ବ ପକେଟସୁ

ଗୁଟୁଖା ରୂପେଣ ସଂସ୍ଥିତା ।

ଯା'ଦେବୀ ସର୍ବ ଖଣିସୁ

ଚୋରୀ ରୂପେଣ ସଂସ୍ଥିତା ।

ଯା'ଦେବୀ ସର୍ବ ଅଫିସୁ

ଲାଞ୍ଚ ରୂପେଣ ସଂସ୍ଥିତା ।

ଯା'ଦେବୀ ସର୍ବ ଗାଡ଼ିସୁ

ତୈଳ ରୂପେଣ ସଂସ୍ଥିତା

ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋନମଃ ॥

ଯା'ଦେବୀ ସର୍ବ ପୂଜାସୁ

ଚାନ୍ଦା ରୂପେଣ ସଂସ୍ଥିତା ।

ଯା'ଦେବୀ ସର୍ବ ସିନେମାସୁ

ନାୟିକା ରୂପେଣ ସଂସ୍ଥିତା ।

ଯା'ଦେବୀ ସର୍ବ ଭାଷଣେସୁ

ମିଥ୍ୟା ରୂପେଣ ସଂସ୍ଥିତା ।

ଯା'ଦେବୀ ସର୍ବ ଥାନେସୁ

ମାଡ଼ ରୂପେଣ ସଂସ୍ଥିତା ।

ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋନମଃ ॥

ଯା'ଦେବୀ ସର୍ବ ସର୍କାରେସୁ

ଦୁର୍ନୀତି ରୂପେଣ ସଂସ୍ଥିତା ।

ଯା'ଦେବୀ ସର୍ବ ବିଦ୍ୟାଳୟେସୁ

ଡ଼ାଲି, ଚାଉଳ ରୂପେଣ ସଂସ୍ଥିତା ।

ଯା'ଦେବୀ ସର୍ବ ଗୃହେସୁ

ଟିଭି ରୂପେଣ ସଂସ୍ଥିତା ।

ଯା'ଦେବୀ ସର୍ବ ବାତେରାସୁ

ବୁଦ୍ଧି ରୂପେଣ ସଂସ୍ଥିତା ।

ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋନମଃ ॥

କବିତାରେ ଲେଖିଦେଲି ମା'

ଖରାପ ଭାବିବୁନି,

ଅନ୍ୟାୟ ଅନୀତି ପରି

ମୋ'କଥାକୁ ବି' ତୁ ଶୁଣିବୁନି ।

# ଭଲପାଇବାର ପ୍ରତିଶୃତି

ସୁନିତା ଦାସ

ମୋ ଆତ୍ମାକୁ ପଚାରନି

ଆଉ କିଛି

ଆଉ କିଛି ସର୍ତ୍ତ ରଖନାହିଁ

ମୋ ହୃଦୟ ପାଖରେ,

ମୁଁ ଯେ ନିଃସର୍ତ୍ତ

ନିଃସର୍ତ୍ତ ମୁଁ ମୋ ଭଲ ପାଇବାରେ ।

ଆଉ କିଛି କୁହ ନାହିଁ

ଆଉ କିଛି ଭାବନାହିଁ

କେବଳ ଥରେ ମାତ୍ର ଆସ

ମୋ ହୃଦୟ ଇଲାକେ

ମୋ ନୀରବ ଇଲାକାରେ

ଅସ୍ପଷ୍ଟ ପାଦଚିହ୍ନ ଆଙ୍କନାହିଁ ।

କମ୍ପିତ ଓଠରେ,

ଆବେଗରେ, କେବଳ

ଥରେ ମାତ୍ର ସ୍ୱୀକାରୋକ୍ତି ଦିଅ

ମୋ ଭଲ ପାଇବାର

# ନିସ୍ତବ୍ଧ

ଡ଼ ଦେବେନ୍ଦ୍ର କୁମାର ପାଣିଗ୍ରାହୀ

ଆଜି ରାଜନୀତି ଦଳ ନ କରି ବିପ୍ଲବ

ଚଲାନ୍ତି ସ୍ୱାର୍ଥର ଶଗଡ଼ ।

କରନ୍ତି ସ୍ୱାର୍ଥପୂର୍ଣ୍ଣ ସାହାଯ୍ୟ

ଦେଖାନ୍ତି କାପୁରୁଷ କାର୍ଯ୍ୟ ।

ପୁରାତନ ରାଜନୈତିକ ଦଳ ନିୟତିର ଦଳ

କରୁଥିବା ସ୍ୱାର୍ଥହୀନ ସ୍ୱାଧୀନତା ସଂଗ୍ରାମ ।

ସେ ବେଳର ସବୁ ନେତା

କର୍ମଚାରୀ ଓ ଜନତା

କହୁଥିଲେ ସତ୍ୟ ଓ ଅହିଂସାର କଥା ।

ପୁରାତନ କବି ଦେଶ ଭକ୍ତ ମାର୍ଗ ଦର୍ଶକ

ଅଧୁନା କବି କିଛି ବିରାଡ଼ି ପ୍ରେମର ପ୍ରତୀକ

ବହୁ ଅତ୍ୟାଧୁନିକ ।

ଯଦିଓ କବି ଥିଲେ ରବୀନ୍ଦ୍ର ନାଥ

ପ୍ରଶଂସା କରୁଥିଲେ ଇଂରାଜୀ ରାଜାର

ଭୂରି ଭୂରି ପ୍ରଶଂସା କଲେ କିଙ୍ଗ୍ ଜର୍ଜ୍ ଓ କ୍ୱିନ୍ ମେରୀଙ୍କର ।

ସେତେବେଳେ ଥିଲେ କବି ବଙ୍କିମ ଚନ୍ଦ୍ର

ପ୍ରଶଂସା କରୁଥିଲେ ସନ୍ୟାସୀ ମାନଙ୍କର

ବନ୍ଦନା କରୁଥିଲେ ଭାରତ ମାତାର ।

ଏ ହେଲା ଇତିହାସର ରହସ୍ୟ

ବଙ୍କିମଙ୍କ ସଙ୍ଗୀତ ହେଲା ଜାତୀୟ ଗୀତିକା ।

ରବିନ୍ଦ୍ରଙ୍କ ଜନ ଗଣ ମନ

ହେଲା ଜାତୀୟ ସଂଗୀତ ।

ରବୀନ୍ଦ୍ର କହିଲେ କିଙ୍ଗ୍ ଜର୍ଜ

ଜନ ଗଣ ମନ ଅଧିନାୟକ

ଭାରତ ହେଲା ଭାଗ୍ୟ ବିଧାତା

ବହୁ କରୁଥିଲେ ରାଜାର ପ୍ରଶଂସା ।

ବଙ୍କିମଙ୍କ ଲେଖାର ଆଧାର ଭାରତ ମାତା

ହେଲା ଜାତୀୟ ଗୀତିକା

ରବୀନ୍ଦ୍ରଙ୍କ ଲେଖା ହେଲା ଜାତୀୟ ପ୍ରଶଂସା ।

ରବୀନ୍ଦ୍ରଙ୍କର ଜାତୀୟ ସଙ୍ଗୀତ

ଅଦ୍ୟ ଜନ ଗଣଙ୍କର ପ୍ରିୟ ଗୀତ ।

ବୀର, କାରୀଗର, କୃଷକ ଓ କଳାକାର

ସଂସ୍କାରକ, ସମାଜ ସେବକ ହେଲେ ଅନ୍ତର

ସେମାନଙ୍କ ପାଇଁ ସବୁ ନିସ୍ତବ୍ଧ ସଂଗୀତ ।

ରବୀନ୍ଦ୍ରଙ୍କ ଜାତୀୟ ସଂଗୀତର ଲାଳିତ୍ୟ

ଭୂରି ଭୂରି ପ୍ରଶଂସା କରନ୍ତି ପଣ୍ଡିତ ।

ରାଧାନାଥ ରାୟଙ୍କର ସଂସ୍କୃତ ସଂଗୀତ

ସର୍ବେଷାଂ ନୋ ଜନନୀ ଭାରତ

ନ ହେଲା ଗୃହୀତ

ସ୍କ୍ରିନିଂ କମିଟି ପାଇଁ ତା ହେଲା

ନିସ୍ତବ୍ଧ ସଂଗୀତ ।



# କଥା ଓ କବିତା

କୁମାର ଅଜିତ

ଆହା କି ମିଠା

ଭରି ରହିଥାଏ ଆମରି କଥା

ପଢ଼ିଦେଲେ ପଦେ ହରଇ ବ୍ୟଥା

ଧରି ରଖିଥାଏ ସ୍ନେହ ମମତା..!!

କେତେ କବି ଆଉ କବୟତ୍ରୀଙ୍କର ମିଳନ ଏଠି

ନିତି ଦିଅନ୍ତି ତାଙ୍କ କବିତା ଭେଟି

'ଜ୍ୟୋତି' ଭାଇ ଆମ ବଢ଼ିଆ ଲୋକ

କହନ୍ତି ଖାଲି କବିତା ଲେଖ..!!

'ଶ୍ୟାମ ଭାଇ' ତାଙ୍କ ପଛରେ ଥାଇ

ଆହ୍ୱାନ ଦିଅନ୍ତି କବିତା ପାଇଁ

କେଡ଼େ ମଧୁର ସତେ 'ରୀତା'ର ଗୀତ

କହନ୍ତି ସମସ୍ତେ ଏଫ୍‌ବି ର ମିତ ..!!

'ଊର୍ମି' ଲେଖିଯାଏ କବିତା ଏଠି

ସମସ୍ତେ ଚକିତ ହୁଅନ୍ତି ଦେଖି

'ସରୋଜ' ବାବୁ

ନିଜ କବିତାରେ କରନ୍ତି କାବୁ..!!

'ଆଦିତ୍ୟ' ଆମର ଛୋଟ ଭାଇ

କବିତାରେ ନିଏ ମନକୁ ମୋହି

କି କହିବୁ ତୁମକୁ 'ନିତ୍ୟଦର୍ଶନ'

କବିତାରେ ତୁମେ କର ପ୍ରସନ୍ନ..!!

ଆମ 'ସବିତା'

ଦିଅନ୍ତି ତାଙ୍କର ଅଧା କବିତା

ଏଇଠି ରଖିଲି କବିତା ଲେଖା

ସମସ୍ତଙ୍କୁ ମୋର ପଦିଏ କଥା

ଭୁଲିବନି କେବେ 'କଥା ଓ କବିତା'



# କୁମାର ଅଜିତ

ଜୀବନେ ଯାଇଛି ବିତି

କେତେ ଯେ ପୂର୍ଣ୍ଣିମା ରାତି

ସେଇ ଚୋରା ଚୋରା ପୀରତି

ଭଲ ପାଇବାର କେତେ ଯେ ଅଭୁଲା ସ୍ମୃତି..

ମନେ ସବୁ ପଡ଼ିଯାଏ ଆଜି

କେତେ ଯେ ଅକୁହା ଗୀତି

ସାଇତା ରହିଛି ମୋର ହୃଦୟରେ ସାଥି

କେବଳ ଖାସ୍ ତୁମରି ପାଇଁ

କହିଦିଅନ୍ତି ଥରଟେ ତୁମକୁ କିନ୍ତୁ

ତୁମେ କି ଗୋ ଆଉ ଫେରିଆସିବ ସାଥୀ ???



# କବି ଓ କବିତା

କୁମାର ଅଜିତ

ହେ କବିତା ତୁମେ କେତେ ସାବଲୀଳ ଆଉ ମଧୁର

ନାହିଁ ତୁମର ପଟାନ୍ତର

କବି ହେଉଛନ୍ତି ତୁମ ଈଶ୍ୱର

ତୁମେ ହେଉଛ ସୃଷ୍ଟି କବିଙ୍କର

ତୁମ ଦୁହିଁଙ୍କ ସମ୍ପର୍କ ଭାବ ଆଉ ପ୍ରେମର

ପ୍ରୀତି ଆଉ ସ୍ନେହର

ଆଉ ତୁମେ ହେଉଛ ଶୋଭା କବିଙ୍କର

କବି ହେଉଛନ୍ତି ତୁମ ଆଧାର

ଭାବନାରେ ଆସ ତୁମେ କବିର ମାନସ ରେ

ଚରଣ କର ତୁମେ କବିଙ୍କ ହୃଦୟରେ

ଗଢ଼ି ତୋଳନ୍ତି ତୁମକୁ ସେ ତାଙ୍କ ଲେଖନୀ ମୂନରେ

ସଜାନ୍ତି ସେ ତୁମକୁ ତାଙ୍କ ଶବ୍ଦ ଅଳଙ୍କାରେ

ତୁମେ ପ୍ରତିୟମାନ ହୁଅ ଏଇ ଧରା ପୃଷ୍ଠରେ

ତୁମକୁ ସମର୍ପନ୍ତି କେବେ ସେ ବିଶ୍ୱ ହିତରେ

ଅବା କେବେ ସମର୍ପି ଦିଅନ୍ତି ପ୍ରଭୁଙ୍କ ଭକ୍ତିରେ

କେବେ କେବେ ସମର୍ପନ୍ତି ପ୍ରେମିକର ପ୍ରେମ ନିବେଦନରେ

ଆଉ କେବେ ସମର୍ପି ଦିଅନ୍ତି କାହାରି ହୃଦୟ ଜିଣିବାରେ

କବି ଓ କବିତାର ସମ୍ପର୍କ ଯୁଗ ଯୁଗ ର

ଦୁହେଁ ଦୁହିଁଙ୍କର ଅତି ନିଜର
ଶେଷ କରୁଅଛି କବିତା ମୋର ।।

———————————————————

ତୁମେ ତ ବୁଝିଛ
ସେଇ ସମ୍ପର୍କ କୁ କବି ପାଇଁ କିସ କବିତା
ତୁମେ ବୁଝିଛ ସେ ନଳୀନି ବେଦନା
କାହା ପାଇଁ ଉଏଁ ସବିତା

ତୁମେ ବୁଝେଇଲ ଆପଣା ଠାଣିରେ ନିବିଡ଼ତାରେ ସେ ସ୍ୱାକ୍ଷର
ଅଜିତ୍ ଭାଇ ହେ ମନକୁ ମୋହିଲ
ସଜେଇ ଏଇ ଗୀତି ଅକ୍ଷର
ନିତ୍ୟଦର୍ଶନ ମିଶ୍ର

———————————————————

କବିତାରେ ଫୁଟେ ଆତ୍ମାର ବେଦନା ମନର ଭାବନା
ପୁଣି କେବେ ଆସେ ପାଇବାର ଖୁଶି
ହରାଇବା ଦୁଃଖ ଓ ଚିନ୍ତା ଆନବନା
ସୁବାସିନୀ ତ୍ରିପାଠୀ

———————————————————

କବି ଆଉ କବିତା ର ସମ୍ପର୍କ ନିବିଡ଼ ମଧୁର
ଅତୁଟ ବନ୍ଧନ ରେ ଦୁହେଁ ଦୁହିଁଙ୍କ ଆଧାର
କବିତାଟି ମନ ଛୁଆଁ ସରସ ସୁନ୍ଦର

ନିବେଦିତା ମିଶ୍ରଗୁରୁ



# ଶ୍ରେୟା ଦାଶ

କଢ଼ୀରୁ ଫୁଲ ଟିଏ ହେବା ଆଗରୁ

ସୂର୍ଯ୍ୟର ଆଲୋକ ପାଇବା ପୂର୍ବରୁ

ମାଟି ମା କୁ ଛୁଇଁ ବା ଆଗରୁ

ନିଜେ ନିଜକୁ ଚିହ୍ନିବା ପୂର୍ବରୁ

ତୁମେ ମୋତେ ଶେଷ କରିଦେଲ,

ନିଜ ଭିତରେ ମୋତେ ନଷ୍ଟ କରିଦେଲ

କାରଣ...

କାରଣ ମୁଁ ଝିଅଟିଏ ବୋଲି...

ହସି ପାରିବିନି, ଖେଳି ପାରିବିନି

ପଢ଼ି ପାରିବିନି, ଆଗକୁ ବଢ଼ି ପାରିବିନି

ମୋ ସବୁ ସ୍ୱପ୍ନ ଭାଙ୍ଗିଦେଲ

ଅଲୋଡ଼ା ଅଖୋଜା କରିଦେଲ

ଭୁଲିଗଲ ମୁଁ ବି ତୁମର ବୋଲି

କାରଣ...

କାରଣ ମୁଁ ଝିଅଟିଏ ବୋଲି...

ଡ଼ାହାଳ କୁକୁର, ବିଲୁଆ, ଚିଲ, ଶାଗୁଣା

ମଲା ଶବରୁ ହାଡ଼ ମାଂସ ଖାଇବା ଭଳି,

ତୁମେ ମୋ ଜୀବନ୍ତ ଶରୀର ରୁ ହିଁ ଖିନ୍ ଭିନ୍ କରିଦେଲ

କେଉଁ ବିଲ, ବଣ, ପର୍ବତ, ନଈ, ନାଳରେ ବୁଦା ମୁଳରେ ଫୋପାଡ଼ି ଦେଲ

ମୁଁ ମୁହଁ ଖୋଲି ପାରିଲି ନାହିଁ

କାରଣ...

କାରଣ ମୁଁ ଝିଅଟିଏ ବୋଲି....

ସମସ୍ତଙ୍କୁ ମୋର ଗୋଟିଏ ପ୍ରଶ୍ନ

ଝିଅ ହେବା କଣ ଏତେ ବଡ଼ ପାପ ?

ମୋ'ରି ଠାରୁ ତୁମ ମାନେ ବି ତ ଜାତ

ମୋରି ଠାରୁ ତ ଏ ସଂସାର ଆରମ୍ଭ

ତୁମେ କାହିଁ କେହି ବୁଝି ପାରୁନାହଁ

ମାତୃଶକ୍ତିର ଅବମାନ କରନାହିଁ

ରାବଣର ସ୍ୱର୍ଣ୍ଣ ଲଙ୍କା ଜଳିଯାଇଛି

କୌରବ ବଂଶ ବି ଧ୍ୱଂସ ପାଇଛି

ଏହା ନିଶ୍ଚୟ ଘଟିଛି, ଏହା ନିଶ୍ଚୟ ଘଟିବ

ଏ ଆଖିର ଲୁହ କାହାକୁ ଛାଡ଼ି ନାହିଁ କି ଛାଡ଼ିବ ନାହିଁ

କାରଣ

କାରଣ ମୁଁ ଝିଅଟିଏ ବୋଲି....

# ହେମଲତା ସାହୁ

ଝିଅଟେ ବୋଲି ମୁଁ, ମୋର କୋଉଥିରେ ଭାଗ ନାହିଁ

ଜନ୍ମରୁ ମୃତ୍ୟୁଯାଏଁ ଯେବେ ବି

ପଡ଼େ ତ୍ୟାଗ କରିବାକୁ, ଆଗ ଝିଅ ଟିଏ କରେ

କଣ ପାଇଁ ଯେ ???

ମା'ର କୋଳରୁ... ମଶାଣୀ ଯାଏଁ ବି ତାର

ଭାଗ ନାହିଁ... ସତେ କଣ

ଭାଗ୍ୟ ନେଇ ବଞ୍ଚେ ଝିଅ ଟିଏ...ନାରୀ ଟିଏ...

# ହେମଲତା ସାହୁ

ମା' ଆସିବ, କାନପାରି ଶୁଣ

କେମିତି ଗୋଟେ ଅଲଗା ଅଲଗା

ଧରିତ୍ରୀ ଲାଗୁଛି ନା (?)

ପବନର ବାସନା... ରଙ୍ଗ...ରୂପ

ପାଣିର ନିନାଦ... ସକାଳର ଔଜଲ୍ୟତା

ସବୁ କାଶତଣ୍ଡୀ ର ସହିତ ଶିହରଣ ରେ ଭିଜି ଗଲାଣି

ସବୁ ଆଡ଼େ ଗହଳ ଚହଳ ଲାଗି ଗଲାଣି

ମା' ଆସୁଛି ନା !!!

ତା ଛନ୍ଦାୟିତ ପାଦର ଘୁଙ୍ଗୁରୁ ବଜାଇ,

ତା ଓଠରୁ ଝିଲ୍ ମିଲ୍ ହସ ଖେଳାଇ

ତା ପାଟ ଶାଢ଼ୀ ର ପଣତ ଓଢ଼ାଇ

ଏବେ ଦେଖିବା ସବୁ ଭୁଲି ଯିବେ,

ବର୍ଷା ଆଉ ବାତ୍ୟାର ପ୍ରକୋପ

ସବୁ ହଜି ଯିବ ବିଗତ ଦିନର, ଦୁଃଖ ଆଉ

ଦୈନ୍ୟକୁ..

ଆ ମା' ପୋଛି ଦେ କୋଟିଆ ମନର ଦୁଃଖ

ସିଞ୍ଚି ଦେ ଅମୃତ ର ବାରି



# ଶେଫାଳୀ

ରୀତା ରଥ

ମଉନ ଧରଣୀ ସାଜିଛି ଗୋ ଆଜି
ଶେଫାଳୀର ମୃତ୍ୟୁ ଶଯ୍ୟା
ଝଙ୍କୃତ ହୁଏ ଓଁକାର ଯେଉଁଠି
ଗାଏ ଅସମାପ୍ତ ଗୀତା...

କାକର ବିନ୍ଦୁର ଧଳା ଚାଦରରେ
ନିଜକୁ ଦିଏ ଘୋଡ଼ାଇ
ନିରବ, ନିସ୍ତେଜ କଳଙ୍କିତ ତନୁ
ଆଉ କେ ଦେଖିବ ନାହିଁ...

ଆଦ୍ୟ ଯୌବନର ଆଦ୍ୟ ସ୍ୱପ୍ନ ସବୁ
ଆଜି ଯାଇଛନ୍ତି ହଜି
ଉଚ୍ଛୁଳା ଭାବର ପ୍ରେମିକର ଦମ୍ଭ
ଆଜି ଯାଇଅଛି ଭାଜି

ପହିଲି ଚେନାଏ ସ୍ୱପ୍ନରେ ହସି
ଖୋଲିଥିଲା ସେ ନୟନ
ସୂର୍ଯ୍ୟର ପରଶ ଛୁଆଁର ପୀଆସି

ସାଜିଥିଲା ଯା'ର ମନ...

କୋମଳ ପ୍ରେମର ଫଲ୍ଗୁ ସବୁ ନେଇ
ପ୍ରଣୟର ତାଡି ବଢ଼େ
ସ୍ୱପ୍ନ ବିଳାସୀର ବାସର ରାତିର
ଅଗ୍ନି ଦାବାନଳ ଉଡ଼େ....

ହେଲେ କି ହୋଇବ ଜୀବନରେ ସବୁ
ବିଧିର ବିଧାନ ରହେ
ଶୀତୁଆ ପବନ କରି କମ୍ପମାନ
ସାମନାରେ ଉଭା ହୁଏ...

ସବୁ ସ୍ୱପ୍ନକୁ ଚୁର୍‌ମାର୍ କରି
ଯୌବନ ଲୁଟି ନିଏ
ସୂର୍ଯ୍ୟର ସାଥେ ପ୍ରଣୟର ସ୍ୱପ୍ନ
ସେଇଠି ହିଁ ସରିଯାଏ....

ଝରିଯାଇ ଆଜି ଅବଶ ତନୁ ରେ
ମାଟିର ବକ୍ଷ୍ୟ ଚାହିଁ
ଅବଶାଦ ପୂର୍ଣ୍ଣ ବ୍ୟଥିତ ଜୀବନେ

ଆଉ କି ବା ଲୋଡ଼ା ହୁଏ ?...

ପ୍ରେମ ପ୍ରଣୟର କଲ୍ଲୋଳିନୀ ଆଜି

ଏଇଠାରେ ଶୁଖିଯାଏ

ଶେଫାଳୀ ଆଖିର ଅସରନ୍ତି ସ୍ୱପ୍ନ

ଏହିଠାରେ ସରିଯାଏ...

ଶେଫାଳୀ ଆଖିର ଅସରନ୍ତି ସ୍ୱପ୍ନ

ଏହିଠାରେ ସରିଯାଏ...



# ପ୍ରତୀକ୍ଷା

ରୀତା ରଥ

ଲହରୀର ମାଳା
ସାଗରର କୋଳ
ଛାଡୁଥାନ୍ତି ମନ କରି
ତଥାପି ସାଗର
ବାହୁଡ଼ା ଉର୍ମିକୁ
ହୃଦୟରେ ଦିଏ ଭରି...

ବର୍ଷାର ବିନ୍ଦୁ
ବାଦଲର ବକ୍ଷୁ
ଧିରେ ଧିରେ ଯା'ନ୍ତି ଝରି
ଜଡ଼ାଇ ଯେ ଧରେ
ଅନାୟାସେ ଯେବେ
ବାଷ୍ପ ହୋଇ ଆସେ ଫେରି...

ନିଡ଼ ଟିକୁ ଛାଡ଼ି
ବିହଙ୍ଗ କେତେ
ଉଡ଼ଇ ଗଗନେ ସତ
ସେଇଭଳି ନୀଡ଼

ପଡ଼ିଥାଏ ରିକ୍ତ

ନଫେରିବା ଯାଏଁ ମିତ...

ଭରା ମୌସୁମୀ କୁ

ଶୁଷ୍କ କରିଦେଇ

ନିର୍ଲିପ୍ତ ମରୁଭୂମି

ତଥାପି କି ଗୋ

ଆସିବାର ରାସ୍ତା

ବଦଳାଏ ସେ ରଙ୍କୁଣୀ...

ସେଇପରି ପ୍ରିୟା

ଛାଡ଼ି ଯାଉ ଅଛ

ଜୀବନ ମୋ ରିକ୍ତ କରି

ପ୍ରତୀକ୍ଷା ରହିବ

ଏଇ ହୃଦୟର

ଆସିବା ଯାଏଁ ଗୋ ଫେରି

ଆସିବା ଯାଏଁ ଗୋ ଫେରି

---

ଏହାର ଉତ୍ତର ଦେଇଛନ୍ତି ଅନେକ ସଦସ୍ୟ ହେଲେ ଏଠାରେ କେବଳ ଗୋଟିଏ ଉତ୍ତର ଉପସ୍ଥାପନ କରୁଛି । ତାହା ପରବର୍ତ୍ତୀପୃଷ୍ଠାରେ ଦିଆ ଯାଇଛି ।



# ରଶ୍ମୀ ରଞ୍ଜନ ଦାଶ

ଦିନ ଚାଲିଯାଏ କାଳ ହଜିଯାଏ ଗଡ଼େ ଯେ ସମୟ ରଥ
ଥରେ ଯିଏ ଗଲା ଆଉ ନ ଫେରଇ ଏକଥା ବାସ୍ତବ ସତ୍ୟ
ହେଲେ କିବା ଏଇ ଅବୁଝା ମନଟା ଏତେ କଥା ବୁଝିପାରେ
ଅଫେରା ଅତିଥି ଫେରିବାକୁ ଚାହିଁ ଆକୁଳରେ ସିଏ ଝୁରେ...

କୋଉ ବିଦ୍ୱାନ ର ଅଛି ଏତେ ଜ୍ଞାନ ସେ ମନକୁ ବୁଝେଇ ଦେବ
ମଉଳା ଯେ ସେଇ ସ୍ମୃତି ଗୋଲାପକୁ ସତେଜ କେ କରି ଦେବ
ଦିନ ଚାଲିଯିବ ଚିହ୍ନ ରହିଯିବ ସେ ଚିହ୍ନ ବଡ଼ ବେଦର୍ଦି
ସେ ଚିହ୍ନକୁ ଭୁଲିବା ସହଜ ନୁହଇଁ କରଇ ମନକୁ ରଦି...

ସେଇ ସମୟକୁ ଭାବିବାର ନାମ ଅଟଇ ଜାଣ ପ୍ରତୀକ୍ଷା
ଯାହାକୁ ଏଠାରେ ସୁନ୍ଦର ଭାବରେ ରୀତା ନାନି କଲେ ବ୍ୟାଖ୍ୟା



# ତୋ ନାଁ ଭାବିଦେଲେ

ରୀତା ରଥ

ତୋ ନାଁ ଭାବିଦେଲେ

ଉଷ୍ଣମାନ୍ ତାରା ଚୁଡ଼ି

ଝଣ ଝଣ ହୁଏ,

ତୋ ନାଁ ଭାବି ଦେଲେ

ନୁଆ ବୋହୂ ପାଦର ପାଉଁଜି

ଛମ୍ ଛମ୍ ହୁଏ...

ତୋ ନାଁ ଭାବି ଦେଲେ

ଯମୁନାର ପାଣି

କଳ କଳ ହୁଏ

ତୋ ନାଁ ଭାବିଦେଲେ

ତୋ ପାଦ ଧୁଆ ଅଳତା ଗାରରେ

ମୋ ନାଁ ଛାଏଁ ଲେଖି ହୋଇଯାଏ...

ତୋ ନାଁ ଭାବିଦେଲେ

ଖଜୁରାହୋର ହୃଦୟ ଚିରି

ନର୍ତ୍ତକୀ ଉଭା ହୁଏ

ତୋ ନାଁ ଭାବିଦେଲେ

ଦୁର ମାରୁ ଦିଗବଳୟୁ

ଆଲ୍ଲାଦିନ୍, ଜାସ୍ମିନ୍ ସହ ଆସେ

ତୋ ନାଁ ଭାବିଦେଲେ

ଅମାବାସ୍ୟା ରାତି ଆକାଶରେ

ଲକ୍ଷେ ତାରା ଫୁଲ ହସେ

ତୋ ନାଁ ଭାବିଦେଲେ

ଆକାଶର ସେଇ ଦୂର ପରିଧି ରେ

ସ୍ୱପ୍ନର ଇନ୍ଦ୍ରଧନୁ ଟିଏ ଉଠେ

ସ୍ୱପ୍ନର ଇନ୍ଦ୍ରଧନୁ ଟିଏ ଉଠେ



# ନୃସିଂହ ମହାରଣା

ଲେଖିବି କ'ଣ ?

ଭାବି ଭାବି ଗଲା ଗୁଡାଏ ଦିନ

ପାଠ ପଢା କଥା ପାଶେରି ଦେଇ

ଭାବୁଅଛି ପ୍ରିୟାକଥା ଲେଖିବା ପାଇଁ ।

ନଦୀ ନିର୍ଝରଣୀ ବନ କାନନ

କି କଥା ଲେଖିବି ଲାଗୁନି ମନ

ଭାବି ଭାବି ଦିନ ଗଲା ପଳାଇ

ଧାଡିଟିଏ ଲେଖା ଆସିଲା ନାହିଁ ।

ବସିଲି ରାତିରେ ଧରି କଲମ

ପ୍ରିୟାକଥା ଲେଖିବାକୁ ହୋଇଲା ମନ

ଦିନ ଯାଇ ରାତି ଆସିଲା ଗଡ଼ି

ହାଇ ପରେ ହାଇ ବସିଲା ମାଡ଼ି ।



# ନୃସିଂହ ମହାରଣା

ଜାଣି ମୁଁ ପାରୁନି ପ୍ରେମ ଯେ କଣ

କାହାକୁ କହନ୍ତି ପ୍ରେମ

ଭଲ ପାଇବାର ଛୋଟିଆ ସ୍ମୃତିଟି

ଏଇ କଣ ଅନୁଭବ

କିଏ ସେ କହିବ କିଏ ବୁଝାଇବ

ପ୍ରେମର ମହତ୍ୱ ମୋତେ

କାହାକୁ କହନ୍ତି ପ୍ରେମର ବନ୍ଧନ

ପ୍ରେମ ଅନୁଭବ ସତେ

ଜାଣିଛି ଶୁଣିଛି ପ୍ରେମର କାହାଣୀ

କେତେ ଯେ ଅକୁହା କଥା

ଅନୁଭବ କେବେ କରି ମୁଁ ପାରୁନି

ପ୍ରେମର ମହତ୍ତ୍ୱ ବାର୍ତ୍ତା...................?



# ସୋମବାର

ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ

କାଲି ସୋମବାର ସକାଳୁ ସକାଳୁ ଉଠି ହେବ ସବୁ ରେଡ଼ି

ଅଫିସ୍ ଯିବ, ସ୍କୁଲ୍ ଧାଇଁବ, ଧରି ସାଇକେଲ୍ ଗାଡ଼ି.. ॥ ୧

କିଏ ରହିଯିବ ଅଫିସ ଭିତରେ କେ ଥିବ ପୁଣି ଘରେ

କିଏ ଦିନ ସାରା ମୁଣ୍ଡ ପୋତି ଖାଲି କହୁଥିବେ ସାରେ ସାରେ.. ॥ ୨

କିଏ କିଏ ପୁଣି ପାଠ ପଢ଼େଇବେ, କିଏ କିଏ ଯିବେ ପଢ଼ି

ସୋମବାର ଦିନ ସ୍କୁଲ୍ ମାଷ୍ଟ୍ରେ ବି ଛାଡ଼ିବେ ବହୁତ ରଡ଼ି.. ॥ ୩

ଟ୍ରେନ୍, ବସ୍‌ରେ ଅହେତୁକ ଭିଡ଼, ଠିଆ ହୋଇ ଯିବେ କେତେ

ସାଇକେଲ୍‌କୁ ଧରି ରାସ୍ତାରେ ଛୁଟିବେ, ଚାଲି ଚାଲି ଯିବେ କେତେ.. ॥ ୪

ସବୁ ଶୋଇଲେଣି ନିଜ ନିଜ ଘରେ ସକାଳ ପାଇଁକି ଚିନ୍ତା

ମା ମାନେ ଉଠି ଟିଫିନ୍ କରିବେ, ବାପା ପିନ୍ଧାଇବେ ଜୋତା.. ॥ ୫

ହଉ ଯାଅ ସବୁ ଶୋଇପଡ଼ ଏବେ, ସକାଳୁ ହୋଇବା ଭେଟ

ଦୁନିଆରେ ଭାଇ ଚଳିବାକୁ ହେଲେ, ସହିବା ଅଫିସ୍ ନାଟ .. ॥ ୬



# କୋଣାର୍କ

ସ୍ୱାଇଁ ରମେଶ ଚନ୍ଦ୍ର

କେବେ ଶୁଣିଅଛ କୋଣାର୍କର ସେଇ,
ବୁକୁ ଫଟା ଛାତି ତଳର କୋହ...
କେବେ ଦେଖିଅଛ କୋଣାର୍କ ଆଖିରେ
ଭରା ବିଛେଦର ଲୁହ..!!

କେବେ ବୁଝିଅଛ କୋଣାର୍କର ମନ
ମନେ ଭରି ଅଛି କେତେ ଯେ ତାତି...
କେବେ ଲେଖିଅଛ କୋଣାର୍କର ଭାଷା
ବୁଲି ଆସୁଅଛ ଯେତେ ଅତିଥି..!!

କେବେ ପଚାରିଛ କୋଣାର୍କ ଆଖିକୁ
କାହିଁ ଆଜି ସେ କାନ୍ଦୁଛି ବସି...
କାନ୍ଦି କାନ୍ଦି ଆଜି ନିସ୍ତବ୍ଧ ହୋଇଛି
ଶୁଖି ଯାଇଅଛି ଚନ୍ଦ୍ରଭାଗାର ଖୁସି..!!

ଚନ୍ଦ୍ରଭାଗା ଆଜି କାହିଁ ଦୁରେ ଯାଏ
କୋଣାର୍କ ତାହାର ଛାତି...
ଛାତିରୁ ହୃଦୟ ଅଲଗା କେମିତି?
ଯେମିତି ଦୀପଠାରୁ ଦୂରେ ବତୀ..!!

କାହିଁକି ନା....

ଚନ୍ଦ୍ରଭାଗା ଆଜି ସହି ପାରୁନାହିଁ
କୋଣାର୍କ ବୁକୁର ତାତି...
କେମିତି ସହିବ କେମିତି ଦେଖିବ
କୋଣାର୍କ ତାହାର ଜୀବନ ସାଥୀ..!!

ସାକ୍ଷୀ ଅଛି ସେଇ ଭଗ୍ନ ପାନ୍ଥଶାଳା
ସାକ୍ଷୀ ଅଛି ସେଇ ଅଭୁଲା ସ୍ମୃତି...
କୋଣାର୍କର ନାମେ ଶୋଭା ପାଉ ଅଛି
ଉତ୍କଳ ମା'ର ସେଇ ସୁନ୍ଦର କୀର୍ତ୍ତି..!!

ସାକ୍ଷୀ ଅଛି ସେଇ ସୁପ୍ତ ଚନ୍ଦ୍ରଭାଗା
ସାକ୍ଷୀ ପୁଣି ତାର ଅଥଳ ପାଣି...
ଧର୍ମପଦ ନାମେ ଶିହରାଇ ଉଠେ
କୋଣାର୍କ ର ସେଇ ମଥାର ମଣି..!!

ଯୁଗ ଯାଏ ଯୁଗ ଆସିବ ସେମିତି
ହୋଇ ଯାଏ ଥିବ କୋଣାର୍କ ସ୍ମୃତି...
ଲୁଚି ଯାଇଥିବ ତାର ଚାରୁକଳା
କଳାବକ୍ଷେ ହୋଇ ରହିଥିବ ଇତି..!!



# ସ୍ୱପ୍ନ

ରମେଶ ଚନ୍ଦ୍ର ସ୍ୱାଇଁ

ସ୍ୱପ୍ନ ଅଭିମାନୀ ଖେଳେ ଲୁଚକାଳି,
ଯେମିତି ଖେଳଇ ଦିବସ ଯାମିନୀ
ପ୍ରେମ ପ୍ରତାରଣା, ବିରହ ବିଚ୍ଛେଦ
ସୁଖ ଆଉ ଦୁଃଖ କୁ କରି ସଙ୍ଗିନୀ ...!!

ସ୍ୱପ୍ନ ସାଜି ଥାଏ କେବେ ଚାନ୍ଦର ଚାନ୍ଦିନୀ
ଆଉ ପୁଣି କେବେ ମାୟା ର ହରିଣୀ
କେବେ ସାଜି ଆସେ ସ୍ୱର୍ଗ ଅପ୍‌ସରୀ
ବୁଲାଇ ନିଏ ତା ମାୟାର ନଗରୀ...!!

କାହା ପାଇଁ ସତ, କାହା ପାଇଁ ମିଛ
କାହା ପାଇଁ ପୁଣି ଖୁଶିର ନାଚ...
କାହାକୁ ଦିଏ ସେ ଦୁଃଖ ଓ ଯନ୍ତ୍ରଣା
ବୁଝିପାରେ ନାହିଁ ହୃଦୟର କ୍ରନ୍ଦନ...!!

ସ୍ୱପ୍ନ ଏଠି ଆସି ସମସ୍ତେ ଦେଖନ୍ତି
ଦେଖନ୍ତି ସର୍ବଦା ବର୍ଷା ଓ ତାତି
କିଛି ସତ ହୋଇ ଯନ୍ତ୍ରଣା ଦେଇଛି

ଆଇ କିଛି ଦେଇ ଯାଇଛି ଖୁସି ଅସରନ୍ତି...!!

ସ୍ୱପ୍ନ ସାଜି ଆସେ କିଏ କାଦମ୍ବିନୀ
ମହକାଇ ଦିଏ ଦିବସ ରଜନୀ
ଚାଲିଗଲା ପରେ ଝୁରି ହେଉଥାନ୍ତି
ମୋ ସ୍ୱପ୍ନ ଦେଖା ସବୁ ଭାଇ ଭଉଣୀ...!!

ସ୍ୱପ୍ନରେ ସଜାଏ କିଏ ରଜା ଓ କିଏ ତ ରାଣୀ
ଦେଉଥାଏ ପୁଣି ରାଜାର ଆଦେଶ ସଜାଇବାକୁ ସେ ନିତି ପାଟରାଣୀ
ସ୍ୱପ୍ନ ସରିଗଲେ କିଏ ଏଠି ସାଜେ
ମନ୍ଦିର ଆଗର ସେଇ ଭିକାରୁଣୀ...!!



# ଆଦିତ୍ୟ ସାହୁ

ଶୁଣିଛି କେତେ ମୁଁ ଅନାବନା

ଶୁଣିଲି ଦିନେ ମୁଁ ଉଆଁସୀ କନ୍ୟା

ଦୁଃଖୀ ଜୀବନ ରେ ଏକ ଉଦାହରଣ ଏଇ

ନିଜ ପରିଚୟ ଦେବା ପାଇଁ ଘୃଣା କରୁଥାଏ ସେଇ

ସମାଜର ଏକ ବିଦୃପ ର ଶବଦ ଟିଏ

ପ୍ରେମିକା ଶବଦ ତା'ପାଇଁ ଏକ ମରିଚୀକା ଟିଏ

କାଳର କୋକୁଆ ଭୟରେ ବାହାଘର

ତା'ପାଇଁ ପ୍ରଶ୍ନ ଉଠାଏ

ଝିଅ ଭିତରେ ସେ ନିଆରା ଟିଏ

ରୂପ ଗୁଣରେ ଚନ୍ଦ୍ରମା ଭଳି ହେଲେ ମଧ୍ୟ

ଜନମ ତ ତାର ଚନ୍ଦ୍ରର କଳଙ୍କ ହୁଏ

କିଛି ଜାଣିଅବା ଆଗରୁ ଦୁନିଆ କହି ଦିଏ ତୁ ଉଆଁସୀ ଟିଏ

ସମାଜର ଘଟୁଥିବା ଘଟଣା ଦୁର୍ଘଟଣାର ଇଙ୍ଗିତ ହୁଏ

ସ୍ୱାମୀ ନାହିଁ ଯାହାର ଜଗନ୍ନାଥ ତା'ର ସ୍ୱାମୀ ହୁଏ

ଆଉ ସେଇ ଜଗନ୍ନାଥଙ୍କର ସେ ଦେବଦାସୀ ଟିଏ...

ଶିକ୍ଷିତ ଯୁବ ସମାଜକୁ ମୋର ପ୍ରଶ୍ନଟିଏ

ଝିଅ ହୋଇ ସେ ଆଜି କାହିଁ ବାଛନ୍ଦ ହୁଏ...!!!



# ଆଦିତ୍ୟ ସାହୁ

ଜାଗୃତ ହୁଅ ରେ ତୁମେ ଯୁବା ଶକ୍ତି
ଛାତିରେ ଭରି ଦିଅ ମାତୃଭୂମି ଭକ୍ତି
ବିଖରିତ ଆଜି ତୋ ମାତୃଭୂମି
ଧ୍ୱଂସ ଅଭିମୁଖେ ହୁଏ ଅନୁଗାମୀ
ପଣତରେ ଭରି ରଖିଛି ଯେ କେତେ ଯେ ଯନ୍ତ୍ରଣା
ଭାଇ ଭାଇ କହି ଚାଲିଛି କେତେ ଯେ ମନ୍ତ୍ରଣା
ଜଳୁଛି ତା ଦେହେ ଆଜି ବିଚ୍ଛେଦ ର ବହ୍ନି
ଗୃହ ଶତୃକୁ ତୁ ଆଜି ନପାରୁ ରେ ଚିହ୍ନି
ଉଠରେ ମୋହର ସୁପ୍ତ ଯୁବ ଶକ୍ତି
ମନୋରଞ୍ଜନ ରେ ଭୁଲିଚୁକି ତୋ ମାତୃଭକ୍ତି
ଭାବିଦେଖ ଥରେ ତୋ ମାତୃ ଭୂମି କଥା
ପ୍ରାଣ ବଳି ଯାଉପଛେ ନୁଆଁ ନାହିଁ ମଥା
ସତ ସିଂହ ର ବଳ ଅଛି ତୋ ଦେହେ
ମୁହଁ ଲୁଚାଇ କାହୁଛୁ ତୁ କୋହେ
ସଜାଡ଼ି ଦିଅ ରେ ଆଜି ତୋ ଅସି ଆଉ ତୃଣୀର
ପରିଚୟ ଦେ ଆଜି ତୋ ବିର ରକ୍ତ ର
ଶୁଣ ଶୁଣ ମୋର ସୁଯୋଗ୍ୟ ସନ୍ତାନ
ଦେଶ ସେବା ରେ ପ୍ରାଣ ବଳି ଦେଇ ହୁଅ ତୁ ମହାନ
ଲାଞ୍ଛିତ, ବଞ୍ଚିତ ଆଜି ତୋର ମାତୃଭୂମି
ବର ଚାଲୁ ଚାଲୁ ଆଜି କିଆଁ ପଡୁଛୁ ତୁ ଥମି ।।



# ରଶ୍ମୀ ରଞ୍ଜନ ଦାଶ



ତୁମେ ଭାରି ମନେ ପଡ଼ ଜେଜେ

ସେଇ କାନକୋଳି ଅଛି, ସେଇ ବରକୋଳି ଅଛି

ସେଇ ରଜଦୋଳି ଅଛି, ସେଇ ସାଙ୍ଗମେଳି ଅଛି

ସବୁ ଥାଇ ଜମା ଭଲ ଲାଗୁ ନାହିଁ କିଛି

ତୁମ କଥା ଜେଜେ ଭାରୀ ମନେ ପଡ଼ୁଛି ॥୧

ଆଜି ଆଉ ସଞ୍ଜବେଳେ ପ୍ରାର୍ଥନା ଶୁଭୁନି

ଫଳା ପଣକିଆ ଡ଼ାକବି ସନ୍ଧ୍ୟାରେ ହଉନି

ସବୁ ପରେ ଆଉ ଜମା ଗପ କେ କହୁନି

କୁକୁଡ଼ା କୁକୁଡ଼ି ଗପ... ଶିଆଳର କଥା

ଖୋଜିଲେ ନପାଏ ଆଜି ଲାଗେ ମନବ୍ୟଥା ॥୨

ଠାକୁର ଘରେ ତ ଜେଜେ ତୁମ ପୂଜା ମନ୍ତ୍ର

କଦଳୀ ଉଖୁଡ଼ା ଭୋଗ ଥିଲା ଯେ ସ୍ୱତନ୍ତ୍ର

ଆଜି ବି ହଉଛି ତାହା ବିଧି ରକ୍ଷା କରି

କିନ୍ତୁ କେଜାଣି କିଆଁ ଲାଗୁନି ଭଲ ଆଗ ପରି ॥୩

କୁଆଁର ପୁନେଇ ହଉକି ପ୍ରଥମାଷ୍ଟମୀ

ତୁମ ପୂଜା ତୁମ ଗେହ୍ଲା ଭୁଲି ଯେ ହଉନି

ତୁମ ଚୁଡ଼ା ଖିଆ ଆଉ ତୁମ ଏକାଦଶୀ

କେତେ ସୁଖେ ଖାଉଥିଲି ତୁମ ସାଥେ ବସି ॥୪

ପିଲା ଦିନେ ଜେଜେ ବୋଲି ଡ଼ାକି ନ ପାରିଲି
"ଦେବତା" ନାମକୁ ତୁମ ମୁହିଁ ଦେଇଥିଲି
ଆଜି ବି ମୋ ମନ ଖୋଜେ ତା ଦେବତାକୁ
କିନ୍ତୁ କାନ୍ଦେ ମନ ତୁମ ବିଛେଦ ବେଳକୁ ॥୫

ସଂସାର ନିୟମ ମାନି ଆଜି ମୁଁ ବିଦ୍ୟାର୍ଥୀ
ବହୁ ଦୂରେ ପାଠ ପଢ଼େ ଘର ଛାଡ଼ି ଆସି
ମନେ ପଡ଼ିଯାଏ କେବେ ଏକା ବସିଥିଲେ
ଫେରି ଯାଆନ୍ତି କି ସତେ ମୁହିଁ ପିଲାବେଳେ ॥୬

ତୁମକୁ ପାଇଲେ ଜମା ଛାଡ଼ି ମୁଁ ନଥାନ୍ତି
ସବୁ ବେଳେ ସଦାକାଳେ ପାଖରେ ରଖନ୍ତି
ପାରୁନାହିଁ ଯେଣୁ ଜେଜେ ତାହା ମୁହିଁ କରି
ଦୁଃଖରେ ଝୁରୁଛି ଖାଲି ପିଲାଟିଏ ପରି ॥୭

ତୁମପରି ଜେଜେ ଥିଲେ ଆସର ଜମଇ
ତେଣୁ ସିନା ବେଶି ତୁମ କଥା ମନରେ ଆସଇ
ଭୁଲିବିନି ତୁମକୁ ମୁଁ କେବେ ବି ତ ଜେଜେ
ଆଜି ବି ତୁମ ବାପୁ ଡ଼ାକ ମୋ କାନରେ ବାଜେ ॥ ୮

ଯେଣୁ ଖୋଜି ଖୋଜି ତୁମକୁ ମୁହିଁ ନ ପାଉଛି
ତେଣୁ ତୁମ କଥା ଜେଜେ ମନେ ପଡ଼େ ବେଶୀ
ମୋ ଜେଜେ ଭଳି ଜେଜେ ନାହାନ୍ତି ॥୯



# ହାସ୍ୟକବି ଗୁଣରଞ୍ଜନ ସାଲିମା

୧.

ଜର ପାଇଁ ମୋର ଯାଉଛ ମନ୍ଦିର, ଜର ପାଇଁ ମୋର କାହିଁକି ଡ଼ାକୁଛ ଡ଼ାକ୍ତର, ଯାଅ ତାଙ୍କର ଗଳି, ଆଣିବ ତାହାଙ୍କୁ ଧରି, ସିଏ ମୋ ଜର ର ବଇଦ, ତାଙ୍କଠି ଅଛି ମୋ ଔଷଧ, ଔଷଧ ମୋହର ତାଙ୍କ ଗୋଲାପୀ ଓଠର ମହୁଝରା ଖିଲି ଖିଲି ହସ, ଜର ସବୁ ମୋର କ୍ଷଣିକେ ଛାଡ଼ିବ, ନରମ ନରମ ହାତରେ ତାଙ୍କର ପାଇବି ଯେବେ ପରଶ ।

୨.

କଳା ମେଘ ଘୋଟି ଝିପି ଝିପି ହୋଇ ବରଷି ଗଲେ ପାଣି, କଲିଜା ହୁଏ ମୋ ହାଣି,ମନେ ପଡ଼େ ତୁମ କଥା, ହୃଦୟରେ ହୁଏ ବ୍ୟଥା, କେବେ ଫେରାଇବ ଉଧାରି ନେଇଛ, ଯୋଉ ମୋ ଫୋଲ୍‌ଡ଼ିଂ ଛତା ।

୩.

ବିବାହର ପ୍ରଥମ ସାକ୍ଷାତରେ... ଯୁବ କବି ଜଣେ ନବ ବଧୁକୁ କହିଲେ,

ଆଜି ଠୁ ତୁମେ ମୋ କଳ୍ପନା, ତୁମେ ମୋ ଭାବନା, ତୁମେ ହିଁ ମୋର ପ୍ରେରଣା...

କିଛି ସମୟ ପରେ ନବ ବଧୁ ଉତ୍ତର ଦେଲେ, ତାହା ହେଲେ ଶୁଣ

ଆଜିଠୁ ତୁମେ ମୋର ଜ୍ୟୋତି, ତୁମେ ମୋର ରଶ୍ମୀ, ତୁମେ ହିଁ ମୋ ଗୁଣରଞ୍ଜନ ।



# ମଳୟ ମହାନ୍ତି

ଅମାବାସ୍ୟା ତିଥି ର ହେଇ ଉଦାସୀ ଜହ୍ନ

ଢ଼ାଳ ନାହିଁ ଲୁହ ଢ଼ାଳ ନାହିଁ

ଏକାକି ଭାବି ମୁଁ ନିଜକୁ ତୁମର

ରହିଛି ମୁଁ ତୁମ ସାଥୀ ହୋଇ...!

କି ଦୁଃଖ ରେ କୁହ ରୂପ ତୁମ ଝରି ଯାଏ

... ଅମାବାସ୍ୟାର ଅନ୍ଧାର ଭରିଯାଏ...

ଫେରିଆସ ପୁଣି ପୂର୍ଣ୍ଣମୀ କୁ ଯାଇ

ଦୁଃଖ ସବୁକୁ ଭୁଲିଯାଇ...!

ଶେଷ ଅଛି ତୁମ ବେଦନାର ଦିନେ ହେଲେ

ମୋ ଦୁଃଖ ସାଗର ସୁଖେ ନାହି କେବେ ହେଲେ...

ଯାତନା ଅନ୍ଧାରେ ଭରା ମୋ ଜୀବନ

ସୁଖର ଜୋଛନା ଝରେ ନାହିଁ...!



# ବନ୍ୟା

ନିତ୍ୟଦର୍ଶନ ମିଶ୍ର

ବଢ଼ି ଆସେ... ପୁଣି ଛିଡ଼େ

ଆମେ ସବୁ ସ୍ୱାଗତ କରୁ... ପ୍ରକୃତି କୁ... କାନ୍ଦର ହୁଳୁହୁଳି ଦେଇ...

ଭିଟା ଘରର ମଥାନ ଭାଙ୍ଗି... ଉଜୁଡ଼ା ସଂସାର ଆଉ ଅନ୍ଧୁଣୀ ମା'ର ଲୁହ ରେ

କେବେ ଭୁଲି ନ ପାରିଲା ଭଳି ବାସ୍ତବତା ର ବୋଝରେ ନଇଁ ଥିବା କଙ୍କାଳିଆ ପିଠିକୁ

ଆଉଁସି ଦିଅନ୍ତି ସର୍କାର ବି, ଜରି ମୁଣାରେ ପୁରି ଆଳୁଦମ୍ ର ଝୋଳରେ

ତିନି ଛୁଆର ମା ସାଙ୍ଗରେ ଗର୍ଭିଣୀ ଗାଈ, ଚାରିପଟ ପୁରି ଆଉ ତରକାରୀ ର ଆମ୍ବିଳା
ଝୋଳରେ ଖୁବ୍ ଖୁସି... ଫୁଲ ନଈର ଛାତିପରି

ସେଇ ଖୁସି ଫୁଟେ ଏଠି ସହରରେ ବଡ଼ କୋଠାଘରେ... ତାଳି ମାଡ଼ରେ... ବାଃ ବାଃ
ପାଣିଆର ସେତୁବନ୍ଧ ଗଢ଼ା ହେଲା ବେଳେ

ମକରା ଖୋଜୁଛି ସାନ ଝିଅକୁ..ଫୁଲିଆ ତା ଗେରସ୍ତର ବାଟ ଚାହିଁ ବସିଛି

ନନା ଦରାଣ୍ଡୁଛନ୍ତି ଶାଳଗ୍ରାମ ପଙ୍କ ମାଟିରେ...

ସବୁ ଆଡ଼େ ବନ୍ୟା... ବାହାରେ ବି ହୃଦୟରେ ବି...

ଫରକ୍ ଏତିକି... କୋଉଟା ପାଣିର ଆଉ କୋଉଟା ଲୁହର....



ଚନ୍ଦ୍ର ଶେଖର ବିଶ୍ୱାଳ

ଶବ୍ଦ ପରେ ଶବ୍ଦ ଯୋଡ଼ି
କବିତା ଲେଖୁଥିବା କବି ଆଜି
ଶବ୍ଦହୀନ....

ଭାଷାର ଯାଦୁକର ସାଜି
ଭାବର ବିଭୋରତା ବାଣ୍ଟୁଥିବା ଲେଖକ ଆଜି
ଭାଷାହୀନ....

ଫଗୁଣର ଫଗୁ ଭରି
କାବ୍ୟର କୋଣାର୍କ ଗଢୁଥିବା ଗୀତିକାର ଆଜି
ଛନ୍ଦହୀନ....

ସେ ଛନ୍ଦହୀନ ଗୀତରେ ତୁମେ
ଛନ୍ଦରେ ତୁମେ...
ଭାଷାରେ ତୁମେ...
ଭାବରେ ତୁମେ...
ଶବ୍ଦରେ ତୁମେ...
ଜୀବନ, ଯାତନା ଆଉ ଯନ୍ତ୍ରଣାରେ ବି କେବଳ ତୁମେ



# କୋଣାର୍କ କାନ୍ଦେ

ଊର୍ମିଳା ମିଶ୍ର

କାନ୍ଦେ ଶିଳାଲିପି

ଭଗ୍ନ ସ୍ତୁପେ ବସି

ଗାଏ ତା'ର ଇତିହାସ

ଚନ୍ଦ୍ରଭାଗାକୁ

ମୂକ ସାକ୍ଷୀ କରି ଠିଆ

ହୋଇଛି ସେ ଅବହେଳିତ

ଖନନ ସହିଛି

ବାରଶହ ନିର୍ମାଣ ମୂନର

ଯନ୍ତ୍ରଣାରେ ଜର୍ଜରିତ

ନିରବେ ବହିଛି ଅନେକ

ଚିତ୍ର... ଏହି ବିହିଙ୍କ ସୃଷ୍ଟିର

ଅଜାଣତେ ଆଜି ତା ଆଖିରୁ ଲୁହ

ଧର୍ମର ଲୁହ ହୋଇ

ବହି ଯାଏ...ରତୁ ରାଜଙ୍କ

ଅତ୍ୟାଚାରକୁ... ଛାତି ପାତି

ସହିଯାଏ... ନା କରିଛି

କ୍ଷୋଭ.... ମାନ ଅଭିମାନ

କେବେ ସେ କାହାଠାରେ... ବାର

ବର୍ଷ ଖଜଣାର ମୁଲ୍ୟାଙ୍କନ

ସେ... ଇତିହାସର ଗୀତି ଗାଏ....



# ବନ୍ୟା

ଉର୍ମିଳା ମିଶ୍ର

ପ୍ରକୃତି କାନ୍ଦୁଛି
ଲୁହ ଝରାଉଛି ନିଜ
ସନ୍ତାନର ଦୁଃଖେ
ବାସହରା ହୋଇ ଭୋକ
ଓପାସରେ ତା ସନ୍ତାନ
ଦୁଃଖରେ ଲୁହ ଗଡ଼ାଏ
ବନ୍ୟାର ଏହି କରାଳ
ଛାଇରେ... କେତେ ଜୀବ
ଭାସି ଯାଆନ୍ତି... କେତେ ଘରଦ୍ୱାର
କେତେ ଜଣ ଜୀବନ କେହି
ରକ୍ଷା ନ ପାଆନ୍ତି... ରୋଗ
ବ୍ୟାଧୀ ପୁଣି ତା' ସାଙ୍ଗକୁ
ବେଡ଼ି ଉପରେ କୋରଡ଼ା ପରି
ମା' ର ଆଗରେ ସନ୍ତାନରେ
କଷ୍ଟ ଆଉ ସହି ହେଉନାହିଁ
ନିଜ କର୍ମପାଇଁ ଭରା ବାଦଲ
ଦୁଃଖରେ ଲୁହ ଗଡ଼ାଏ ... ସେ ଲୁହ
ଏଇ ଲୁହ ସାଙ୍ଗେ ମିଶି ଆଉ ଏକ
ବନ୍ୟା ରୂପ ନିଏ...



# ସଂଧ୍ୟା

ଊର୍ମିଳା ମିଶ୍ର

ଦିନମଣି ତୁମ ପ୍ରେମର
ଆଭାରେ ଦିଶେକି ସୁନ୍ଦର ପୃଥିବୀରାଣୀ
ଚାଲିଗଲେ ତୁମେ ଅସ୍ତ ହୋଇ ଯେବେ
କଳା ବସ୍ତ୍ର ରେ ଆସେ ରଜନୀ ରାଣୀ
ସନ୍ଧ୍ୟା ବୋଲି କହି ବିହଙ୍ଗେ
ଫେରନ୍ତି ବସାକୁ, ରାବ ଦେଇ
ଭିନ୍ନ ଭିନ୍ନ ଗୋରୁ ପଲ ପୁଣି
ଫେରନ୍ତି ବସାରେ ମହିକୁ କରି ଉଚ୍ଛନ୍ନ....
କି ସୁନ୍ଦର ଦିଶେ ଗଗନ ଏ ବେଳ
ସତେକି ଲାଜେଇନାରୀ
ରକ୍ତିମ ଆଭାରେ ଗେରୁଆ ବସ୍ତ୍ରରେ
ଦିଶଇ ସତେକି ସନ୍ୟାସିନୀ
ମହା ଆନନ୍ଦରେ ଚାଷୀ ଫେରେ ଘରେ୍
ସ୍ତ୍ରୀର ସ୍ନେହ ପାଇବାକୁ
ଅଭିମାନ ଭରା ଅଶ୍ରୁଳ ଆଖିରୁ
ଲୁହ ତାର ପୋଛି ଦେବାକୁ
ତୁମେ ଚାଲିଯାଅ ମା କୋଳେ ଯେବେ ଗଭୀର ନିଦରେ
ଅନ୍ଧକାର ଛାଇଯାଏ
ଜଳସ୍ଥଳ ଆଉ ପର୍ବତ କାନନରେ...



# ତୁମେ ଆସ

କମଳ କୁମାର ଦାଶ

ମୋ ଆକାଶ ଭସା ବାଦଲ ରେ

ମୋ ସ୍ମୃତିର ଖୋଲା ଅଗଣାରେ

ତୁମେ ଆସ ଚାନ୍ଦ ଟିଏ ହୋଇ

ଅଜଣା ଅନ୍ଧାର ରାତିରେ--୧

ମନେ ପଡେ ତୁମରି ଆସିବା

ଝୁମ ଝୁମ ପାଂଉଜିର ସବଦ

ଗାଁ ବାଟ ଧାନ ବିଲ ଦେଇ

ଖରା ବେଳେ, ସକାଳ, ସଂଜରେ

କେବେ ଅବା, ନଇଁ ଗଲେ ଛାଇ--୨

କେବେ ଆସ ଭିଜି ଭିଜି ଶ୍ରାବଣରେ

ମେଘର ଓଢଣୀ ଟାଣି

ଭିଜା ଭିଜା ମଟିର ବାସ୍ନା ରେ

ଭିଜା ଭିଜା ତନୁ ମନ ନେଇ--୩

ସବୁଜ ଘାସର ପରେ ଥିରି ଥିରି

ଅଳତା ର ପାଦ ଚିପି ଚିପି

ଟୁକ ଟୁକ ନାଲି ଶାଢୀ ପିନ୍ଧି

ସୁନ୍ଦର ସାଧବ ବୋହୁଟେ ହୋଇ--୪

କୁଆଁର ପୁନେଇଁ ର ଛେନା ଚାନ୍ଦ ଧରି

ଅଧା ଅଧା ଆଲୁଅ ଅନ୍ଧାରେ

ଛପି ଛପି ତୁମେ ଆସ

ପୁନେଇଁ ରାତିରେ--୫

କେବେ ଅବା ପଖେ ବସି

ଚୁପିଚୁପି କଥା କହି

କଂଳ ପରଶ ଦେଇ

ଦୂରେ ଚାଲି ଯାଅ ହସି ଦେଇ--୬

ଓଡ଼ିଆ ଓଡ଼ିଶା



# କମଳ କୁମାର ଦାଶ

ସଢେଇ ରେ ଭାତ ସଢେଇ ରେ ଡାଲି

କୁନିବୋହୁ ସାଜି ଖେଳୁଥିଲୁ କାଲି

ବଡ ହେଲୁ ବୋଲି ଦେଖାଉ ତୁ ଛଇ

ଯିବୁ ଯଦି ଯା ନୂଆ ବୋହୁ ହୋଇ--୧

ସେଇ ବାଲି ଭାତ ସେଇ ବାଲି ଡାଲି

ବାଲିଘର କରି ଖେଳୁଥିଲୁ କାଲି

ଯିବୁ ଯଦି ଯା ଘର ଭାଂଗି ଦେଇ

ଆମ ସବୁ କଥା ପଛରେ ପକାଇ--୨

ହାତେ ସଂଖା ନାଇ ଓଢଣା ପକାଇ

ପାଦରେ ଅଳତା ପାଂଉଜି ଲଗାଇ

ସବୁ ପଛ କଥା ମନରୁ ଲିଭାଇ

ଯିବୁ ଯଦି ଯା ନୂଆ ବୋହୁ ହୋଇ--୩



# ହେ ଜଗତଜନନୀ

ସରୋଜ ମିଶ୍ର

ଫାଟିଲା ସିନ୍ଦୁରା ଫୁଟିଲା ମନ୍ଦାର ହଟିଲା ରଜନୀ ରାଣୀ

ଯୋଜନ ଯୋଜନ ବାଟ ଦୃଶ୍ୟ ହେଲା ହସିଲା ପୁଣି ଧରଣୀ

ବିନ୍ଦୁ ବିନ୍ଦୁ ଟୋପା କାକର ର ବିନ୍ଦୁ ସବୁଜ ବନାନୀ ପରେ

ଆମ୍ର ବୃକ୍ଷ ଡ଼ାଳେ କୋକିଳ ଗାଇଲା ସଙ୍ଗୀତ ରସକଲ୍ଲୋଳେ

କଅଁଳିଆ ଖରା ଉପରେ ଚାଲନ୍ତି ସାଧବ ବୋହୁ ର ଦଳ

ଯେମନ୍ତେ ଲାଗିଲା ହୋଇଲାକି ସତେ ଆଶ୍ୱିନ ମାସର ବେଳ

କ୍ଷୀରି, କୋଳି ଆଉ ବଇଁଚ କୋଳିର ଫୁଲ ଫୁଟି ଗାଏ ଗୀତ

ସରବେ ଚାଖିବେ ମାଟି ମା' ଦାନ ସତେକି ଅବା ଅମୃତ

ମାତା ଦଶଭୂଜା ବିରାଜିବେ ଲାଗେ ସତେକି ପୁଲକ ଭରା

ଛକ ବଜାରରେ ମାଟିର ପିତୁଳା ଚାଲିଲାଣି ଅଧାଗଢ଼ା

ମନ୍ଦାର ମାଳିନୀ ହେ ଜଗତଜନନୀ ତୁମ ଆବାହନ ଲାଗି

ସର୍ବେ ଫୁଙ୍କିଲେଣି କାହାଳୀ ମାର୍ଦଳ ଆତ୍ମହରା ମୁଁ ଯେ ଆଜି



# ସରୋଜ ମିଶ୍ର

ଭଗବାନ ବୋଲି ଯାହାକୁ କହୁଛେ
କେ ଅବା ଦେଖିଛି ଥରେ
ଅନ୍ଧ ଭଳି ସର୍ବେ ବିଶ୍ୱାସ କରନ୍ତି
ଭକ୍ତି କରେ ତା ଉପରେ

କାଳେ ଆସିଯିବ ମୃତ୍ୟୁ ପରି କଷ୍ଟ
ସେଥି ଲାଗି ସର୍ବେ ବନ୍ଧା
ଉପବାସ ନିଷ୍ଠା ସେଇ ଡ଼ର ଲାଗି
ଦେଖାଣିଆ ସବୁ ଧନ୍ଦା
ମଣିଷ ମରିଲେ ମାଟିରେ ମିଶିବ
କେ ଦେଖିଛି ସ୍ୱର୍ଗ ଧାମ
ସ୍ୱର୍ଗ ନର୍କ ଭାଇ ସବୁ ଏହିଠାରେ
ଭଗବାନ ତୁମ କର୍ମ
ଭାବିବାକୁ ଗଲେ ଦୁନିଆଟା ବୃତ୍ତ
ଆକାର ପରିକା ସବୁ
ଜନ୍ମ ଠୁ ମରଣ ମରଣ ଠୁ ଜନ୍ମ
ନୁହନ୍ତି କେ ଏଠି ବିଭୁ
ଆପଣଙ୍କୁ କେଉଁଟା ଠିକ୍ ଲାଗୁଛି
ଟିକିଏ କହିବେ ବନ୍ଧୁ
ବିଶ୍ୱାସେ ଦିଶଇ ସବୁଠି ଠାକୁର
ନ ଭାବିଲେ ମିଛ ସବୁ ॥



# ଅକ୍ଷୟ ରାଉତ

କଥା ଓ କବିତା

"ଥିଲା ମୋର ଏକ ଶାଳୀ

ଦେଖିବାକୁ ଟିକେ କାଳୀ

ହସିଦେଲେ ସେ ମୁକ୍ତା ଝରିପଡ଼େ

କଥା କହେ ଭଳି ଭଳି

ନାଁ ଟି ମଉନାବତୀ...

ଛବିଶି  ଘଣ୍ଟିଆ ଚ୍ୟାନେଲ୍ ପରି ସେ

ଯାଏ ନାହିଁ କେବେ ଥକି

ପିଠା ପଣା ଆଉ ଶାଗ, ଶାଗୁଆଡି, ବଡ଼ି ବାଇଗଣ ଝୋଳ

ଗୋଟା କଲରାକୁ ଭେଣ୍ଡି ବାଇଗଣ, ଜହ୍ନି ଦିଏ ପୁଣି ତାଳ

କଙ୍କଡ଼ା ମାଛର ଝୋଳ, ଇଲିଶିରେ ସିଏ ହାତ ମାରିଦେଲେ

ବୁହଇ ପାଟିରୁ ଲାଳ

ଝୋଟି ଆଉ ଚିତା, ମୁରୁଜ ସାଙ୍ଗକୁ

ଘର କାମ ଯେତେ କରେ

ଗ୍ରାଜୁଏଟ୍ ହୋଇ ଅଭିମାନ ନ କରେ

ରଙ୍ଗ ତା'ର କଳା, ରୂପ ତା'ର କଳା

କଳା ନୁହେଁ ତା'ର ଗୁଣ

ଗୁଣ ଯଦି ନାହିଁ, ରୂପରେ କି ଲାଭ

ରୂପ ନୁହେଁ ଚିରସ୍ଥାୟୀ

ରୂପ ଚାଲିଯାଏ ଶରୀର ସାଥୀରେ

ଗୁଣ ହୁଏ ଚିରସ୍ଥାୟୀ  ॥"



ନିବେଦିତା ମିଶ୍ରଗୁରୁ

ଆକାଶୁ ଶୁଭିଲା ମେଘର ବାଜା

ତାରା ମାନଙ୍କର ସରିଲା ମଜା

ଝରକା ସେପଟେ ବର୍ଷା ନାଚେ

ଭିଜା ଭିଜା ମାଟି ମହକେ ଛୁଟେ...

ନମସ୍କାର ଭାଇ ମାନଙ୍କୁ ମୋର

ଦୁଃଖ ହୁଏ ଶୁଣି ଓଡିଶା ଖବର

ବନ୍ୟା ମରୁଡ଼ି ନିତି ଦିନିଆ କଥା

ତା' ସାଙ୍ଗକୁ ଚାଷୀ ଭାଇ ର ବ୍ୟଥା

ଚାହିଁ ଥିଲେ ତାକୁ ଚାତକ ହେଇ

... ବରଷା ଆସିଲା ବିକଟାଳ ହେଇ

ଓଡିଶା ମାଟିର ଦୁଃଖ ନିଅ ହରି

କାଳିଆ ଚରଣେ ଏତିକି ଗୁହାରି...



# ଆଜି ହି ରହିଲା କଥା

ନିବେଦିତା ମିଶ୍ରଗୁରୁ

ଶ୍ରାବଣୀ ଲୋ...

ଏମିତି ବା କଣ ଭୁଲ୍ ହେଲା ଆମର

ସୁଲଳିତ ନୃତ୍ୟ ଛନ୍ଦ ତୋର

ପାଲଟିଲା ଭୟଙ୍କର ସର୍ବଗ୍ରାସୀ ତାଣ୍ଡବ ଲୀଳାରେ

ଚାରି ଆଡ଼େ ଖାଲି ଶୁଭେ

ସେମାନଙ୍କ ଫାଙ୍କା ସ୍ଲୋଗାନ୍

ମଥା ଉପରେ ଆମ ପଲିଥିନ୍ ର ଛତା

ପେଟରେ ତାଙ୍କରି ରିଲିଫ୍ ଦିଆ

ପୋକରା ଚାଉଳର ଭାତ

ଶ୍ରାବଣୀ ଲୋ....

ଆଜି ହିଁ ରହିଲା କଥା, ଏଇ ଦେଖ

ଆସୁ ଯେତେ ଦୁର୍ବିପାକ, ହସୁଥିବୁ ଆମେ

ହସାଇବୁ ଆମରି ନୁତନ ଭବିଷ୍ୟତ

ଶ୍ରାବଣୀ ଲୋ ଆଜି ହିଁ ରହିଲା କଥା, ମନେ ରଖ....



# ଧନ୍ୟବାଦ ଜ୍ୟୋତି ଭାଇ...

ବିଷ୍ଣୁ ପ୍ରସାଦ ଚୌଧୁରୀ

ସତରେ ଜ୍ୟୋତି ଭାଇ, କୋଟି କୋଟି ଧନ୍ୟବାଦ ତମକୁ

ଦେଖି ଖୁସିଲାଗେ ଆଜିକା ଏହି ଏହି ଫେସବୁକ୍ ସମାଜକୁ

ଦିନେ ଯେଉଁ ମାନେ ବ୍ୟସ୍ତ ଥିଲେ ନିଜର ଷ୍ଟାଟସ୍ ଅପ୍ଡେଟ୍ କରିବାକୁ

ଆଜି ଏଠି ପ୍ରଥମେ ଭାବନ୍ତି କିଛି କବିତା ଲେଖିବାକୁ, ତା ପରେ ଜଣାଇବାକୁ

ଦିନେ ସଭିଏଁ ଭାବୁଥିଲେ ଆଜିକା ଇଣ୍ଟରନେଟ୍ ର ଏ ଯୁବପିଢି ଭୁଲିଗଲା ଆପଣା ସାହିତ୍ୟକୁ

ନା, ଆଜି ଏ ଶୃଙ୍ଖଳିତ ଶବ୍ଦ ର ଯୁଦ୍ଧ କବିତା ଲେଖିବା ଉତ୍ସାହ ଭୁଲ ପ୍ରମାଣ କରିଛି ତାକୁ

ଆଜି ଆପଣଙ୍କ ଏ ଛୋଟ ପଦକ୍ଷେପ ପବନ ଦେଇଛି ସେ ଚିଙ୍ଗାରିକୁ

ମୋର ଦୃଢ ବିଶ୍ୱାସ ଏହି ଇଣ୍ଟରନେଟ୍ ବଳରେ ଆମେ ସୃଷ୍ଟି କରିବା ନୁଆ ସାହିତ୍ୟକୁ

ନୁଆ ସାହିତ୍ୟିକ କୁ, ପ୍ରଚାର କରିବା ଆମ ସଂସ୍କୃତିକୁ ଆମ ପରମ୍ପରା କୁ

ଇଏ ନିଶ୍ଚୟ ସୃଷ୍ଟି କରିବ ଏକ ନୁଆ ସାହିତ୍ୟ ର ଯୁଗ

ଏବଂ ତିଆରିକରିବ ଗୋଟେ ମାଇଲଖୁଣ୍ଟ ସାହିତ୍ୟ ଆକାଶ ରେ

ଇତିହାସ ମନେ ରଖିବ ଏ ଯୁଗକୁ ଆଉ ସମସ୍ତେ ଶିଖିବେ ନୁଆ ଶିକ୍ଷା

ଯେତେ ଅଗ୍ରଗତି ହେଲେ ବି ସମାଜ ରେ କଳା ଆଉ ସାହିତ୍ୟ ତାର ଅବିଚ୍ଛେଦ୍ୟ ଅଙ୍ଗ

ହଁ ଟିକେ ଟିକେ ଘିଅ ଦେବା ଆବଶ୍ୟକ ସେ ଅଗ୍ନିରେ ଆଜି ଆପଣଙ୍କ ଭଳି

କିନ୍ତୁ ସରିବନି କଳା, ଲିଭିବନି ସାହିତ୍ୟ ହଜିବନି ସଂସ୍କୃତି

ବରଂ ଉପୁଜିବ ନୁଆ କଳାକାର ନୁଆ ସାହିତ୍ୟ ଆଉ ନୁଆ ସମାଜ ର ପ୍ରତିଛବି

ରଚିବେ ନୁଆ ଯୁବ ଗୋଷ୍ଠି ନୁଆ ସାହିତ୍ୟ କୁ ସୃଷ୍ଟି ହେବ ନୁଆ ନୁଆ ଭିନ୍ନ ଭିନ୍ନ ରଙ୍ଗ...



# ପ୍ରେମ ବିରହ ରସାବଳି...

ବିଷ୍ଣୁ ପ୍ରସାଦ ଚୌଧୁରୀ

କ କକ୍ଷ୍ୟ ରେ ଭାବୁଛି କକ୍ଷ୍ୟ ରେ ଲେଖୁଛି କକ୍ଷ୍ୟରେ ଜାଗିଛି ମୋ ମନ,
କକ୍ଷ୍ୟରେ କକ୍ଷ୍ୟରେ ବସି ମୁଁ ଭାବୁଛି ପ୍ରେମ କରିବାକୁ ରାତି ଦିନ ।
ଖ ଖାଇବା ପିଇବା ଭୁଲିମୁଁ ସାରିଛି ତୁମକୁ ଦେଖିବା ଦିନୁ,
ଆଜି ଯାଏଁ ପ୍ରିୟା ଖୋଜିମୁଁ ଚାଲିଛି ଭୁଲି ପାରୁନାହିଁ ମନୁ ।
ଗ ଗୀତ ଲେଖିବାର ଇଛା ମୋ ବଢିଛି ତୁମକୁ ଦେଖିବା ପରେ,
ଲେଖେ ଗୀତ ସିନା ତୁମରି ପାଇଁ ମୁଁ ତୁମେ ରୁହ ମୋ ମନରେ ।
ଘ ଘରର ସ୍ନେହ ପାଇଛି ଆଜି ମୁଁ ତୁମରି ସ୍ୱର୍ଶରେ ଆସି,
ତୁମକୁ ପାଇଲେ ଜୀବନେ ମୋହର ପାଇବି ସବୁଠୁ ଖୁସି ।
ଚ ଚିରିଚିରି କେତେ କାଗଜ ଚିରିଛି ଲେଖିବାପାଇଁ ମୁଁ ଗୀତ,
ଗୀତ ମୋର କିନ୍ତୁ ମନରେ ଆସେନି ନଥିଲେ ତୁମ ପରି ମିତ ।
ଛ ଛାତିରେ ମୋହର ଆଙ୍କିଦେଲ ତୁମେ ପ୍ରେମର ବିରାଟ ଗାର ,
ତୁମକୁ ଦେଖିଲା ଦିନଠୁ ମୋ'ମନ କରିଛି ତୁମକୁ ଆପଣାର ।
ଜ ଜଳିବାରେ ଅଛି କେତେ ଯେ ଯାତନା କେତେ ଯେ ସେଥିରେ ଦୁଃଖ,
କିନ୍ତୁ ତମ ପ୍ରେମେ ଜଳିବାରେ ଅଛି ଜୀବନର ମହାସୁଃଖ ।
ଝ ଝରଣା ର ପାଣି ପରି ଚାଲିଗଲ ତୁମେ ଦୁଇକୁଳ ପରି ଚାହିଁ ମୁଁ ରହିଲି,
ଝରଣା ଝଙ୍କାର ଶୁଣିବା ଦିନଠୁ ତମ ପ୍ରେମ ସାଗରରେ ବୁଡି ରହିଲି ।
ଟ ଟଗର ଫୁଲ ର ରଙ୍ଗ ପରିକା ରଙ୍ଗ ତମର ଯେ ଧଳା,
ତୁମ ରୂପରଙ୍ଗ ଦେଖିଲା ପରଠୁ ବୁଡି ଯାଇଛି ମୋ ଜୀବନ ଭେଳା ।
ଠ ଠୁମୁକୁ ଠୁମୁକୁ ଚାଲିରେ ତୁମର ରାସ୍ତାରେ ଫୁଟଇ କଇଁ,
କିନ୍ତୁ ସେହି କଇଁ ଖୋଜିଲା ବେଳକୁ ମୋ ଆଖି କିଛି ପାଏ ନାହିଁ ।
ଡ ଡ଼ରିବା କାହିଁକି ପ୍ରେମ କରିବାକୁ ପ୍ରେମ ନୁହଇ ପାପ,

ପ୍ରେମର ଭାଷାକୁ ବଦଳାଅ ନାହିଁ ଯେମିତି କରିବାକୁ ହେବ ଅନୁତାପ ।

ଢ ଢଙ୍ଗରେ ତୁମରେ ରଙ୍ଗରେ ତୁମରି ନାହିଁ ଆଧୁନିକତାର ଛାପ ,

ତୁମକୁ ଦେଖିଲେ ମନରେ ମୋହର କାହିଁ ଲାଗିଯାଏ ଚନ୍ଦନଲେପ ।

ତ ତୁମେ ସିନା ପ୍ରିୟା ଭୁଲିଗଲ, ମୋ ଦୁନିଆରୁ ତମେ ଚାଲିଗଲ ,

ଜାଣିବାକୁ ତମେ ଚେଷ୍ଟା ନକଲ, ମୁଁ କେତେ ଯେ ତୁମକୁ ପାଏଭଲ ।

ଥ ଥରୁଛି ଏ ଧରା ଥରୁଛି ଆକାଶ ଶେଷ ନିଃଶ୍ୱାସରେ ଏ ଜୀବନ,

ପ୍ରେମର ପ୍ରତାରଣା ସହି ନପାରି ଭାଙ୍ଗି ଯାଇଛି ଏ ମୋର ମନ ।

ଦ ଦରଦି ହୃଦୟ ମୋର ଚାହିଁଛି ତୁମକୁ କେତେ

ଫେରିଆସ ପ୍ରିୟା ବୁଝିବାକୁ ଚେଷ୍ଟା କର ମୋତେ ।

ଧ ଧନ୍ୟ ହେବ ପ୍ରିୟା ଜୀବନ ମୋହର ତମେ ଯେବେ ଫେରିବ ହୋଇମୋ ନିଜର

ଧନ ଲୋଭି ଏହି ଦୁନିଆରେ ତେବେ ହୋଇବ ବିଜୟ ପ୍ରେମର ।

ନ ନଦିଅ ହେ ପ୍ରିୟା ଯନ୍ତ୍ରଣା ଆଉ ଫେରିଆସ ବେଗେ ତମେ,

ଦୁହେଁ ମିଶି ଏ ସଂସାରେ କରିବା ପ୍ରେମର ପ୍ରଚାର ଆମେ ।

ପ ପ୍ରେମକୁ ସମସ୍ତେ ଭାବନ୍ତି ବୟସର ଏକ ଖେଳ,

କିନ୍ତୁ ସ୍ୱଚ୍ଛ ପ୍ରେମିକ ତ ଜାଣିଥାଏ କେତେ ଯେ ଏହାର ମୂଲ ।

ଫ ଫଗୁଣ ମାସଟି ଯାଏ ଚାଲି ମନରେ ଦେଇ ପ୍ରେମର ବାସନା,

ହେ ମୋର ପ୍ରିୟା ଭୁଲିଯାଇ ପଛକଥା କାହିଁ ଚାଲି ଆସନା ।

ବ ବର୍ଷା ହେଉଥିଲା ସେହି ବର୍ଷା ରାତିରେ ,

କଲ ଶୂନ୍ୟସ୍ଥାନ ମୋ ଛାତି ଭିତରେ ।

ଭ ଭରିଦିଅ ତମେ ସେହି ଶୂନ୍ୟସ୍ଥାନ,

ଆଜି ବି ରହିଛି ତାହା ଅସମ୍ପୂର୍ଣ୍ଣ ।

ମ ମନର ତମେ ଆଉ ପରୀକ୍ଷା ନିଅନି କେତେ ଯେ ବିଶ୍ୱାସୀ ମନ,

ତମକୁ ସେଦିନୁ ଦେଖିବା ପରଠୁ ମନ ମୋ ଦେଖୁଛି କେବଳ ତମରି ସପନ...

ପ୍ରେମ ଓ ପ୍ରେମିକା



# ରଶ୍ମୀ ରଞ୍ଜନ

ତୁମ ପରେ କେହି ଆଉ ଲାଗିଲାନି ସେତେ ବେଶୀ ଭଲ

ତୁମେ ଥିଲ ମହ ମହ ତୋଫା ସୁନା ସୁନା ଫୁଲ... !!

ପାରିବ ତ ଫେରିଆସ, ମୁଁ ହସିବି ରାତି ପରେ ଥରେ

ହସିଚି ସେ ରାତି ଯେତେ ମୋ ଏକା ଏକା ନିର୍ଜନ ବେଳାରେ...!!

ମୋ ହସ ପଛେ ହତ ହେଉ ମୁଁ ତୁମକୁ ପାଉଥିବି ଭଲ

କାହା ସାଙ୍ଗେ ଜୀବନ ଠୁ ତୁମ ପାଇଁ ମୋ ବିରହ ଟା ଭଲ... !!



# ସୁବାସିନୀ ତ୍ରିପାଠୀ

ଅତି ଛୋଟ ଗୋଟେ ଅଛି ପ୍ରୟାସ

ସଭିଂକ ଓଠରେ ଆଣିବା ହସ

ଦୁଖୀ ହୃଦୟ ରୁ ଦୁଖ ଦୁର କରି

ମନେ ଭାରୀ ଦେବା ଆତ୍ମା ବିସ୍ୱାସ

ପ୍ରଭୁ ଠାରେ ଏତିକି ଅଳି

ମନେ ଦେଉ ଆମ ଶକ୍ତି ସାହାସ୍



# ମୋ କାଳିଆ ରେ...

ପ୍ରଶାନ୍ତ ଭୂୟାଁ

କଳା କଳେବର ତୁ ମୋ କାଳିଆ
ତୁ ମୋର ମାନ ଗଉରବ
କଳା କହ୍ନେଇରେ ତୁ ମୋ ସାହାରା
ଧନ ସଙ୍ଗାଳୀ ମୋର ତୁ ଦେବ ॥୧

କଳା ହାତୀ ମୋର ଯୁଗେ ଯୁଗେ ଧରି
ଜଗି ବସିଅଛୁ ଓଡ଼ିଶାରେ
କଳା ମେଘ ରେ ମୋ ବରଷି ଦେଉଛୁ
ଅମୃତ ଧାରା ଓଡ଼ିଶାରେ ॥୨

କଳା ଘୋଡ଼ା ଆହା ବେଗ ତୋ ବିଜୁଳୀ
ସମୟ ସ୍ରୋତକୁ ବଳିଯାଉ
କଳା ଧନ ମୋର ଡ଼ରିବି ମୁଁ କିଆଁ
ମୋ ଜଗାବଳିଆ ଥାଉ ଥାଉ ॥୩

କଳାନିଧି ମୋର ତୋ ବୁଦ୍ଧିବଳରେ
କଳିଙ୍ଗବାସୀ ତ ଆଜି ଠିଆ
କଳାଜହ୍ନରେ ମୋ ତୋର ସ୍ନେହ ଧାରା
ସମସ୍ତଙ୍କ ପାଇଁ ସରସିଆ ॥୪

କଳା ଶଙ୍ଖ ତୋର ଶଙ୍ଖ ନାଦ କର
ଶବ୍ଦଭେଦୀ ଯାଉ ଦୂର ଦେଶେ
କଳା ଜଗନ୍ନାଥ ତୁ ମୋ ସଂସ୍କୃତି
ସଂସ୍କାର ସାହିତ୍ୟ ମନତୋଷେ ॥୫



# ଜା ଜ୍ଞ ସେ ନୀ...

ପ୍ରଶାନ୍ତ ଭୂୟାଁ

ଜା ଜ୍ଞ ସେ ନୀ...

ଅନୁତପ୍ତ ଆତ୍ମା ମୋର , ବ୍ୟଥିତ ଶରୀର

ଯୁଗେ ଯୁଗେ ଧର୍ମରାଜ ନତ କରେ ଶିର

ଧର୍ମ ର ଜୟ ପାପ ର କ୍ଷୟ ସତ କଣ ଅବା

ଜନାଲୋକେ ଜର୍ଜରିତ ନାରୀ ତନୁ ସଦା

ଭୀଷ୍ମ ଦ୍ରୋଣ ହତବାକ୍ , କର୍ଣ ନପୁଂସକ

ଧୃତରାଷ୍ଟ୍ର ଅନ୍ଧ ସଦା , ଦୁଃଶାସନ ଭ୍ରମିତ

ସମାଜ ଟା କୁରୁସଭା , ନାରୀ ତ ପାଞ୍ଚାଳୀ

ଧର୍ମଦାଣ୍ଡେ ଦିବାଲୋକେ ନାରୀ ପଡେ ବଳୀ

ଶାରଦୀୟ ଶକ୍ତି ପୂଜା ସବୁ ଏଠି ଭ୍ରମ

ସରସ୍ୱତୀ ଭକ୍ତି ସ୍ୱର ସବୁ ଏଠି ନମ

ପୁରୁଷ ଲମ୍ପଟ ଏଠି ନାରୀ ତ ଶିକାର

ସଠ ପ୍ରବଂଚନା ଏହା ଅଟେତ ବିକାର

ପାଞ୍ଚାଳୀ ଗୋ , ଲଜ୍ଜିତ ମୁଁ ଆଜି ଧର୍ମଦାଣ୍ଡେ

କର କ୍ଷମା, ଉଦ୍ଧାର ଏ ପୁରୁଷ ପାଷାଣ୍ଡେ.....

.....ଇତି ଯୁଧିଷ୍ଠିର...

ଚଳିତ ମାସରେ ଆମେ ଆହ୍ୱାନ ଆନୁକୂଲ୍ୟରେ ଅନେକ ନୂଆ ଧରଣର ପ୍ରତିଯୋଗୀତାର ଶୁଭାରମ୍ଭ କରିଥିଲୁ, ଯଦିଓ ଏହାର ଯୋଗ୍ୟ ବିବେଚିତ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିବା ପାଇଁ କହିଥିଲୁ, କିନ୍ତୁ ଏହାର ପ୍ରକୃତ ଉଦ୍ଦେଶ୍ୟ ଥିଲା ଆମ ଓଡ଼ିଆ ଭାଇ ଭଉଣୀ ମାନଙ୍କ ମଧ୍ୟରେ ସାହିତ୍ୟୋପଯୋଗୀ ସ୍ପୃହା ସୃଷ୍ଟି କରିବା । ଏବଂ ଏଥିରେ ଆମେ ଅନେକାଂଶ ରେ ସଫଳ ହୋଇଛୁ ବୋଲି ଭାବୁଛୁ ।



ପ୍ରଥମେ ଆମେ ଦେଇଥିଲୁ ଏକ ଛୋଟି ଚିତାର ଚିତ୍ର ଏବଂ ଏହାପରେ ଅନ୍ୟୂନ ଆଠ ଧାଡ଼ିର ଗୋଟିଏ କବିତା ଲେଖିବା ପାଇଁ କହିଥିଲୁ । ନିମ୍ନରେ ସେ ସବୁ ଦିଆଯାଇଛି ।

ପ୍ରାୟ ସମସ୍ତ ପ୍ରତିଯୋଗୀଙ୍କ ଉପସ୍ଥାପନ ଭଲ ହୋଇଛି । ତଥାପି ଆମର ମନୋନୟନ କମିଟି ଦୁଇଟି କବିତାକୁ ଶ୍ରେଷ୍ଠ ବୋଲି ବିବେଚିତ କରିଛନ୍ତି । ସେହି ପ୍ରତିଯୋଗୀ ମାନଙ୍କୁ ଅନୁରୋଧ ନିଜର ଠିକଣା ଆମ ଇ-ମେଲ୍ ଠିକଣା aah-waan@gmail.com ରେ ପଠାଇଲେ ଆମେ ପୁରସ୍କାର ପଠାଇବୁ । ସେମାନେ ଦିଆଯାଇଥିବା ପୁରସ୍କାର ସହ ନିଜର ଏକ ଫଟୋ ଉଠାଇ ଆମ ନିକଟକୁ ପଠାଇବେ, ତାହା ହେଲେ ଆମେ ତାକୁ ଆଗାମୀ ସଂସ୍କରଣରେ ପ୍ରକାଶିତ କରିବୁ । ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ଆମ ତରଫରୁ ପ୍ରତିଯୋଗୀ ପ୍ରମାଣପତ୍ର ଦିଆଯିବ । ସେଥିପାଇଁ ସମସ୍ତେ ନିଜ ଠିକଣା ଆମ ନିକଟକୁ ପଠାନ୍ତୁ ।

ରବୀନ୍ଦ୍ର କୁମାର ଦାଶ

ତୁମେ ଯଦି ପୁରସ୍କାର ଦେବ ମୁଁ କବିତା ଲେଖିବି

ପୃଥିବୀ ପାଇଁ ଲେଖିବି କବିତା

ହେ ମୋର ବିଶ୍ୱ ବାସିନ୍ଦା ବୃକ୍ଷଟିଏ କର ରୋପଣ

ରକ୍ଷା କର ଆମ ବିଶ୍ୱକୁ ପ୍ରଦୁଷଣ ଓ ମୃତିକା କ୍ଷୟରୁ

ବର୍ଷା ରାଣୀକୁ ମନେଇ ବା ପାଇଁ କର ଜଙ୍ଗଲ ସୃଷ୍ଟି

ତା ହେଲେ ଆମେ ପାଇବା ବୃଷ୍ଟି

-------------------------------------------

ଉର୍ମିଳା ମିଶ୍ର (ଶ୍ରେଷ୍ଠ କୃତୀ)

ଗଗନ ଚମକେ ସପ୍ତ ରଙ୍ଗେ ଆଜି ଇନ୍ଦ୍ରଧନୁର ଆଭା....

ସବୁ ଗୋଲକ ଏକତ୍ରିତ ଆଜି ପୃଥିବୀ ପୃଷ୍ଠରେ ଉଭା...

ପାରିଜାତ ଫୁଲର ମହକେ ଇନ୍ଦ୍ର ଆଜି ବିମୋହିତ

ଧରା ଆଜି କେଡ଼େ ସୁନ୍ଦର ଦିଶେଲୋ ସର୍ବେ ଯେବେ ଏକତ୍ରିତ

-----------------------------------------

ହରିହର ସେଠୀ

ରଙ୍ଗରେ ରଙ୍ଗେଇ ଦେଇଛି ସଜେଇ

ଗୋଟିଏ ଛୋଟ ଚାକିରୀ...!!

ଗଢିବା ବାଲାର ଗୋଟିଏ ନଜର

କବିର ଅନେକ ନଜିରି

ଓଡ଼ିଶା ମାଟିରେ କେତେ ଯେ ଲୁଚିଛି

ଚିତ୍ର ଶିଳ୍ପୀ ପରି ବିଦ୍ୱାନ..

ବାଢ଼ିଦେବ ତାଙ୍କୁ ଅସରା ମହକ

ଏହା ହିଁ ଆମର ଆହ୍ୱାନ୍

-----------------------------------------

ସରୋଜ ସାହୁ

ରଙ୍ଗର ବିପଣୀ, ସଜାଇ ସଜନୀ

ଚାହିଁ ରହିଥିବ ବାଟ

ଆସିଲିନି ବୋଲି ଲୁହ ଢ଼ାଳି ଢ଼ାଳି

ବୁଡ଼େଇ ଥିବ ବାଟଘାଟ

---------------------------------------

## ସରୋଜ ମିଶ୍ର

ଆମ ଝୋଟି ଚିତା... ସର୍ବତ୍ର ଗ୍ରହିତ ରଖିଛି ଉତ୍କଳ ନାମ

ଶୁଭ୍ର କଣିକାରୁ ଏଇ ଚିତ୍ର ର ସୃଷ୍ଟି ରଖେ ଦେବା ଦେବୀ ମନ

ଗୁରୁବାର ମାଣବସା ଯେତେ ବ୍ରତ ସବୁଥିରେ ଆଗେ ସିଏ

ଓଡିଆ ଜାତି ଯେ ତା ଲାଗି ଗର୍ବିତ ଭକ୍ତିରେ ମଥା ନୁଆଏଁ

--------------------------------

## ଗୋଲାପ ମଞ୍ଜରୀ ପଣ୍ଡା

ଦୁଆର ଆଗରେ ଝୋଟି ଚିତା

କୁଆଡ଼େ ଯାଉଛୁ ସଖୀ ନକହି କଥା ?

ଆଜି କେତେ ବନ୍ଧୁଗଣଙ୍କର ହେବ ଆଗମନ

ଏଇଠି ବସିବା... ଆମ ପାଖରେ ଅଛି ଆହ୍ୱାନ

----------------------------------------

## ସରୋଜ ମିଶ୍ର (ଶ୍ରେଷ୍ଠ କୃତୀ)

ଗୋବର ମାଟିରେ ପ୍ରଲେପ ଉପରେ ଅରୁଆ ଚାଉଳ ପାଣି

ଧନ୍ୟ ପରମ୍ପରା ଧନ୍ୟ ଆମ କଳା ଯା ଲାଗି ଧନ୍ୟ ଗୃହିଣୀ

ବୁଡ଼ି ଯେ ଯାଉଛି ଏହାର ସୌନ୍ଦର୍ଯ୍ୟ କଦାପି କ୍ୱଚିତ ମିଳେ

କିଛି କିଛି ଏବେ ଦେଖିବାକୁ ମିଳେ ଗାଁ ଗଣ୍ଡା ପର୍ବାଣୀରେ

ପିଠା ପଣା ସାଙ୍ଗେ ଧଉ ମାଟି ରଙ୍ଗ ଚାରି ଆଡ଼େ ଟିପି ଟିପି

ଦୁବ ବରକୋଳି ପତ୍ର ଓ ହଳଦୀ ଲକ୍ଷ୍ମୀ ପାଦ ଗୋଟି ଗୋଟି

ଯେତେ କାଳ ଥିବ ବିଶ୍ୱାସ ଆବେଦ୍ଧ ଯେତେ ଦିନ ଥିବ ସୃଷ୍ଟି

ଭକ୍ତି ସ୍ନେହ ଧୈର୍ଯ୍ୟ ତୋ ଲାଗି ସବୁଜ ମନେ ରଖିବ ଏଇ ମାଟି

----------------------------------------

## ଆଶିଷ କୁମାର ପଣ୍ଡା

ସପ୍ତରଙ୍ଗର ମୁରୁଜରେ ଜୀବନ ପାଇଛି ଝୋଟି

ଦିଶୁଛି ଯେପରି ଇନ୍ଦ୍ରଧନୁ ରଙ୍ଗ ଚୋରୀ କରି ମାରିଛି ତାକୁ ପାଟି

କହୁଛି ସେ ମୁଁ ହେଉଛି ତୁମ ପର୍ବପର୍ବାଣୀର ସାଥୀ

ତୁମେ ମାନେ ମୋତେ ଏମିତି କଣ ଦେଖୁଛ

ଲାଜରେ ସରି ଯାଉଛି ମୁଁ ଏଠି

---------------------------------

## ରୀତା ରଥ

ରଙ୍ଗୋଲୀ / ଚିତା

ମନ ଅଗଣାରେ ଚିତା ପକାଉଛି

ରଙ୍ଗୀନ ମୁରୁଜ ଧରି

ସବୁ ରଙ୍ଗର ତୁମ ପ୍ରତିଛବି

ଆଙ୍କେ ହୃଦୟ ଚିରି

କମଳା ରଙ୍ଗରେ ତୁମ ଗଣ୍ଡ ଦେଶ ଦେଇ ଥାଏ ମୁଁ ଯେ ଭରି

ଗୋଲାପୀ ରଙ୍ଗରେ ତୁମରି ଓଠରେ ଚୁମ୍ବନ ଲେଖେ ଝୁରି

ଆକାଶୀ ରଙ୍ଗ ବକ୍ଷରେ ଭରେ ଭରା ଯୌବନ ଜ୍ୟୋତି

ସାଗୁଆ ରଙ୍ଗ ପ୍ରତୀକ ସାଜେ ଚୀର ସବୁଜିମା ପ୍ରୀତି

ଶୁଭ୍ର ରଙ୍ଗର ଧାଡ଼ି ଆଙ୍କି ଦିଏ ସବୁ ରଙ୍ଗ ସମାହାରେ

କେମିତି କହିବି ତୁମ ପ୍ରେମ ନିଆଁ ଜଳେ କେତେ, କେତେ ମରେ

## ନିତ୍ୟ ଦର୍ଶନ ମିଶ୍ର

ତୁମ ଘର ଅଗଣାରେ ଫିକ୍ କିନା ହସୁ ଥାଏ ନାଲି ନେଳି ଚିତା

ହଜି ଯାଏ ମନ ମୋର, ଯେବେ ମୋର କାନ ଶୁଣେ ତା ରଙ୍ଗର ନିରବ କବିତା

ସେଇ କୃତି ଯେବେ ବଖାଣେ ତୁମରି ସ୍ନିଗ୍ଧ ପ୍ରୟାଣର ଗୀତି

ମନ ମୋର ପାଏ... ତୁମରି ମନର ସିନ୍ଧୁକ ଚାବି କାଠି

---------------------------------------------------

## ରେବା ରେବତୀ

ଆମ ଝୋଟି ଚିତା... ଆମରି କଥା...

ଆମ ପରମ୍ପରା... ପୁରୁଣା ହେଲେ ବି ନିଆରା

ଆହ୍ୱାନ ଦିଏ ଉଠ ଉଠ ଭଉଣୀ ଭାଇ

ଜାଗିବାର ସମୟ ଏହି

ପରମ୍ପରାକୁ ନେବା ଆଗେଇ

ହେଲେ ହେଁ ପୁରୁଣା... ଆମ ଏଇ ପରମ୍ପରା

ନିଭାଇ ଜାଣିଲେ ହେବ ସୁନ୍ଦର ଓ ନିଆରା

--------------------------------------

## ରଶ୍ମୀ ରଞ୍ଜନ ଦାଶ

ସୂରୁଜ ଠାରୁ ସବୁ ରଙ୍ଗକୁ ଛଡ଼େଇ ସତେ ନେଇ

ଘର ଅଗଣା ଆଗରେ ତୁହି ଝୋଟି ଟେ ଗଲୁ ହୋଇ

ସବୁଜ ନାଲି ଲୋହିତ ନେଳି ହଳଦି ଧଳା ଭଳିକି ଭଳିକି

ରହିଛି ତୋର ଦେହେ

ତଥାପି କାହିଁ ମୋହରି ମନ ଆଉ କିଛି ଯେ ଖୋଜୁଥାଏ

କହୁଛି ଆଜ ମୁହିଁ.. ସବୁ ତ ଅଛି କଳା ରଙ୍ଗ ଯେ ତୋହ ଦେହରେ ନାହିଁ

ତୁ ହିଁ ସୁନ୍ଦରୀ ଜଗତ ପାଇଁ ସତ ଯେ ଅଟେ ଏହା

କଳା ରଙ୍ଗ ଛଡ଼ା ଆଉ ଯେ କିଛି ମୋତେ ଭଲ ନଲାଗେ କିଆଁ

ରାଗିବୁନି ଲୋ ସୁନ୍ଦରୀ ଝୋଟି କହିଲି ମୋ ମନ କଥା

ମୋ କାଳିଆ, କଳା ବୋଲି କରେ ମୁ କଳା ଚିନ୍ତା

ତୋ ସବୁ ରଙ୍ଗ ତାହା ଭିତରେ ମିଶିନ ଅଛି ଯାଇ

ତେଣୁ ବିଚାର ଜଗା ଟା ମୋର କଳା ଯାଇଛି ହୋଇ

ସେଇଥି ପାଇଁ ତୋ ହାତୁ ବେଶୁ କଳା ତ ମୋର ପ୍ରିୟ

ଜଗତ ସାରା ତୋହରି ପ୍ରେମୀ ମୁ ପାପି କଳା ପ୍ରିୟ

କାଳିଆ ରେ ତୋ ଠାରୁ ନାହିଁ କେ ସୁନ୍ଦର ଆଉ

---------------------------------------

## ସୁବାସିନୀ ତ୍ରିପାଠୀ

ହସ ଲୁହ କାନ୍ଦ ଦୁଃଖ ଓ ଖୁଶି ତ ଏହି ଜୀବନର ରଙ୍ଗ ପରା

ତୁମ ପାଇଁ ପ୍ରଭୁ ଆମ ଏ ଜୀବନ ଏହି ଛବିଳ ରଙ୍ଗରେ ଭରା

ଜୀବନ ଆକାଶୁ ଶାନ୍ତି ର ରବି ଆଜି କାହିଁ ବହୁ ଦୁରେ ???

ଶାନ୍ତିର ପ୍ରତିକ ଶୁଭ୍ରତା କୁ ଆଜି ଏ ପୃଥିବୀର ପ୍ରାଣୀ ଝୁରେ

ମିଛମାୟା ମୋହ କ୍ରୋଧ ଅହଂକାର ଏହି ରଙ୍ଗରେ ହୋଇ ରଙ୍ଗେଇ

ସୁନ୍ଦରୀ ମୋହିନି ରୂପରେ ନାଚୁଛି ବୁଦ୍ଧି ବିବେକକୁ ଜାଳିଦେଇ

ଆଉ ଥରେ ପ୍ରଭୁ ଏ ମନ ଆକାଶେ ତୁମେ ଇନ୍ଦ୍ରଧନୁ ରଙ୍ଗ ଭର

ତୁମ ସୃଷ୍ଟି ଆଉ ମଣିଷ ଜାତିକୁ ତୁମେ ନର୍କ ପଥ ରୁ ଉଦ୍ଧାର



ବିଗତ ସଂସ୍କରଣରେ ଚିତ୍ରଶିଳ୍ପୀ ଶ୍ରୀ ମୀନକେତନ ପଟ୍ଟନାୟକଙ୍କ ଅନୁରୋଧ କ୍ରମେ ଆମେ ତାଙ୍କ ଦ୍ୱାରା କୃତ ଏକ ଚିତ୍ରକୁ ସ୍ଥାନ ଦେଇ ପାଠକ ପାଠିକା ମାନଙ୍କ ନିକଟରୁ ଚିତ୍ର ସମ୍ବନ୍ଧିତ କବିତା ଲେଖି ପଠାଇବାକୁ କହିଥିଲୁ । ସମସ୍ତ ପ୍ରତିଯୋଗୀଙ୍କୁ ଆମେ ପ୍ରତିଯୋଗୀ ପ୍ରମାଣ ପତ୍ର ଦେବୁ, ନିଜ ଠିକଣା ଆମ ଇ-ମେଲ୍ ଠିକଣା aah-waan@gmail.com ରେ ପଠାଇବାକୁ ଅନୁରୋଧ ।

ରୀତା ରଥ

ଛାଡ ଛାଡ ଆଞ୍ଜନ ରାବଣ

ଲଢ଼ିବାରେ ଆଉ ନାହିଁ ପ୍ରୟୋଜନ

ନିଅ ତୁମେ ରଖ ସୀତା

ରାମ କରିବେ ଆଉ ଏକ ସମାଧାନ

-----------------------------------

ଉର୍ମିଳା ମିଶ୍ର

ଯା ଯା ରେ ହନୁମାନ

ସୀତାର ରାମ ନାହିଁ ପ୍ରୟୋଜନ

ଏଠି ସେ ଉଆସରେ ରହୁଛି

ମାଉଁସ ଭାତ ନିତି ଖାଉଛି

ସେ କଣ୍ଟା ବନକୁ ଆଉ ଯିବନି

ଫଳ ଆହାର ଆଉ କରି ପାରିବନି

ତୁମ ସ୍ୱାମୀକୁ ଯାଇ ଏ ସନ୍ଦେଶ ଦିଅ

ସେ କରିବେ ଅନ୍ୟ କିଛି ଉପାୟ

-------------------------------

ଆଶିଷ କୁମାର ପଣ୍ଡା

ଚିତ୍ର ଭିତ୍ତିକ କବିତା

ରାବଣ କହୁଛି ହନୁମାନକୁ

ରେ ତୁଚ୍ଛ ବାନର, କୁଆଡ଼େ ଆସିଛୁ ତୁହି...

ଲଙ୍କାରେ ପଶିବା, ମୃତ୍ୟୁକୁ ଡ଼ାକିବା

ଏକ କଥା

ଜାଣି ନାହୁଁ କି ତୁହି ???

ସୀତାକୁ ମୁଁ ଦେବି ନାହିଁ

କଣ ତୁ ମୋର କରିବୁ

ବେଶୀ ଚାଲାଖି ଦେଖାଇଲେ

ମୋରି ହାତରେ ମରିବୁ ।

ତୁଛାଟାରେ ଲାଗୁଛୁ ମୋ ସହ

ଜାଣି ନାହୁଁ ମୋର ବଳ

ସ୍ୱୟଂ ବ୍ରହ୍ମା ବି ଜାଣି ପାରିନାହାନ୍ତି

ଏମିତି ମୋ ଖେଳ

--------------------------------

ସୁବାଶିନୀ ତ୍ରିପାଠୀ

ରେ ରେ ଛାର ତୁ ବାନର ଜାଣି ନାହୁଁ ମତେ ତୁହି

ଲଙ୍କା ଅଧୀଶ୍ୱର ମୁଁ ଅଟେ ପରା ରାବଣ ମୋ ନାମ ଅଟେ

ବଡ଼ ତୋ ସାହାସ ଏ ଲଙ୍କାରେ ମୋର ପାଦ ତୁ ରଖିଅଛୁ

ଭାବିଛୁକି ମନେ ଜୀବନ ନେଇ କି ଏଠୁ ଫେରି ପାରିବୁ ???

ମୋ ଭଉଣୀର ନାମ କାଟିଥିଲା ସେ ଲକ୍ଷ୍ମଣ ତ ଦିନେ

ତା ଭାଉଜକୁ ଚୋରେଇ ଆଣିକି ରଖି ଅଛି ଏହି ବନେ

ତୁ କିନ୍ତୁ ଆଜି ଜୀବନ ନେଇକି ଯାଇପାରିବୁନି ଏଠୁ

ଶତ ସିଂହର ବଳ ମୋ ଠାରେ ତୁ ବଞ୍ଚିପାରିବୁ କି ମୋଠୁ ???

-----------------------------------------

## ନିତ୍ୟଦର୍ଶନ ମିଶ୍ର

ଯା ରେ ମାଙ୍କଡ଼, ଖାଇବୁ କାଙ୍କଡ଼, ବାଙ୍କ ବାବୁ ଘରେ ପଶି

ଏଠି କିସ କାମ, ତୁଣ୍ଡେ ଦେ ଲଗାମ, ଦଶାନନ କହେ ହସି

ଅନ୍ୟାୟ, ଦୁର୍ନୀତି, ନାରୀ, ପ୍ରିୟାପ୍ରୀତି, କଳାଟଙ୍କା ମୋର ଶୀର

ଲାଞ୍ଛୁଆ, ଖଟୁଆ, ଗୋଡ଼ଟଣା ନେଇ ଦୃଢ଼ ଅଛି ମୋର ଚେର

ସେ ଯୁଗରେ ଥିଲା ରାମ ମାରିଥିଲା, ଏ ଯୁଗେ ମରିବ ରାମ

ଗାନ୍ଧି ଟୋପି ପିନ୍ଧି ଲଢ଼ିବୁ କି ଆସି ବୁଦ୍ଧି ହେଲାଣି ତୋ ବାମ

ଏଣୁ ଆଗେ ଶୁଣ ପବନ ନନ୍ଦନ, ବେଗେ ପଳା ତୁହି ଯାଇ

ମେଣ୍ଟ ସରକାର ମୋ ଦଶ ଶୀରରେ ଏଠି ନ୍ୟାୟ ଧର୍ମ କାହିଁ

---

ବିଗତ ମାସରେ ଆମେ ଦେଇଥିଲୁ ଏକ ଚିତ୍ର ସହ ଏହାକୁ ସମ୍ବନ୍ଧିତ ଏକ କବିତା ଲେଖିବା ପାଇଁ ଆହ୍ୱାନ ।




## ନିହାର ରଥ

କିଏ ଚାହେଁ ଟଙ୍କା, କିଏ ଚାହେଁ ଦେହ... କେ ଚାହେଁ ମୁରବୀ ପଣିଆ

ହେଲେ ଏଇ ସବୁ ତୁଚ୍ଛ କଥା ଭାଇ ସବୁତ ଅଢ଼େଇ ଦିନିଆ....!!!

-----------------------------------

## ନିତ୍ୟଦର୍ଶନ ମିଶ୍ର

ଯେତେ କଲେ ଧନ ତୁମେ ତ ବୁଝନା, ସବୁବେଳେ ଗର ଗର

ବାହାରକୁ ସିନା ଅଫିସର ଲାଗେ, ଘରେ ତ ତୁମ ଚାକର

କେଉଁ ବେଳା ବେଳେ ହଁ ଭରିଥିଲି, କରିବି ଜୀବନ ସାଥୀ

ଅଖା ଧୋଉ ଅଛି, ଗୁଣ ଗାଉଅଛି... ତୁମ ନାମ ଜପି ନିତି

-----------------------------------

## ସ୍ୱାଇଁ ରମେଶ ଚନ୍ଦ୍ର

ମନ ଖୋଜୁଥାଏ ଆଉ ଏକ ମନ

କରିବାକୁ ନିତି ପ୍ରେମ ଆବେଦନ

ଧରିବାକୁ ଭିଡ଼ି ହୃଦୟେ ତାହାର

ବଞ୍ଚିଥିବା ଯାଏଁ ସବୁଦିନ...!!

କେହି ଚାହେଁ ଏଠି ଟଙ୍କା ଓ ପଇସା

କେହି ଚାହେଁ ତା'ର ସିନ୍ଧୁକ ଚାବି

ମିଛେ କରେ ଏଠି ପ୍ରେମର ବାହାନା

ଭଲ ପାଇବାକୁ ଛଳନା ରେ ରଖି...!!

କେହି ଚାହେଁ ଏଠି ହେବ ମାଲିକାଣୀ

ସାଜି ଆସେ ସେତ ମାୟାର ହରିଣୀ

ମୁର୍ଖ ପୁରୁଷ ଜାଣି ପାରେ ନାହିଁ

ହୋଇଯାଏ ତା'ର ମାୟା ରେ ଗୁଣି...!!!

କେହି ଖୋଜେ ଏଠି ଦେହ ର ବାସନା

ପ୍ରେମକୁ ତାହାର ଅଧରେ ଭରି...

ମୋହି ନେଇ ଯାଏ ପୁରୁଷ ମନକୁ

ସତେକି ଯେମିତି ସ୍ୱର୍ଗ ଅପ୍‌ସରୀ...!!

କିନ୍ତୁ ଗୋଟେ ହିନ୍ଦୁ ପତ୍ନୀ

ଖୋଜେ ଏଠି ସେଯେ ସୁନ୍ଦର ହୃଦୟ

ଖୋଜେ ଏଠି ତାର କୋମଲ ମନ

ବଞ୍ଚିଥିବା ଯାଏଁ ଭଲ ପାଉଥିବ

ଦେହମନ ସବୁ ତାର ପଦେ କରି ସମର୍ପଣ

---------------------------------------

## ସୁବାଶିନୀ ତ୍ରିପାଠୀ

ହଇ ହେ ତୁମକୁ ଯେତେ ମୁଁ ବୁଝେଇ କହୁଛି ତୁମ ମୁଣ୍ଡରେ ପଶୁନି କିଛି ?

ଯୋଉ କାମ ତକ ସବୁଦିନେ କର ଆଜି କାହିଁ ବାକି ଅଛି ?

ଟିକେ ଯଦି ତୁମେ ସମୟ ପାଉଛ ସେ କିରିକେଟ୍ ଖେଳ ଦେଖ ବସି

ତୁମେ କି ଭାବୁଛ ସବୁ ଘର କାମ ମୁଁ ଏକା କରିବି ତୁମ ଘରେ ଅହର୍ନିଶି ???

ସେ ଯୁଗ ଗଲାଣି ବଦଳି ଲୋ ମିତ... ଚାଲ କାମ କରିବା ମିଳି ମିଶି

--------------------------------------------------

## ରୀତା ରଥ

ଦେଖାଏ କୁଆଡ଼େ

କୁଆଡ଼େ ଦେଖୁଛ ତୁମେ ?

ଏଇପରି ଯଦି ଧ୍ୟାନଭ୍ରଷ୍ଟ ହେବ ବସେଇବି ଯୋଗାସନେ

---------------------------------------------

## ସୁବାଶିନୀ ତ୍ରିପାଠୀ

ତୁମକୁ ଯେତେ ବି ବୁଝେଇ କହିଲେ ତୁମ ମୁଣ୍ଡରେ କିଛି ନ ପଶେ

ଘର କାମ ତକ ଯେତେ ପଡ଼ିଅଛି ତୁମକୁ ଏହା ନ ଦିଶେ???

କେମିତି ଦିଶିବ କୁହ ?? ସେ ଟିଭି ତୁମର ପ୍ରିୟ...

ଘରକାମ କରି ଝଡ଼ି ମୁଁ ଗଲିଣି ତୁମର ଅଛି କି ଲୟ ?????

---------------------------------------------

## ଆଦିତ୍ୟ ସାହୁ

ଆରେ କିଆଁ ତୁମେ ଏମିତି ହଉଛ

ମନର କଥା କୁ ମନେ ମାରି ଦେଇ

ପ୍ରେମର ପୁସ୍ତକ ପଢୁଛ

ଡ଼ର ଅଛି ଯଦି ତୁମ କୁ ମୋର... ଘରୁ ମୋର ଜଲ୍‌ଦି ତୁମେ ବାହାର

ପ୍ରେମ କରୁଛ ତୁମେ ଲୁଚି ଲୁଚିକା

ଝିଅ ଦେଖି ତୁମେ ମାର ଆଖି ମିଟିକା

କଥା ରେ କଥାରେ କର ଗୋ ଗାଳି

ଭାବିଛ କି ତୁମେ ମୋଠୁ ଯିବ କି ବଳି

--------------------------------------

## ଆଶିଷ କୁମାର ପଣ୍ଡା

ସବୁ ଦିନ ରାତି ଏଗାର ରେ ଆସି ଲଗାଉଛ ଗୋଟେ ପାଲା

ବାହାର ମୋ ଘରୁ ତମେ, ନହେଲେ ମାରିଦେବି ମୁଁ ଢ଼େଲା

ମଦ ପିଉଛ, ବାର୍ ଯାଉଛ

କନ ନାହିଁ କଣ କରୁଛ

ସବୁ ସହୁଛି ମୁଁ, ଆଉ ପାରିବିନି ସହି

ଡେରି ରେ ଆସିବା ବନ୍ଦ ନ କଲେ କବାଟ ପକେଇବି ମୁହିଁ

କଣ କରିବ ଭାବ

ଚାଲିଲି ମୁଁ ମୋ ବାପ ଘରକୁ

ପରେ କରୁଥିବ ମୋତେ ଠାବ...!!!

-----------------------------------------------

ଉର୍ମିଳା ମିଶ୍ର

ଚବିଶ ଘଣ୍ଟା ଲ୍ୟାପଟପ୍ ଚାଲିଛି, କୁଆଡ଼େ ନାହିଁ ନଜର

ମୁଁ କହୁଛି ମୋ ସ୍ୱାମୀ ପାରିବାର କରୁଛନ୍ତି ବସି ବେପାର

ଏଇ କାମ ଏଠି ଚାଲିଛି

ଏଫ୍ ବି ଖୋଲିକି ସୁନ୍ଦରୀ ଝିଅଙ୍କ ସହ ମନ ଦିଆନିଆ ଚାଲିଛି

ଶୀଘ୍ର ଯା ଗ୍ୟାସ ଆଉ ପରିବା ଆଣିବ

ନହେଲେ କହୁଛି ଆଜି ଓପାସ ରହିବ

-------------------------------------------

କଥା ଓ କବିତା



ବିଗତ ମାସରେ ଆମ ଫେସ୍‌ବୁକ୍ ଗ୍ରୁପ୍ କଥା ଓ କବିତାରେ ଏମିତି ଥଟାରେ ଗୋଟିଏ ପୋଡ଼ା ବାଇଗଣର ଚିତ୍ର ଦେଇଥିଲେ ଆମ ଗ୍ରୁପ ସଦସ୍ୟା ଶ୍ରୀମତି ଗୋଲାପ ମଞ୍ଜରୀ ପଣ୍ଡା, ହେଲେ ସେହି ପୋଡ଼ା ବାଇଗଣ ମଧ୍ୟ ଆମ ସଦସ୍ୟମନରେ ସୁପ୍ତ ଥିବା କବିକୁ କିପରି ଜାଗ୍ରତ କରାଇଥିଲା ତାହାର ନିଦର୍ଶନ ନିମିତ୍ତ ଏହି ଉପସ୍ଥାପନା କରୁଛି । ଏଥିରେ ଥିବା ସମସ୍ତ ଲେଖା ଆମ ସଦସ୍ୟମାନେ ଚିତ୍ରଟି ଗ୍ରୁପ ପଟ୍ଟରେ ପଡ଼ିବାର ମାତ୍ର କେଇ ମିନିଟ୍ ଭିତରେ ଦେଇଥିଲେ ।

## ସରୋଜ ମିଶ୍ର

ହେ ନୀଳ ବର୍ଣ୍ଣିନୀ ବାଇଗଣ ରାଣୀ ତୁମ ଆଗମନ ଜାଣି

ଧରଣୀରେ ସର୍ବେ ଜୀଭ ଲେଉଟିଲେ ମୁଖରେ ସାଗର ପାଣି

ନୀଳ ବର୍ଣ୍ଣ ତଳେ ଲୁଚିଛି ଗୋ ତୁମ ଛନ ଛନିଆ ବଦନ

ଉଚ୍ଛୁର ନ କର ଓହ୍ଲାଇ ଆସଗୋ ସର୍ବେ ଯୋଡ଼ୁଛନ୍ତି କର

ଦୁଃଖୀ ସଙ୍ଖାଳି ମୋ ନୟନ ପିତୁଳୀ ବଢ଼ାଅ କେତେ ଲାଳସା

ତୁମେ ପରା ରାଣୀ ଦୁଃଖୀର ଚାନ୍ଦିନୀ ସଖୀ ତ ପଖାଳ କଂସା

ହଂସା ଉଡ଼ିଲାଣି ରୋଷ ଛାଡ଼ି ଆଗୋ ଓହ୍ଲାଅ ଅବନୀ ଛାଡ଼ି

କଞ୍ଚା ଲଙ୍କା ଆଉ ରସୁଣ ପିଆଜ ତେଣେ ପକେଇଲେ ରଡ଼ି

ବନ୍ଧୁଙ୍କୁ ସ୍ୱାଗତ କରିବା ପାଇଁକି ସର୍ବେ ହେଲେ ଏକଜୁଟ

ଆଳୁ ମଉସା ଟି ଗଡ଼ି ଗଡ଼ି ତେଣେ ଚାହିଁ ବସିଛନ୍ତି ବାଟ

ବସିଯାଅ ଥରେ ବନ୍ଧୁଙ୍କ ପାଶରେ ସବୁ ରାଗ ରୂଷା ଛାଡ଼ି

ମହକି ଯିବେ ଗୋ ତୁମ ସାଥେ ମିଳି ପଖାଳକୁ ଦେବେ ତଡ଼ି

ଯେତେ ଆସିଛନ୍ତି ତୁମଠାରୁ ବଡ଼ ସବୁ ଫିକା ତୁମ ଆଗେ

ତୁମ ହାଓ୍ୱାରେ ଢୁଳେଇ ବସନ୍ତି ସତେବା ଗଭୀର ଯୋଗେ

ଓଡ଼ିଶାବାସୀଙ୍କୁ ଯୁଗେ ଯୁଗେ ସାହା ଏହି ପରି କରି ପ୍ରୀତି

ଥିବା ଯାଏଁ ଧରା ହାତଯୋଡ଼ି ସର୍ବେ କରିବେ ତୁମ ଆରତୀ

---------------------------------------

ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଦେଖ କବିତାର କରାମତି

ଭୟଙ୍କର ବୋମା କୁ ବି କରି ଦିଅନ୍ତି

ସୁନ୍ଦର କୃତୀ

ସରୋଜ ଭାଇ ଚମତ୍କାର ଲେଖିଲେ

ଆମକୁ ସିନା ଡ଼ରାଉଥିଲା ବାଇଗଣ

ସେ କେଜାଣି କେମିତି ଏତେ କଥା ଦେଖିଲେ ???

-----------------------------------

ସରୋଜ ମିଶ୍ର

କବିତାର ପାଖେ କବି ଭାଷା ସାଥେ ବମ୍ ହୋଇଯାଏ ବଣା

ନ ଫୁଟି ହୁଅଇ ଫୁଲଠୁ ନରମ ବାସେ ଘର ଓ ଅଗଣା

-------------------------------------

ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପରିବା ମାନଙ୍କ ଭିତରେ ବାଇଗଣ ରଜା

ବିନା ବାଇଗଣ ରେ ଖାଇବା ରେ କି ମଜା ???

ଆଳୁ ହେଉ ଅବା ପିଆଜ ହେଉ, ହେଉ ଅବା ଟମାଟ

ସାରୁ କନ୍ଦମୂଳ, କାକୁଡ଼ି ବା ଛୁଇଁ

ସବୁ ସାଥୀରେ ସହଜରେ ମିଶିଯାଏ ବାଇଗଣ

ସେଇଥି ପାଇଁ ବିନା ବାଇଗଣ ରେ ଅସୁଆଦ ସବୁ ତୁଣ

-------------------------------------------

ସରୋଜ ମିଶ୍ର

ସତ କଥାଟିଏ କହିଲ ହେ ବାବୁ ସବୁ ୟାର କରାମତି

ତାବିନା ଡ଼ାଲେମା ଫଳଥାଏ ପାଣି ମିଶେ ନହୁ କର ଜାତି

ଏହି କବିତାକୁ ଆହ୍ୱାନର ପାଇଁ ଭେଟି ଦେଲି ଏହିପରି

କପି କରିନିଅ ଆହୁରି ଲେଖୁଛି ଏହା ସାଙ୍ଗେ ଦେବ ଯୋଡ଼ି

--------------------------------

## ସବିତା ପ୍ରଧାନ

ଆହେ ବାଇଗଣୀ ପରିବା ରାଣୀ

ସରୋଜ ଭାଇ କାଟିଲେ ତମର କାନି

ମୁହଁକୁ ଲୁଚା ଏଠୁ ଖସିଯା ନହେଲେ ରହିବନି ତମ ଓଢ଼ଣୀ

-----------------------------

## ରୀତା ରଥ

ସରୋଜ ଭାଇଙ୍କ ବାଇଗଣ ଛୁଙ୍କ

ଜ୍ୟୋତି ଭାଇଙ୍କ ପରସା

କଥା କବିତାରେ ପଖାଳ ଆସର ଲାଗଇ ବଡ ସରସ

------------------------------------

## ଅକ୍ଷୟ ରାଉତ

ସରୋଜ ଭାଇନା କଣ କଲ

ମୋ ପାଟିରୁ ଲାଳ ଗଡ଼ାଇ ଦେଲ

କଞ୍ଚା ଲଙ୍କା ସାଥେ ପିଆଜ ଧରି

ରସୁଣ ବାସନା ରେ ହେଲି ମୁଁ ଘାରି

ଠାକୁର କରନ୍ତୁ ଭଲରେ ରୁହ

ବାଇଗଣ ଭକ୍ତି ଜଗତେ ଗାଓ

------------------------------------

## ସରୋଜ ମିଶ୍ର

ବଢ଼ିଆ ଲେଖିଲ ବସିକି ଭାବି

କବି ଗହଣରେ ହୋଇଲ କବି

ବାଇଗଣ ଭକ୍ତି ଯା'ଠାରେ ଅଛି

ନିଜକୁ ଓଡ଼ିଆ ସେ କହିଛି

-----------------------------------

## ଅକ୍ଷୟ ରାଉତ

ଜ୍ୟୋତି ଭାଇନା ହେ ଜ୍ୟୋତି ଭାଇନା

ତୁମେ ଆଉ ସେଠି ଛୁଙ୍କ ମାରନା

ନାହି ତାର ଜାତି, ନାହି ତାର ଧର୍ମ

ନା ସିଏ ଶିଖ୍, ଖ୍ରୀଷ୍ଟ ମୁସଲ୍‌ମାନ

ସେ ଯେ ପଖାଳର ପଖାଳ ତାହାର

କେହି କାହାରିକୁ ଛାଡି ପାରେନା

-----------------------------------

## ସରୋଜ ମିଶ୍ର

ତୁମ କାରିଗରୀ ଦେଖିଛୁ ଭଉଣୀ ଯାଇନୁ ତାହାକୁ ଭୁଲି

ଆମ ପାଇଁ ସିଏ ହସି ହସି ଦିଏ

ଜୀବନକୁ ଜଳାଞ୍ଜଳୀ

ଗତ ସଂସ୍କରଣରେ ଆମେ ପଚାରିଥିଲୁ ପାଠକମାନଙ୍କ ନିମନ୍ତେ ଗୋଟିଏ ଗୁରୁତର ପ୍ରଶ୍ନ :

‘ଭାରତ ଭୂମିରେ ଆସି ଆତଙ୍କଲୀଳା କରୁଥିବା ଆତଙ୍କବାଦୀ ମାନଙ୍କୁ ରାଷ୍ଟ୍ରୀୟ ସୁରକ୍ଷା ଦେଇ ବଞ୍ଚାଇ ରଖିବା କେତେଦୂର ଯୁକ୍ତିଯୁକ୍ତ ?’

ଏହି ପ୍ରଶ୍ନର ଉତ୍ତରରେ ଆମକୁ ମିଳିଥିବା ସମସ୍ତ ମତାମତ ମଧ୍ୟରୁ ମାତ୍ର କେତୋଟିକୁ ଏଠାରେ ଉପସ୍ଥାପନ କରୁଛୁ ।

ପର୍ଶୁରାମ ଦାସ

ତୁରନ୍ତ ଗୁଳି କରି ମାରିଦେବା ଦରକାର ।

ରୀତା ରଥ

ଘରର ଶତୃଙ୍କୁ ଯିଏ ମାରି ପାରନ୍ତିନି... ବାହାର ଆତଙ୍କବାଦୀକୁ କେମିତି ମାରିବେ ? ସେ ଡ଼ରେଇ ଥିବ, ଗୋଟେ କସାବ୍ ମଲେ ଲକ୍ଷେ ଜନ୍ମ ହେବେ, ତେଣୁ ଡ଼ରି ଯାଇଛି ସରକାର ।

ପର୍ଶୁରାମ ଦାସ

ରୀତା ଆପଣ ଠିକ୍ କହୁଛନ୍ତି ବୋଧ ହୁଏ ।

ଆଦିତ୍ୟ ସାହୁ

ଆମର ଏଠି ଗୃହଭେଦୀ ବିଭିଷଣଙ୍କ ସଂଖ୍ୟା କମ ନାହିଁ... ଯେଉଁ ଭାରତୀୟମାନେ ୭/୧୧ ବ୍ଲାଷ୍ଟରେ ଧରା ପଡ଼ିଥିଲେ ଯଦି ସେମାନଙ୍କୁ ଫାଶୀ ଦିଆ ଯାଇଥାନ୍ତା ତେବେ ବାହାର ଶତୃମାନଙ୍କୁ ମଧ୍ୟ ଡ଼ର ଲାଗିଥାନ୍ତା । ଆଉ ଅନ୍ୟକଥା ଆଜି କସାବ୍ ର ସବୁ କିଛି ଟେଷ୍ଟ ହେଇ ସରିଲା ପରେ ସେ ଆତଙ୍କବାଦୀ ପ୍ରମାଣ ହେଇ ସରିଲାପରେ ଆମ ସରକାର ନିରବ ଅଛି, ବାସ୍ ତାରିଖ ପରେ ତାରିଖ୍ ଦେଇ ଚାଲିଛି... କସାବ ମୁମ୍ବାଇର ଛତ୍ରପତି ଶିବାଜୀ ଟର୍ମିନାଲରେ ଗୁଳି ଚଳାଉଥିବାର ଫୋଟୋ ଚିତ୍ର ରହିଥିବା ପରେ ଆଉ ଠାରୁ ଆଉ ଅଧିକ କଣ ପ୍ରମାଣ ଦରକାର ? ମୋ ମତରେ ତାକୁ ତୁରନ୍ତ ଫାଶୀ ଦିଆଯାଉ ।

କରଣ ପଟ୍ଟନାୟକ

ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ପରିବର୍ତ୍ତନର ଆବଶ୍ୟକତା ରହିଛି । ଯିଏ ଆତଙ୍କ ଖେଳାଉଛି, ତାକୁ ତୁରନ୍ତ ଦଣ୍ଡ ବିଧାନ କରିବା ଆବଶ୍ୟକ, ସେଥିରୁ ଅନ୍ୟମାନେ ଡ଼ରିବେ ମଧ୍ୟ ।

ଆଶିଷ କୁମାର ପଣ୍ଡା

ଦୋଷକୁ ଘୃଣା କର, ଦୋଷୀକୁ ନୁହେଁ ।

ପର୍ଶୁରାମ ଦାସ

ଆତଙ୍କି ମାନଙ୍କୁ ପୂଜା କରିବା କି ?

ଆଶିଷ କୁମାର ପଣ୍ଡା

ପର୍ଶୁରାମ ବାବୁ, ଯଦି କୌଣସି ବ୍ୟକ୍ତି ପାଗଳପ୍ରାୟ ହୋଇଯାଏ ତେବେ ତାକୁ ପାଗଳ କୁକୁର ପରି ଗୁଳି କରି ମାରିଦେବା ଉଚିତ ।

ରୀତା ରଥ

ଆଶିଷ ବାବୁ ଆପଣଙ୍କ କଥାଟା ଯୁକ୍ତିଯୁକ୍ତ ହେବା ସତ୍ତ୍ୱେ ଏହି କ୍ଷେତ୍ରରେ ତାହା ସଂପୂର୍ଣ୍ଣ ପ୍ରଯୁଜ୍ୟ ହେବ ନାହିଁ । ଯଦି ଆମେ ଆତଙ୍କବାଦୀଙ୍କୁ କଡ଼ା ଜବାବ୍ ଦେବା ନାହିଁ ତେବେ ସେମାନେ ଡ଼ରିବେ ନାହିଁ । ମୋ ମତରେ ଆତଙ୍କବାଦୀ ହୁଅନ୍ତୁ ବା ସେ ଯେକୌଣସି ବ୍ୟକ୍ତି ହୁଅନ୍ତୁ ଯେ ବି ସର୍ବସାଧାରଣରେ ଆତଙ୍କ ଖେଳାଏ ତାକୁ ସର୍ବସାଧାରଣ ହିଁ ଦଣ୍ଡ ଦେବା ଉଚିତ । ଯେଉଁଠି ଆତଙ୍କ ହେଉଛି ସେଇଠି ହିଁ ଜନତାଙ୍କ ଦ୍ୱାରା ଦଣ୍ଡବିଧାନ କରିବା ଉଚିତ୍ । ଯେଉଁ ଯୁବକ ମାନେ ଆତଙ୍କି ମାନଙ୍କୁ ଦଣ୍ଡ ଦେବେ ସେମାନଙ୍କୁ ଉଚିତ ପୁରସ୍କାର ଦେବା ଉଚିତ ।

ପର୍ଶୁରାମ ଦାଶ

ରୀତା ଆପଣ ସମ୍ପୂର୍ଣ୍ଣ ସଠିକ୍ କଥା କହିଛନ୍ତି ।

## ଆଶିଷ କୁମାର ପଣ୍ଡା

ମୋ ମତରେ ଆତଙ୍କବାଦୀଙ୍କୁ ମାରି ଦିଆନଯାଇ ସାରା ଜୀବନ ପାଇଁ ପଙ୍ଗୁ କରି ଦିଆ ଯାଇପାରେ । ଏହାଫଳରେ ସେମାନେ ନିଜ ଭୁଲପାଇଁ ପଶ୍ଚାତାପ କରି ପାରନ୍ତେ ।

## ଆଦିତ୍ୟ ସାହୁ

ଗୋଡ଼ କାଟିଦେଇ କିଛି ଲୋକ ଭିକ ମାଗୁଥିବା କଥା ଆମେ ଶୁଣିଛୁ । ଏହା ଫଳରେ କେହି ମରି ଯାଆନ୍ତି ନାହିଁ, ତେଣୁ ଆତଙ୍କବାଦୀଙ୍କ ମୁଣ୍ଡରୁ ଆତଙ୍କରାଜକୁ ଲିଭାଇବା ପାଇଁ ସେମାନଙ୍କୁ ମୃତ୍ୟୁଦଣ୍ଡ ହିଁ ଦିଆଯିବା ଉଚିତ ।

## ରୀତା ରଥ

ପଙ୍ଗୁ କରିଦେଲେ କଣ ମସ୍ତିଷ୍କ ମରିଯିବ । ଆତଙ୍କବାଦ ଏତେ କ୍ଷୀପ୍ର ହୋଇଗଲାଣି, ତୁମେ ଜାଣିପାରିବ ନି ଯେ ଅନେକ ଗୁଣ୍ଡା ଓ ଦାଦା ଭୁବନେଶ୍ୱର ଜେଲରେ ରହୁଛନ୍ତି, ତଥାପି ଜେଲରେ ଥାଇ ତାଙ୍କ ଆତଙ୍କ ଚଳାଇଛନ୍ତି । ତେଣୁ ଏମିତିକା ଗୁଣ୍ଡା ଆତଙ୍କବାଦୀଙ୍କୁ ମାରିଦିଆ ଯିବା ଉଚିତ, ଏହାଫଳରେ ହିଁ ସେମାନଙ୍କ ମଧ୍ୟରେ ଭୟର ସଞ୍ଚାର ହେବ ।

ଆତଙ୍କବାଦୀ ମାନେ ଅନାୟାସରେ ଆମ ଦେଶରେ ପ୍ରବେଶ କରି ପାରୁଛନ୍ତି କାରଣ ଆମର ଏଠି ସମସ୍ତେ ଭ୍ରଷ୍ଟାଚାରରେ ଲିପ୍ତ । ଟଙ୍କା ଦେଖିଲେ ନିଜ ନିୟତ୍ ବି ବିକି ଦେଉଛନ୍ତି । ରାସ୍ତାରେ ଦୁର୍ଘଟଣାରେ ପଡ଼ିଥିବା ଲୋକକୁ କେହି ସାହାଯ୍ୟ କରନ୍ତି ନାହିଁ ଖାସ ପୋଲିସର କେସ୍‌ରେ ନ ପଡ଼ିବା ପାଇଁ, ତା ହେଲେ ଉପର ସ୍ତରରେ କଣ ହେଉଥିବ ତାହା ସବୁ ବୁଝି ପାରୁଥିବେ ।

ଭ୍ରଷ୍ଟାଚାର ଦୂର ହେଲେ ଅନେକ ସମସ୍ୟା ଦୂର ହୋଇ ପାରିବ । ଆନ୍ନା ହଜାରେ ଏହା ବିରୋଧରେ ଆନ୍ଦୋଳନର ସୂତ୍ରପାତ କରିଛନ୍ତି । ପ୍ରତ୍ୟେକ କାମ ସମୟ ଅନୁସାରେ ହେଉ, ଭ୍ରଷ୍ଟାଚାରୀଙ୍କୁ ସର୍ବ ସମ୍ମୁଖରେ ଦୋଷୀ ସାବ୍ୟସ୍ତ କରାଯାଇ ଦଣ୍ଡ ବିଧାନ କରାଯାଉ, ଜନତା ସେମାନଙ୍କ ଅଭିଯୋଗ ଦେବା ପାଇଁ ଏକ ନିଃଶୁଳ୍କ ଫୋନ ନମ୍ବର ପାଆନ୍ତୁ ।

ଯେତେ ଦିନ ଯାଏଁ ଆମେ ନିଜେ ପରିବର୍ତ୍ତନ ହେବା ନାହିଁ ଆମକୁ କୌଣସି ନୀତି

ବା ନିୟମ ସୁରକ୍ଷା ଦେଇ ପାରିବ ନାହିଁ । ଆମେ ନିଜକୁ ଦୁର୍ନୀତି ମୁକ୍ତ ରଖିବା ଅତ୍ୟନ୍ତ ଜରୁରୀ ।

### ବାଲ୍ମିକୀ ନାୟକ

ଆଦୌ ଯୁକ୍ତିଯୁକ୍ତ ନୁହେଁ । କିନ୍ତୁ ଏଥି ପାଇଁ ଆମର କାନୁନ୍ ବ୍ୟବସ୍ଥା ଦାୟୀ । ତାକୁ ପରିବର୍ତ୍ତନ କିମ୍ବା ସଂଶୋଧନ କରିବ କିଏ ଓ କେବେ ? ଆମ ଦେଶର କାନୁନରେ ସମୟୋପଯୋଗୀ ପରିବର୍ତ୍ତନ ନ ହେବା ଯାଏଁ ଆମେ ଏମିତି ଅନେକ ସମସ୍ୟା ଭୋଗ କରୁଥିବା । ଅନ୍ୟକୁ ଦୋଷ ଦେଇ କିଛି ଲାଭ ନାହିଁ । କାରଣ ସମସ୍ତେ କାନୁନ୍ ଆଗରେ ଅସହାୟ ହୋଇ ପଡୁଛନ୍ତି ।

### ଚିନ୍ମୟ ନାୟକ

କସାବ ଉପରେ ୧୫ କୋଟି ଖର୍ଚ୍ଚ ହୋଇ ସାରିଲାଣି । ସେଇ ପଇସା ଖର୍ଚ୍ଚ କରିଥିଲେ କେତେ ଗରୀବ ଲୋକଙ୍କୁ ଖାଇବାକୁ ମିଳିଥାନ୍ତା ।

### ଉର୍ମିଳା ମିଶ୍ର

ପ୍ରକୃତରେ ଦେଖିବାକୁ ଗଲେ ପରିସ୍ଥିତି ହିଁ ଲୋକଙ୍କୁ ଚରମ ପନ୍ଥୀ ବା ନରମ ପନ୍ଥୀ କରି ଥାଏ । କିନ୍ତୁ ଯେତେବେଳେ ଏଇଟା ସେମାନଙ୍କର ସୌକରେ ପରିଣତ ହେଇଗଲାଣି । ସେମାନେ ସୁଧୁରିବାର ନାଁ ଧରୁ ନାହାନ୍ତି ନିରିହ ଲୋକଙ୍କ ପ୍ରତି ଅତ୍ୟାଚାର କରୁଛନ୍ତି । ସେତେବେଳେ ମୋ ମତରେ ସେମାନଙ୍କୁ ନିର୍ବାସନର ଦଣ୍ଡ ଦେବା ଉଚିତ୍ । ରାଷ୍ଟ୍ରୀୟ ସୁରକ୍ଷା ଦେବା ଉଚିତ ନୁହଁ । ବର୍ତ୍ତମାନର ପରିସ୍ଥିତି ଯାହା ହେଇଛି, କାହାକୁ ଆଉ ବୁଝେଇବାର ବେଳ ନାହିଁ, ପରିସ୍ଥିତି ନାହିଁ, ତେଣୁ କିଛି ଷ୍ଟେପ୍ ନେବା ଦର୍କାର ।

### ଆଶିଷ କୁମାର ପଣ୍ଡା

ଜାଗି ଉଠିବା ସମୟ ଆସିଛି ।

ପ୍ରଥମେ ଦେଶର ଆଇନ କାନୁନ୍ କୁ ସଜାଗ ରହିବାକୁ ପଡ଼ିବ । କହିବାକୁ ଗଲେ ଆମ ଦେଶର କାନୁନ ବ୍ୟବସ୍ଥା ବହୁତ ଢ଼ିଲା ।

ଜଳ ବାହିନୀକୁ ସମୁଦ୍ରର ମଧ୍ୟରେ ପହରା ଦେବାକୁ ହେବ । ଆତଙ୍କବାଦୀ ମାନେ କୌଣସି ପଶୁଠୁ ବି ହୀନ ନୁହନ୍ତି । ମାନବିକତା ନାହିଁ ସେମାନଙ୍କ ପାଖରେ । ମୁଁ ଭାବୁଛି

ଆମ ଦେଶରେ ହିଁ କେତେକ ଦେଶଦ୍ରୋହୀ ସେମାନଙ୍କୁ ଆମ ଦେଶରେ ପଶାଇ ଦେଉଛନ୍ତି । ଦେଶ ଦ୍ରୋହୀ ମାନଙ୍କୁ ଖୋଜି ବାହାର୍ କରିବାକୁ ପଡ଼ିବ ।

ସୁଜିତ କୁମାର ସାହୁ

କସାବ କଥା କହିବାକୁ ଗଲେ... ସରକାର କେବେ ବି ତାକୁ ମାରିବନି ।

କୁମାର୍ ଅଜିତ

ଆଦୌ ସୁରକ୍ଷା ଦେବା ଉଚିତ ନୁହେଁ । ଦେଖିବା ମାତ୍ରେ ଗୋଳି ମାରିଦେବା ଉଚିତ । ଯଦି ଆମେ ଆତଙ୍କବାଦୀ ମାନଙ୍କୁ ସୁରକ୍ଷା ଦେବା ତାହା ହେଲେ ଆମ ଦେଶ ଅସୁରକ୍ଷିତ ହୋଇଯିବ ।

ଚଳିତ ମାସର ପ୍ରଶ୍ନ : –

## ଓଡ଼ିଶାର ଏକ-ତୃତୀୟାଂଶ ଜିଲ୍ଲା(୧୦) ବନ୍ୟା ବିଭୀଷିକା ସହୁଥିବା ସମୟରେ କୋଟି କୋଟି ଟଙ୍କା ବ୍ୟୟ କରି ସୁଦୃଶ ତୋରଣ ନିର୍ମାଣ କରି ଦୁର୍ଗାପୂଜା ପାଳନ କରିବା ଯୁକ୍ତି ଯୁକ୍ତ କି ?


ଆପଣଙ୍କ ମତାମତ ଆପଣ ଆମ ଇ-ମେଲ୍ ଠିକଣା aahwaan@gmail.com ରେ ଦେଇ ପାରିବେ କିମ୍ବା ଫେସ୍‌ବୁକରେ ଥିବା ଆମ ଗ୍ରୁପରେ ଦେଇ ପାରିବେ । ଆମ ଗ୍ରୁପର ଠିକଣା ନିମ୍ନରେ ଦିଆଯାଇଛି ।

Aahwaan Group : –

https://www.facebook.com/groups/aahwaan/

Katha o Kabita Group : –

https://www.facebook.com/groups/146695028745928/




ଚଳିତ ମାସର ସଂସ୍କରଣକୁ ଡ଼ାଉନଲୋଡ୍ କରି ପଢ଼ିଥିବା ହେତୁ ଆପଣଙ୍କୁ ଧନ୍ୟବାଦ ।

ଏହି ଇ-ପତ୍ରିକା ବିଷୟରେ ଆପଣଙ୍କ ମତାମତ ଆପଣ ଆମ ଇ-ମେଲ୍ ଠିକଣା aahwaan@gmail.com ରେ ଦେଇ ପାରିବେ କିମ୍ବା ଫେସ୍‌ବୁକରେ ଥିବା ଆମ ଗ୍ରୁପରେ ଦେଇ ପାରିବେ ।